ସମାଜ ସଂସ୍କାରକ

ବୈରାଗୀ ମିଶ୍ର

କୈଳାସ ଚନ୍ଦ୍ର ଦାଶ

Digitized by srujanika@gmail.com

ସମାଜ ସଂସ୍କାରକ

ବୈରାଗୀ ମିଶ୍ର

କୈଳାସ ଚନ୍ଦ୍ର ଦାଶ

Digitized by srujanika@gmail.com

ସମାଜ ସଂସ୍କାରକ ବୈରାଗୀ ମିଶ୍ର

ଲେଖକ
କୈଳାସ ଚନ୍ଦ୍ର ଦାଶ

ପ୍ରକାଶକ
ସମଦୃଷ୍ଟି ପବ୍ଲିକେସନ୍ସ
ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧

© କୈଳାସଚନ୍ଦ୍ର ଦାଶ

ପ୍ରଥମ ପ୍ରକାଶନ : ୨୦୦୬

ମୁଦ୍ରଣ :
ଶିକ୍ଷା ପ୍ରକାଶନୀ
ରୋଡ୍-୧, ୨୬୬, ଜଗନ୍ନାଥବିହାର
ବରମୁଣ୍ଡା, ଭୁବନେଶ୍ୱର - ୭୫୧୦୦୩
ମୂଲ୍ୟ : ଟ.୮୦/-

Samaj Samskaraka Bairagi Mishra

Writer
Kailash Chandra Dash

Publisher
Samadrusti Publications
Sailasree Vihar, Bhubaneswar-21

© Kailash Chandra Dash

First Edition : 2006

Printed at:
Siksha Prakashani
Road-1, 266 Jagannath Vihar
Baramunda, Bhubaneswar-751003

Price : Rs.80/-

Digitized by srujanika@gmail.com

ମୁଖଶାଳା

ଓଡ଼ିଶାର ସାମାଜିକ ଇତିହାସ ରଚନା ଏ ପର୍ଯ୍ୟନ୍ତ ବୈଜ୍ଞାନିକ ରୀତିରେ ହୋଇପାରି ନାହିଁ। ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଶାର ସମାଜ ସମ୍ପର୍କରେ ଆଲୋଚନା କଲାବେଳେ ତଥ୍ୟର ଅଭାବ ପରିଲକ୍ଷିତ ହୋଇଥାଏ, କିନ୍ତୁ ବ୍ରିଟିଶ ଔପନିବେଶିକ ଶାସନ ପର୍ଯ୍ୟାୟରେ ଓଡ଼ିଶାର ସମାଜରେ ଯେଉଁ ପରବର୍ତ୍ତନ, ପ୍ରତିବାଦ ଓ ପୁନର୍ଗଠନ ପାଇଁ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଥିଲା, ସେ ସମ୍ପର୍କରେ ବହୁ ନିର୍ଭରଯୋଗ୍ୟ ଉପାଦାନ ରହିଛି। ଏହି ସାମାଜିକ ଇତିହାସ ଚର୍ଚ୍ଚାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସମାଜ ସଂସ୍କାରକମାନଙ୍କ ଜୀବନ ଚର୍ଚ୍ଚା। ଔପନିବେଶିକ ଶାସନ ପର୍ଯ୍ୟାୟରେ ଓଡ଼ିଶାରେ ପରମ୍ପରା ଓ ପ୍ରାଚୀନତାକୁ ମାନିନେବା ପାଇଁ ବହୁ ବିଜ୍ଞପଣ୍ଡିତ ସ୍ୱର ଉଠାଇଥିଲେ। ସେମାନଙ୍କର ସ୍ୱର ବିପକ୍ଷରେ ସଂସ୍କାରକ ଦଳ ଦେଖା ଦେଇଥିଲେ। ସଂସ୍କାରକମାନେ କୁସଂସ୍କାର ବିରୁଦ୍ଧରେ ସ୍ୱର ଉଠାଇଥିଲେ। ପ୍ରତିବାଦ କରିଥିଲେ ଅନ୍ଧାନୁସରଣ ବିପକ୍ଷରେ ନିଜର ଲେଖା ଓ ସଙ୍ଗଠନ ମାଧମରେ ଏବଂ ସମାଜର ପୁନର୍ଗଠନ ପାଇଁ ଦାବି କରିଥିଲେ।

ଓଡ଼ିଶାରେ ରକ୍ଷଣଶୀଳ ଭାବଧାରାର ସୁରକ୍ଷା ପାଇଁ ଏବଂ ସଂସ୍କାର ବିରୁଦ୍ଧରେ କିପରି ଅଭିଯାନ ଚାଲିଥିଲା ସେ ସମ୍ପର୍କରେ ସମ୍ବଲପୁର ହିତୈଷିଣୀର ୧୫ନଭେମ୍ବର ୧୮୯୩ ସଂଖ୍ୟାରେ 'କଳିଯୁଗରେ ବାବୁରୂପୀ ଏକାଦଶ ଅବତାର' ଶୀର୍ଷକ କବିତାରେ ଜଣେ ହିନ୍ଦୁ ଲେଖିଥିଲେ:

ପ୍ରାଚୀନ କବିତା ଗ୍ରନ୍ଥ ଗଡାଗଡ଼ି ଯିବ
ଇଂରାଜୀ ମିଶା କାବ୍ୟର ଆଦର ବଢ଼ିବ।
ନବ୍ୟ ବାବୁ ରଚିକାବ୍ୟ ନବ୍ୟ ଧରଣରେ
ଉତ୍ସର୍ଗ କରିବେ ତାକୁ ୱାଇଫ୍ ନାମରେ
ଗୋଡ଼ି ଚୋବା ଶବ୍ଦ ପୁଣି ଥିବ ଭାଡ଼ି ଭାଡ଼ି
ରସେ ପରିପୂର୍ଣ୍ଣ ଯେତେ ଶୁଷ୍କ ପୋଇଖାଡ଼ି।
ସ୍ନାନ ଅନ୍ତେ ସେବା ପୂଜା ସବୁ ଭୁଲି ଯିବ
ନିର୍ମାଲ୍ୟ ପାଇବା ଗୋଟେ ଦୁଷ୍କର ହୋଇବ।
ଚିତାକଟା ମାଳିଜପା କେପଚାରେ ଭାଇ
ପବିତ୍ର ହୋଇବେ ଯେଣୁ ପାଉରୁଟି ଖାଇ
କାଷ୍ଠପାଷାଣ ଜ୍ଞାନରେ ଦେବଦେବୀ ପ୍ରତି
ସତତ କରିବେ ଘୃଣା ବାବୁମାନେ ଅତି।
ଶିବଟି ଶ୍ମଶାନବାସୀ କୃଷ୍ଣ କଳାଙ୍ଗାର

Digitized by srujanika@gmail.com

କାଳୀପୂଜା, ଦୁର୍ଗୋତ୍ସବ ଅଟେ କୁସଂସ୍କାର।
ବିବାହର ମନ୍ତ୍ର ନାହିଁ ବ୍ରାହ୍ମଣ ଚାତୁରୀ
ରେଜିଷ୍ଟରୀ କରି ବିଭା ହେଲେ ବାହାଦୁରୀ
ପୈତାଗୁଚ୍ଛ ବୃକ୍ଷୋତ୍ପନ୍ନ ମାତ୍ର ଦେହଭାର
ନିର୍ବୋଧ ବ୍ରାହ୍ମଣେ ତାହି ପକାନ୍ତି ଗଳାର
ଉଚ୍ଚନିଚ ଭେଦଯାକ ଯିବଦୂର ହୋଇ
ପଠାଣ ସଙ୍ଗତେ ବାବୁ କରିବେ ମଣୋହି
ଉନ୍ନତି ପଥ କଣ୍ଟକ ଜାତିଭେଦ ପ୍ରଥା
ଦେଖିଣ ବାବୁ ଏ ହୃଦ ଲଭୁଥିବେ ବ୍ୟଥା

ଏହିପରି ନାନା ମନ୍ତବ୍ୟ ଓ ରକ୍ଷଣଶୀଳ ସଙ୍ଗଠନ ମାଧ୍ୟମରେ ପ୍ରଗତିଶୀଳ ଭାବଧାରାକୁ ଆକ୍ଷେପ ଏପରିକି ରୋକିବା ପାଇଁ ଉଦ୍ୟମ କରାଯାଇଥିଲା ବିଂଶ ଶତାବ୍ଦୀରେ ଓ ଓଡ଼ିଶାରେ ପରୀକ୍ଷିତ ଦାଶ ନାମକ ଜଣେ ବିଜ୍ଞ ପଣ୍ଡିତ ହିନ୍ଦୁ ସନାତନ ଧର୍ମର ପରମ ଉପାସକ ସଂସ୍କାର ବିରୋଧୀ ଲେଖା ଓ ସଙ୍ଗଠନ ମାଧ୍ୟମରେ ରକ୍ଷଣଶୀଳ ଭାବଧାରାର ସୁରକ୍ଷା ପାଇଁ ଉଦ୍ୟମ କରିଥିଲେ। ୧୯୧୫ ମସିହା ବେଳକୁ ଶାସ୍ତ୍ର ପ୍ରକାଶିକା ସମିତି ସଙ୍ଗଠନ କରି ପରୀକ୍ଷିତ ଜ୍ଞାନ ପ୍ରଚାରକ ଓ ସମାଲୋଚନା ମାସିକ ପତ୍ରିକା ଦ୍ୱୟ ସମ୍ପାଦନା କରି ରକ୍ଷଣଶୀଳ ସମାଜର ସୁରକ୍ଷାପାଇଁ ଉଦ୍ୟମ ଚଳାଇଥିଲେ। ଏହିପରି ଏକ ସମୟରେ ଯେତେବେଳେ କୁସଂସ୍କାର ପରିବ୍ୟାପ୍ତ, ଅନ୍ଧାନୁସରଣ ଏକମାତ୍ର ପଥ ରୂପେ ଗୃହୀତ, ବୈରାଗୀ ଚରଣ ମିଶ୍ର ଆପଣାର ଯୁକ୍ତିନିଷ୍ଠ ସଂସ୍କାରକ ମନ ନେଇ ସମାଜ ବିଶୋଧନ ପାଇଁ ଆଗେଇ ଯାଇଥିଲେ। ତାଙ୍କର ପୁସ୍ତକମାଳା ଅଧ୍ୟୟନ କଲେ ତାଙ୍କର ସଂସ୍କାର ଆଭିମୁଖ୍ୟ ଏବଂ ହେତୁବାଦୀ ଦୃଷ୍ଟିକୋଣ ସ୍ପଷ୍ଟ ଜଣାଯାଏ। ସେ ତଥ୍ୟ ଓ ଯୁକ୍ତିର ଆଶ୍ରୟରେ ଅନ୍ଧାନୁସରଣକୁ ପରିତ୍ୟାଗ କରି କର୍ମନିଷ୍ଠ ଆଦର୍ଶ ଜୀବନଯାପନ ପାଇଁ ଆହ୍ୱାନ କରିଥିଲେ। ସମାଜର ବହୁ ଅନ୍ଧାର ଅନ୍ତୁଆ କାଟି ସେ ଆଗେଇ ଯାଇଥିଲେ। ବହୁ ପ୍ରତିରୋଧ ମଧ୍ୟରେ ସେ ସତ୍ୟାଶ୍ରୟୀ ଥିଲେ ଏବଂ କୁସଂସ୍କାରମୁକ୍ତ ଥିଲେ।

ଦୁର୍ଭାଗ୍ୟର ବିଷୟ ଏହି ଅସାଧାରଣ ସଂସ୍କାରକ ଓ ସଙ୍ଗଠକଙ୍କ ସମ୍ପର୍କରେ ବିସ୍ତାରିତ ଆଲୋଚନା ହୋଇ ପାରିନାହିଁ। ଯେତିକି ହୋଇଛି ସେ ସବୁ ତାଙ୍କ ସମ୍ପର୍କରେ ପୂର୍ଣ୍ଣ ବିବରଣୀ ପ୍ରଦାନ କରିପାରନ୍ତି ନାହିଁ। ସେଥିପାଇଁ ତାଙ୍କ ଲିଖିତ ପୁସ୍ତକମାନ ଓ ଅନ୍ୟାନ୍ୟ ବିବରଣୀମାନ ମାଧ୍ୟମରେ ତାଙ୍କ କାର୍ଯ୍ୟକ୍ରମର ଏକ ରୂପରେଖା ଏହି ପୁସ୍ତକରେ ସ୍ଥାନିତ। ଓଡ଼ିଶାର ବୌଦ୍ଧିକ ଇତିହାସରେ ବୈରାଗୀ ମିଶ୍ର ଅବିସ୍ମରଣୀୟ ଚରିତ୍ର ହିସାବରେ ଗୃହୀତ।

Digitized by srujanika@gmail.com

ତାଙ୍କ ସମୟର ବିଶ୍ୱନାଥ କର, ଜଳନ୍ଧର ଦେବ, ମୋହିନୀ ମୋହନ ସେନାପତି, ଶ୍ରୀବସ ପଣ୍ଡା, ସରଳାଦେବୀ, ଜୟମଙ୍ଗଳ ରଥ ପ୍ରଭୃତି ସଂସ୍କାରକମାନେ ସମାଜର ବିଭିନ୍ନ ଦିଗରେ ସଂସ୍କାର ପାଇଁ ଉଦ୍ୟମ ଚଳାଇଥିଲେ। ବୈରାଗୀ ମିଶ୍ର ସେତେବେଳେ ସେମାନଙ୍କର ଭାବଧାରାଠାରୁ ସ୍ୱାଧୀନ ହୋଇ ସଂସ୍କାର ଅଭିଯାନ ଚଳାଇଥିଲେ। ଯେଉଁମାନେ ତାଙ୍କର କ୍ଷୁଦ୍ର କ୍ଷୁଦ୍ର ରଚନାମାନ ଅଧ୍ୟୟନ କରିଛନ୍ତି, ସେମାନେ ପ୍ରକୃତରେ ବୈରାଗୀ ବାବୁଙ୍କର ମାନସିକତାକୁ ମାପି ପାରିଛନ୍ତି। ସେମାନଙ୍କ ସଂଖ୍ୟା ଓଡ଼ିଶାରେ ବହୁତ କମ୍। ତେଣୁ ଏହି ଲେଖକର ଏହି ପୁସ୍ତକ ମାଧ୍ୟମରେ ବୈରାଗୀ ମିଶ୍ରଙ୍କ ସଂସ୍କାର ମାନସକୁ ବୁଝିବା ପାଇଁ ଏକ ଉଦ୍ୟମ କରାଯାଇଛି। ଏହା ଯଦି ଓଡ଼ିଶାରେ ତଥା ବାହାରେ ପଠିତ ଓ ଆଲୋଚିତ ହୁଏ ତେବେ ଲେଖକ ଶ୍ରମର କିଛି ମୂଲ୍ୟ ରହିବ।

ଏହି ପୁସ୍ତକଟିକୁ ପ୍ରକାଶ କରିବା ପୂର୍ବରୁ ଓଡ଼ିଶା ରାଜ୍ୟ ଅଭିଲେଖାଗାର ଏବଂ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଲାଇବ୍ରେରୀ ଦ୍ୱୟର ସାହାଯ୍ୟ ଲେଖକ ନେଇଛି। ସେ ନିମନ୍ତେ ଉଭୟ ଅନୁଷ୍ଠାନର କର୍ତ୍ତୃପକ୍ଷ ଓ କର୍ମକର୍ତ୍ତାଙ୍କ ନିକଟରେ କୃତଜ୍ଞ। ପୁସ୍ତକଟି ପ୍ରକାଶ କରିବା ପାଇଁ 'ସମଦୃଷ୍ଟି' ପାକ୍ଷିକ ପତ୍ରିକାର ସମ୍ପାଦକ ସୁଧୀର ପଟ୍ଟନାୟକ ଏବଂ ସହଯୋଗୀ ବନ୍ଧୁ ବିଘ୍ନେଶ୍ୱର ସାହୁ ଆଗେଇ ଆସିଥିବାରୁ ଲେଖକ ସେମାନଙ୍କ ନିକଟରେ କୃତଜ୍ଞ। ପୁସ୍ତକଟି ପ୍ରକାଶ କରିବା ପାଇଁ ମୋହର ବନ୍ଧୁ ବାନ୍ଧବ ଏବଂ ସହକର୍ମୀଗଣ ମୋତେ ଉତ୍ସାହ ପ୍ରଦାନ କରିଥିବାରୁ ସେମାନଙ୍କ ନାମ ଉଲ୍ଲେଖ ନକରି ମଧ୍ୟ ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନର ସହ ଆଜି ସ୍ମରଣ କରୁଛି।

ଲେଖକ

Digitized by srujanika@gmail.com

ସମାଜ ସଂସ୍କାରକ ବୈରାଗୀ ମିଶ୍ର

।। ୧ ।।

ଉନବିଂଶ ଶତକର ମଧ୍ୟଭାଗରୁ ବିଂଶ ଶତକର ପ୍ରଥମ ଛଅଟି ଦଶନ୍ଧି ମଧ୍ୟରେ ଓଡ଼ିଶାରେ ସମାଜରେ ନବଜାଗରଣ ଦେଖାଦେଇଥିଲା । ସାମାଜିକ ଜୀବନର ନାନା ଦିଗରେ ପରିବର୍ତ୍ତନ ଓ ସଂସ୍କାର ଆଣିବା ପାଇଁ ବହୁବିଧ ଉଦ୍ୟମ ହୋଇଥିଲା । ଅନ୍ଧପରଂପରାବଦ୍ଧ ସ୍ଥାଣୁ ଓଡ଼ିଶା ସମାଜକୁ ପ୍ରଗତିଶୀଳ କରିବାପାଇଁ ବହୁ ସଂସ୍କାରକ ଉଦ୍ୟମ କରି ଅନେକାଂଶରେ ସଫଳ ହୋଇଥିଲେ । ସମାଜରେ ନାରୀଶିକ୍ଷା ପ୍ରଚଳନ ଓ ପ୍ରସାର, ବିଧବା ବିବାହ ପ୍ରଚଳନ, ବାଲ୍ୟବିବାହର ପ୍ରତିବାଦ ଓ ଲୋପକରିବା ପାଇଁ ଉଦ୍ୟମ, ବିବାହ ଓ ବ୍ରତପଦ୍ଧତିର ବିଶୋଧନ ପାଇଁ ଉଦ୍ୟମ ପରି ନାନା ଦିଗ ଉପରେ ଏହି ପର୍ଯ୍ୟାୟରେ ଗୁରୁତ୍ୱ ଦିଆଯାଇଥିଲା । ସଂସ୍କାରକ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ଚତୁର୍ଭୁଜ ପଟ୍ଟନାୟକ, ବିଶ୍ୱନାଥ କର, ଶ୍ରୀବସ୍ ପଣ୍ଡା, ଜୟମଙ୍ଗଳ ରଥ ଏବଂ ଆହୁରି ଅନେକ ସମାଜରେ ପ୍ରତିବାଦ ମାଧ୍ୟମରେ ପୁନର୍ଗଠନ ପାଇଁ ଉଦ୍ୟମ କରିଥିଲେ । ଏଥିପାଇଁ ସମ୍ବାଦପତ୍ରଗୁଡ଼ିକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସମ୍ବାଦପତ୍ରମାନଙ୍କରେ ପ୍ରତିବାଦମୂଳକ ଆଲୋଚନା ପ୍ରକାଶକରି ଏହି ସଂସ୍କାରକମାନେ ଏକ ଅଭୂତପୂର୍ବ ଆଲୋଡନ ଆଣିଥିଲେ । ବିଭିନ୍ନ ସଙ୍ଗଠନମୂଳକ କାର୍ଯ୍ୟକ୍ରମ ଦ୍ୱାରା ଏବଂ ସଂସ୍କାର ସମ୍ପର୍କିତ ପୁସ୍ତିକାମାନ ପ୍ରକାଶନ ଦ୍ୱାରା ସେମାନେ ଏକ ଦୂଷିତ ସାମାଜିକ ବ୍ୟବସ୍ଥାକୁ ଆଲୋକକୁ ଆଣିଥିଲେ ଏବଂ କେତେକାଂଶରେ ପ୍ରଗତିଶୀଳ ସମାଜ ବ୍ୟବସ୍ଥାପାଇଁ ବାଟ ସଫା କରିଥିଲେ । ବିଂଶ ଶତାବ୍ଦୀରେ ଚତୁର୍ଥ ଦଶନ୍ଧିରେ ଓଡ଼ିଶାରେ ଏହି ସାମାଜିକ ସଂସ୍କାର କ୍ଷେତ୍ରରେ ବୈରାଗୀ ମିଶ୍ର ଅବିସ୍ମରଣୀୟ ଭୂମିକା ଗ୍ରହଣ କରିଥିଲେ । ୧୯୩୦ବେଳକୁ ତାଙ୍କର ବହୁମୁଖୀ ସଂସ୍କାର ଜୀବନ ଆରମ୍ଭ ହୋଇଯାଇଥିଲା ଏବଂ ଏହି ଧାରା ବହୁବାଧା ଅତିକ୍ରମ କରି ଜୀବନର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପ୍ରବାହିତ ହୋଇଥିଲା । ତାଙ୍କ ସଂସ୍କାର ଜୀବନର କେତୋଟି ଅବିସ୍ମରଣୀୟ ଦିଗ ଉପରେ ଆଲୋଚନା କରିବା ମାଧ୍ୟମରେ ଓଡ଼ିଶାର ସାମାଜିକ ଇତିହାସର ପୁନଃମୂଲ୍ୟାୟନ କରାଯାଇପାରେ ।

Digitized by srujanika@gmail.com

ବୈରାଗୀ ମିଶ୍ରଙ୍କ ରଚିତ ଆତ୍ମଜୀବନୀ **ସ୍ୱଭାବ ନିୟତ ଜୀବନ ଯୁଦ୍ଧ** ମାଧ୍ୟମରେ ତାଙ୍କ ସଂସ୍କାର ଜୀବନର ଆଦି ପର୍ଯ୍ୟାୟର ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିବା ଆବଶ୍ୟକ। ସେ ୧୮୮୫ ମସିହା ସେପ୍ଟେମ୍ବର ମାସରେ ଅବିଭକ୍ତ କଟକ ଜିଲ୍ଲା ସାଲେପୁର ଥାନା ମୂଳବସନ୍ତ ଗ୍ରାମରେ ଗୋଟିଏ ଏକାନ୍ନବର୍ତ୍ତୀ କୁଳୀନ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ। ତାଙ୍କ ପିତାଙ୍କ ନାମ ପଦ୍ମଲୋଚନ ମିଶ୍ର। ୧୩-୧୪ ବର୍ଷରେ ସେ ବିବାହ କରିଥିଲେ। ତା'ପରେ ଉଚ୍ଚବିଦ୍ୟାଳୟରେ ପଢ଼ିବାପାଇଁ ବାରିପଦା ଯାଇଥିଲେ। ୧୯୦୬ ସାଲରେ ଏଣ୍ଟ୍ରାନ୍‌ସ୍ ପରୀକ୍ଷାରେ ବୃତ୍ତିପାଇ କଟକ କଲେଜରେ ପାଠପଢ଼ିଥିଲେ। ୧୯୦୭ରେ ତାଙ୍କୁ ପାଠପଢ଼ାରେ ସହାୟ ହେଉଥିବା ଦଦେଇ ମରିଯିବାରୁ ତାଙ୍କର ଆର୍ଥିକ ଅବସ୍ଥା ଖରାପ ହୋଇଗଲା ଏବଂ ପାଠପଢ଼ା ବନ୍ଦ ହୋଇଗଲା।

ସ୍କୁଲ ଏବଂ କଲେଜରେ ଛାତ୍ର ଥିବା ସମୟରେ ବୈରାଗୀ ମିଶ୍ରଙ୍କ ଚିନ୍ତାରାଜ୍ୟରେ ପ୍ରବଳ ଆଲୋଡ଼ନ ଦେଖାଦେଇଥିଲା। ସେତେବେଳକୁ ସେ ଈଶ୍ୱରବିଶ୍ୱାସୀ ଥିଲେ। ତାସ ଖେଳରେ ବହୁ ସମୟ ଅପବ୍ୟୟ କରି ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ। ମାତ୍ର ୧୦ଟଙ୍କା ବେତନରେ ଯାଜପୁର ସବ୍‌ଡିଭିଜନ ଅଫିସରେ ଚାକିରି ଆରମ୍ଭ କଲେ। ଏହି କାଳରେ ସେ ମୂର୍ତ୍ତିପୂଜା ବିରୁଦ୍ଧରେ ଆଲୋଚନା କରୁଥିଲେ। କଟକ କଲେଜର ଦର୍ଶନବିଭାଗର ପ୍ରଫେସର ଜୀବନତାରା ସରକାର (ବୈରାଗୀଙ୍କ ସହପାଠୀ) ବାଲୁବଜାର ସଙ୍ଗତ ମଠରେ ବିବେକ ବୁଦ୍ଧି ଶୀର୍ଷକ ବକ୍ତୃତା ତାଙ୍କ ଜୀବନରେ ପରିବର୍ତ୍ତନ ଆଣିବାରେ ସାହାଯ୍ୟ କରିଥିଲା। ସରକାରଙ୍କ ଭାବଧାରା ତାଙ୍କ ସଂସ୍କାର ଜୀବନର ଭିତ୍ତିଭୂମି ହିସାବରେ ସେ ଗ୍ରହଣ କରିଥିଲେ। ସେହି ଅନୁଭୂତି ଓ ଭାବଧାରାରୁ ପରବର୍ତ୍ତୀକାଳରେ **ସୁଖାନ୍ୱେଷଣ** ନାମକ ଖଣ୍ଡିଏ ପୁସ୍ତକ ସେ ପ୍ରକାଶ କରି ସଂସ୍କାରକ ହିସାବରେ ପ୍ରଥମେ ପରିଚିତ ହେଲେ।

ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନ ସମୟରେ ତାଙ୍କମନରେ ଧାରଣା ଜନ୍ମିଲା ଯେ ବିଦେଶୀ ଜିନିଷ ବ୍ୟବହାର ନ କଲେ ଭାରତବର୍ଷ ନିଶ୍ଚୟ ସ୍ୱାଧୀନ ହେବ। ସେଥିପାଇଁ ସେ ଏବଂ ତାଙ୍କ ସ୍ତ୍ରୀ ସୂତାକାଟି ଲୁଗାପିନ୍ଧିଲେ। ସେ ବିଦେଶୀ ଛତା ବ୍ୟବହାର ନ କରି ତାଳପତ୍ର ତିଆରି ପକ୍ଷିଆ ମଧ୍ୟ ବ୍ୟବହାର କଲେ। ସେଥିପାଇଁ ତାଙ୍କୁ ତଲେଇ ବାବୁ ବୋଲି କୁହାଯାଇଥିଲା। ଏପରି ବେଶରେ ପ୍ରାୟ ଦୁଇବର୍ଷ କଚେରିକୁ ଯିବାପରେ ପୁଲିସ୍ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀକୃଷ୍ଣ ମହାପାତ୍ର ତାଙ୍କ

Digitized by srujanika@gmail.com

ନାମରେ ରିପୋର୍ଟ କରିଥିଲେ। ପରେ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶାନୁସାରେ ସେ କଚେରିକୁ ପ୍ରବେଶ କରିବା ପୂର୍ବରୁ ଗୋଟିଏ ଦୋକାନରେ ତାହାକୁ ରଖି ଦେଉଥିଲେ। ଏଥିରୁ ତାଙ୍କର ମୌଳିକ ଚିନ୍ତାର କିଛ ପରିଚୟ ମିଳିପାରେ। ସେହି ସମୟରେ ଥିଓସଫିକାଲ୍ ସୋସାଇଟି ବା ବ୍ରହ୍ମବିଦ୍ୟା ସମିତିର ଜଣେ ପ୍ରଚାରକ ଶୁଦ୍ଧାନନ୍ଦ ବ୍ରହ୍ମଚାରୀଙ୍କ ସଙ୍ଗେ ତାଙ୍କର ସାକ୍ଷାତ ହୋଇଥିଲା। ତାଙ୍କଠାରୁ ସେ ସମିତିର ପ୍ରଧାନନୀତି ସତ୍ୟ ଓ ବିଶ୍ୱଭ୍ରାତୃତ୍ୱ ବୁଝିନେଇ ଏ ସମିତିର ଜଣେ ସଦସ୍ୟ ହୋଇଥିଲେ। ସେ ବୁଝିନେଲେ ଯେ ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ କର୍ମ କରିବା ତାଙ୍କ ଜୀବନର ପରମ ଲକ୍ଷ୍ୟ ହେବା ଆବଶ୍ୟକ। କିନ୍ତୁ ତାଙ୍କ ମନରେ ଗୋଟିଏ ସଂଶୟ ଆସିଲା। ସେ ଭାବିଲେ ଯେତେବେଳେ ନିଜ ପରିବାରରେ ଭାଇ ଭାଇ ମଧ୍ୟରେ ଭ୍ରାତୃତ୍ୱ ସ୍ଥାପନ କରିହେଉ ନାହିଁ ସମଗ୍ର ମାନବ ସମାଜରେ ଭ୍ରାତୃତ୍ୱ ସ୍ଥାପନ କିପରି ସମ୍ଭବ ହେବ ? ତେଣୁ କ୍ରମେ କ୍ରମେ ଭାଙ୍ଗି ଯାଉଥିବା ଏକାନ୍ନବର୍ତ୍ତୀ ପରିବାର ସବୁ କିପରି ରହିବ ଏବଂ ଭାଇ ଭାଇ ମଧ୍ୟରେ ଥିବା ସ୍ନେହ ସଦ୍‌ଭାବ ଓ ସହଯୋଗ କିପରି ପୂର୍ବପରି ରହିବ ସେଥିପାଇଁ ପ୍ରଥମେ ଚେଷ୍ଟା କରିବା ଏକାନ୍ତ ଆବଶ୍ୟକ ବୋଲି ସେ ମନେକଲେ। ଏହି ସଂଶୟ ଦୂର କରିବା ପାଇଁ ସେ ବ୍ରହ୍ମବିଦ୍ୟା ସମିତିର ସଭାନେତ୍ରୀ ବେଶାନ୍ତ ଓ କେତେକ ବିଶିଷ୍ଟ ସଭ୍ୟମାନଙ୍କୁ ଚିଠିପତ୍ର ଲେଖିଥିଲେ। ଅନେକ ସଭ୍ୟଙ୍କ ସଙ୍ଗେ ଅନେକ ଆଲୋଚନା ମଧ୍ୟ କଲେ। କିନ୍ତୁ ତାଙ୍କର ସଂଶୟ ଦୂର ହେଲାନାହିଁ। ସମିତିର ଜଣେ ବିଶିଷ୍ଟ ସଭ୍ୟ ବନାରସର ପାଣ୍ଡା ବୈଜନାଥ କଟକକୁ ଆସିବା କାଳରେ ତାଙ୍କ ନିକଟକୁ ଯାଇ ମିଶ୍ର ସଂଶୟ ଦୂର କରିବାକୁ କହିବାରୁ ସେ କହିଲେ - ପ୍ରତ୍ୟେକ ବ୍ୟକ୍ତିର ମୁକ୍ତି ହେଉଛି ଭଗବାନଙ୍କ ସୃଷ୍ଟି କୌଶଳର ନିୟମ। ସେଥିପାଇଁ କୌଣସି ପାରିବାରିକ ବନ୍ଧନ ଓ ସମଷ୍ଟିଗତ ବନ୍ଧନ ରହୁନାହିଁ ଓ ରହିବ ନାହିଁ। ଏପରି ବୁଝାଇବା ଦ୍ୱାରା ମିଶ୍ରଙ୍କ ମନରେ ପରିବର୍ତ୍ତନ ଆସିଲା। କୌଣସି ଏକାନ୍ନବର୍ତ୍ତୀ ପରିବାର ଭାଙ୍ଗି ଯାଉଥିବା ଦେଖିଲେ ତାଙ୍କ ମନରେ ଦୁଃଖ ଆସିଲା ନାହିଁ। ପୃଥକ ହେବାଟା କେବଳ ଅବଶ୍ୟମ୍ଭାବୀ ନୁହେଁ, ଏହା ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ପାଇଁ ଏକାନ୍ତ ଆବଶ୍ୟକ - ଏହା ସେ ବୁଝିପାରିଲେ।

୧୯୨୭ରେ ବୈରାଗୀ ମିଶ୍ର ଥିଓସଫିକଲ ସୋସାଇଟିର କନ୍‌ଭେନ୍‌ସନ୍ ଦେଖିବାକୁ ମାନ୍ଦ୍ରାଜ ଯାଇଥିଲେ। ସେଠାରେ ସେ ଜେ. କୃଷ୍ଣମୂର୍ତ୍ତିଙ୍କୁ ଦେଖିଲେ। ସେତେବେଳେ କୃଷ୍ଣମୂର୍ତ୍ତି ଭାରତ ସମାଜ ପୂଜା କିମ୍ବା କଂଗ୍ରିଗେସନାଲ ପୂଜା ପ୍ରଚଳନ କରିଥିଲେ। କିନ୍ତୁ ୧୯୩୦ରେ କୃଷ୍ଣମୂର୍ତ୍ତି ଏହି ପୂଜା ବନ୍ଦ କରି ଯାବତୀୟ ଅନ୍ଧବିଶ୍ୱାସ

Digitized by srujanika@gmail.com

ଓ ଅନ୍ଧାନୁସରଣ ପରିତ୍ୟାଗ କରି ସତ୍ୟର ପରିଚୟ ପାଇବାପାଇଁ ବନାରସ କନଭେନ୍‌ସନ୍‌ରେ ସଭ୍ୟମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ବ୍ରହ୍ମବିଦ୍ୟା ସମିତି ମଧ୍ୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣକୁ ପ୍ରଶ୍ରୟ ଦେଉଥିବାର ଜାଣି ସେ ସମିତିର ସଭ୍ୟ ରହିବାକୁ ଇଚ୍ଛାକଲେ ନାହିଁ। ୧୯୪୦-୪୧ରେ କଟକ ବ୍ରହ୍ମବିଦ୍ୟା ସମିତିର ସଭାପତି ଗୋପାଳଚନ୍ଦ୍ର ପ୍ରହରାଜ ତାଙ୍କୁ ପୁନର୍ବାର ଏହି ସମିତିରେ କାର୍ଯ୍ୟ କରିବାକୁ ଅନୁରୋଧ କଲେ ମଧ୍ୟ ସେ ଏହାକୁ ଗ୍ରହଣ ନକରି ମତ ଦେଇଥିଲେ - "କୌଣସି ଗଠନମୂଳକ କାର୍ଯ୍ୟ କରାନଗଲେ ମୁଁ ପୂର୍ବପରି କେବଳ ଅନ୍ଧାନୁସରଣ କରିବାକୁ ଯୋଗ ଦେବିନାହିଁ"। ସେ ପ୍ରହରାଜଙ୍କୁ ଡାଇନିଂ ସମିତି ନାମରେ ଗୋଟିଏ ସମିତି ଗଠନ କରିବାକୁ ପରାମର୍ଶ ଦେଲେ। ସେଥିରେ ନିରାମିଷ ଖାଦ୍ୟ ଖିଆଯିବ ଏବଂ ଜାତିଧର୍ମ ନିର୍ବିଶେଷରେ ସମସ୍ତେ ଏଥିରେ ଯୋଗଦେବେ ବୋଲି ସ୍ଥିର ହେଲା।

ପ୍ରତି ମାସରେ ଥରେ ଏହି ଭୋଜି ସମିତି ହେବାପାଇଁ ସ୍ଥିର ହେଲା। ମାତ୍ର ପ୍ରଥମ ଥର ଭୋଜିରେ ବୈରାଗୀ ମିଶ୍ର ଜଣେ ମୁସଲମାନ୍ ରୋଷେଇ କରିବା ପାଇଁ ସ୍ଥିର କରିବାରୁ କେତେକ ସଦସ୍ୟ ଏଥିରେ ଏକମତ ହେଲେନାହିଁ। ବୈରାଗୀ ମିଶ୍ର ବ୍ରହ୍ମବିଦ୍ୟା ସମିତିର ବ୍ରାହ୍ମଣ ସଭ୍ୟମାନେ ଏହି ଭୋଜିରେ ମିଶିବାକୁ ଅରାଜି ହେବାରୁ ବ୍ରହ୍ମବିଦ୍ୟା ସମିତିର ସଦସ୍ୟ ହୋଇରହିଲେ ନାହିଁ।

***

Digitized by srujanika@gmail.com

।। ୨ ।।

୧୯୩୦ ମସିହାରେ ବୈରାଗୀ ମିଶ୍ର ଉଗ୍ର ସମାଜ ସଂସ୍କାରକ ହିସାବରେ ସୁପରିଚିତ ହୋଇଥିଲେ। ସେ କଟକର ଗଙ୍ଗାମନ୍ଦିରରୁ ସତ୍ୟାନୁସନ୍ଧାନ ନାମକ ପୁସ୍ତକ ପ୍ରକାଶ କରି ନିଜର ହେତୁବାଦୀ ଦୃଷ୍ଟିକୋଣର ପରିଚୟ ଦେଇଥିଲେ। ସେଥିରେ ସେ କେତୋଟି ସତ୍ୟ ପ୍ରକାଶ କରିଥିଲେ। ସଂକ୍ଷେପରେ ସେସବୁ ନିମ୍ନରେ ଉଦ୍ଧାର କରାଯାଇଛି ;

୧. ବେଦ ହିନ୍ଦୁ ସକାଶେ, କୋରାନ ମୁସଲମାନ ସକାଶେ, ବାନପ୍ରସ୍ଥ ଓ ସନ୍ୟାସ ବୃଦ୍ଧ ସକାଶେ, ବ୍ରହ୍ମଚର୍ଯ୍ୟ ଗାର୍ହ୍ୟସ୍ଥ ବାଳକ ସକାଶେ, ଅର୍ଥୋପାର୍ଜ୍ଜନ ପୁରୁଷ ସକାଶେ, ସେହି ଅର୍ଥର ରକ୍ଷଣବେକ୍ଷଣାଦି ଗୃହକର୍ମ ସ୍ତ୍ରୀ ସକାଶେ ଆବଶ୍ୟକ। ମାତ୍ର ସତ୍ୟ କି ହିନ୍ଦୁ କି ମୁସଲମାନ, କି ବୃଦ୍ଧ, କି ବାଳକ, କି ପୁରୁଷ କି ସ୍ତ୍ରୀ, ସମସ୍ତଙ୍କର ଓ ପ୍ରତ୍ୟେକଙ୍କର ସମାନ ଭାବରେ ଆବଶ୍ୟକ। ଜାତି, ଧର୍ମ ଓ ବୟସ ନିର୍ବିଶେଷରେ ଏହି ସତ୍ୟର ଅନୁସନ୍ଧାନ କରିବା ସମସ୍ତଙ୍କର ଏକମାତ୍ର କର୍ତ୍ତବ୍ୟ।

୨. ଏହି ସତ୍ୟ ବେଦରେ ନାହିଁ,ପୁରାଣରେ ନାହିଁ, କି ଗୀତାରେ ନାହିଁ, କୋରାନରେ ନାହିଁ, କି ବାଇବେଲରେ ନାହିଁ, ମନ୍ଦିରରେ ନାହିଁ, ମସ୍‌ଜିଦରେ ନାହିଁ, କି ଗୀର୍ଜାରେ ନାହିଁ,ମନ୍ତ୍ରରେ ନାହିଁ, କି ଉପାସନାରେ ନାହିଁ, ଚିତାରେ ନାହିଁ, କି ଟୋପିରେ ନାହିଁ,ଚୁଟିରେ ନାହିଁ, କି ଦାଢ଼ିରେ ନାହିଁ,ପଇତାରେ ନାହିଁ,କି ମାଳିରେ ନାହିଁ,କଛାରେ ନାହିଁ କି ଲୁଙ୍ଗିରେ ନାହିଁ, ନିକଟରେ ନାହିଁ, କି ଦୂରରେ ନାହିଁ, ଅତୀତରେ ନାହିଁ,କି ଭବିଷ୍ୟତରେ ନାହିଁ । ଏହା ସମସ୍ତଙ୍କର ଅନୁସନ୍ଧାନର ବସ୍ତୁ । ଏହି ସତ୍ୟର ଅନୁସନ୍ଧାନ ନମିଳିବା ପର୍ଯ୍ୟନ୍ତ ସମସ୍ତେ ପ୍ରତ୍ୟେକଙ୍କ ଜୀବନର ଏକମାତ୍ର ଲକ୍ଷ୍ୟ ସେହି ମୁକ୍ତି ବା ପୂର୍ଣ୍ଣ ସ୍ୱାଧୀନତା ଓ ଆନନ୍ଦ ପାଇପାରିବା ଅସମ୍ଭବ।

୩. ଯଦି ସତ୍ୟର ଅନୁସନ୍ଧାନ କରିବାକୁ ଏକମାତ୍ର ଇଚ୍ଛାଥାଏ, ତେବେ ମନରୁ ଓ ହୃଦୟରୁ ସମସ୍ତ ପ୍ରକାର ଜଟିଳତା ଅର୍ଥାତ ପୂର୍ବ ଧାରଣାସବୁ ଅଳ୍ପ ସମୟ ସକାଶେ ଦୂର କରିବା ଉଚିତ୍। ସତ୍ୟ ସେହି ଅନୁସନ୍ଧାନକାରୀ ବ୍ୟକ୍ତିଠାରେ ବର୍ତ୍ତମାନ କାଳରେ ଅବସ୍ଥିତ। ସମସ୍ତେ ବ୍ୟବହାର କରୁଥିବା ବର୍ତ୍ତମାନ କାଳ ନୁହେଁ, ସେହି ଚିର ନୂତନ ସନାତନ ବର୍ତ୍ତମାନ କାଳରେ ଅବସ୍ଥିତ।

Digitized by srujanika@gmail.com

୪.	ଏହି ସତ୍ୟ ନିକଟକୁ କୌଣସି ନିର୍ଦ୍ଦିଷ୍ଟ ବାଟ ନାହିଁ। ଅନୁସନ୍ଧାନ କରୁଥିବା ବ୍ୟକ୍ତିମାନଙ୍କୁ ନିଜନିଜର ବାଟ ନିଜେନିଜେ ସ୍ଥିର କରିବାକୁ ହେବ। ସତ୍ୟ ଖୁବ୍ ସରଳ, ଜଟିଳ ନୁହେଁ।

୫.	ସତ୍ୟ ପାଇବାକୁ ଇଚ୍ଛାକଲେ ବ୍ୟକ୍ତିଗତ ସତ୍ୟର ଆଶ୍ରୟ ନେବାକୁ ହେବ। ଲଜ୍ଜା ଓ ଭୟ ଦୂର କରିବାକୁ ହେବ। ମିଛ ଠାକୁର ଓ ଠକ ଗୁରୁ ଏମାନଙ୍କୁ ଛାଡ଼ି ସତ୍ୟକୁ ଏକମାତ୍ର ଗୁରୁ କରିବା ଉଚିତ।

୬.	କି ହିନ୍ଦୁ,କି ମୁସଲମାନ,କି ବୌଦ୍ଧ, କି ଖ୍ରୀଷ୍ଟିଆନ, କି ଭାରତବାସୀ କି ଆମେରିକାବାସୀ, କି ଧନୀ, କି ଦରିଦ୍ର, କି ବୈଷ୍ଣବ, କି ଶୈବ, କି ମୂର୍ଖ, କି ବିଦ୍ୱାନ, କି ବୃଦ୍ଧ, କି ବାଳକ, କି ପୁରୁଷ, କି ସ୍ତ୍ରୀ, ସମସ୍ତେ ସେହି ଏକ ପରମପିତା ପରମେଶ୍ୱରଙ୍କର ସନ୍ତାନ, ଏହା ଏକ ଆବଶ୍ୟକୀୟ ସତ୍ୟ। ଭ୍ରାତୃତ୍ୱକୁ ଅସ୍ୱୀକାର କରି ଭଗବାନଙ୍କୁ ସ୍ୱୀକାର କରାଯାଇନପାରେ।

୭.	ହୃଦୟରୁ ଓ ମନରୁ ସମସ୍ତ ପ୍ରକାର ଜଟିଳତା ଓ କୁସଂସ୍କାର ଦୂର କରି ହୃଦୟ ଓ ମନକୁ ନିର୍ମଳ ଓ ପବିତ୍ର କଲେ, ସତ୍ୟକୁ ଏକ ମାତ୍ର ଗୁରୁ କଲେ, ବିଶ୍ୱଜନୀନ ଭ୍ରାତୃତ୍ୱକୁ ସ୍ୱୀକାର କରି ଭଗବାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କଲେ ପୂର୍ଣ୍ଣ ସ୍ୱାଧୀନତା ଓ ଆନନ୍ଦ ମିଳିପାରେ।

୮.	ସତ୍ୟ ସମ୍ମୁଖରେ ଥାଏ, କଦାପି ପଛରେ ନ ଥାଏ। ପଛକୁ ଫେରି, ଚାହିଁବା ସତ୍ୟର ଧର୍ମ ନୁହେଁ। ପଛକୁ ନ ଚାହିଁ, ପଛକଥା ନ ଭାବି ନିର୍ଭୟ ଭାବରେ ସତର୍କ ସହିତ ସର୍ବଦା ଅଗ୍ରସର ହେବା ଉଚିତ୍।

୧୯୩୧ ମସିହା ସୁଦ୍ଧା ସମାଜ ସଂସ୍କାର କାର୍ଯ୍ୟରେ ଅଗ୍ରସର ହୋଇ ବୈରାଗୀ ମିଶ୍ର **ଭୟ କରନାହିଁ, ସତ୍ୟାନୁସନ୍ଧାନ, ସୁଖାନ୍ୱେଷଣ, ପ୍ରକୃତ ବିବାହ ଓ ନାରୀ ମଙ୍ଗଳ** ପ୍ରଭୃତି ପୁସ୍ତିକା ରଚନା କରି ନାରୀ ଜାଗୃତିକୁ ପ୍ରଲମ୍ବିତ କରିଥିଲେ। ଗଙ୍ଗା ମନ୍ଦିରକୁ ନିଜର କର୍ମସ୍ଥାନ ବୋଲି ବାଛିନେଇ ସେ ସଂସ୍କାରକ ପଥରେ ଆଗେଇ ଯାଇଥିଲେ। ବିଧବା ବାଳିକା ମାନଙ୍କ ସମ୍ପର୍କରେ ଉତ୍କଳ ଦୀପିକା ମାର୍ଚ୍ଚ ୨୯, ୧୯୩୦ରେ ଉଲ୍ଲେଖ କରିଥିଲେ ;

୧୫ ବର୍ଷରୁ ନ୍ୟୂନ ବିଧବା ବାଳିକାମାନଙ୍କର ଅଭିଭାବକମାନଙ୍କୁ ଅନୁରୋଧ କରି ସେ ଲେଖିଥିଲେ – ଯଦି ସେମାନେ ସେହି ବିଧବା ବାଳିକା ମାନଙ୍କୁ (ଖର୍ଚ୍ଚ ଦେଇ କିମ୍ବା ବିନା ଖର୍ଚ୍ଚରେ ଅବସ୍ଥା ଅନୁସାରେ ଯେ ଯେପରି ଇଚ୍ଛା କରନ୍ତି) ଉପଯୁକ୍ତ

Digitized by srujanika@gmail.com

ଶିକ୍ଷାଦେଇ ସେମାନଙ୍କ ଜୀବନରେ ଭବିଷ୍ୟତ କଲ୍ୟାଣ ସାଧନ କରିବାକୁ ନିଜ ନିଜର କର୍ତ୍ତବ୍ୟ ବୋଲି ଜ୍ଞାନ କରନ୍ତି ଏବଂ ସେମାନଙ୍କ ଦ୍ୱାରା ଦେଶର ସମାଜ ଏବଂ ନାରୀ ଜାତିର ଭବିଷ୍ୟତ ମଙ୍ଗଳ ପାଇଁ ଇଚ୍ଛାକରନ୍ତି ତେବେ ସେମାନେ ତାଙ୍କ ସହିତ ଗଙ୍ଗା ମନ୍ଦିର ଠିକଣାରେ ଯୋଗାଯୋଗ କରିପାରିବେ।

୧୯୩୦ ମସିହା ଅକ୍ଟୋବର ମାସରେ ନାରୀ ମଙ୍ଗଳ ସମିତି ପ୍ରତିଷ୍ଠା ହୋଇଥିଲା। ତାହାର ବହୁବର୍ଷ ପୂର୍ବରୁ ହିନ୍ଦୁ ସମାଜରେ ନାନା ଅନ୍ୟାୟ, ଅନୀତି, ଓ ନିପୀଡ଼ନ ପ୍ରତ୍ୟକ୍ଷ କରି ଏବଂ ନିଜର ପାରିବାରିକ ଜୀବନରେ ସେ ସମସ୍ତ ଅନୁଭବ କରି ବୈରାଗୀବାବୁଙ୍କର ସଂସ୍କାର ପ୍ରିୟ ହୃଦୟ ବିଦ୍ରୋହୀ ହୋଇ ଉଠିଥିଲା। ନିଜର ପାରିବାରିକ ଜୀବନରେ ପ୍ରଥମେ ସଂସ୍କାରର ସୂତ୍ରପାତ କରି ଶେଷରେ ଦେଶର ସଂସ୍କାର ଉଦ୍ୟମ ଚଳାଇବା ପାଇଁ ସେ ୧୯୩୦ରେ ନାରୀ ମଙ୍ଗଳ ସମିତିର ପ୍ରତିଷ୍ଠା କଲେ।

ନାରୀମଙ୍ଗଳ ସମିତିର କେତୋଟି ଉଦ୍ଦେଶ୍ୟ ଥିଲା,

୧. ନାରୀଜାତିର ମାତୃତ୍ୱର ପ୍ରତିଷ୍ଠା ଓ ପରଦା-ନିଷ୍କାସନ।
୨. ନିରକ୍ଷରତା ଦୂରୀକରଣ ଓ ମାତୃତ୍ୱ ଉପଯୋଗୀ ଶିକ୍ଷାର ପ୍ରଚାର।
୩. ଗହଣାରେ ଓ ନ୍ୟାୟ ନିମିତ୍ତରେ ଅଯଥା ଅପବ୍ୟୟରୁ ନିବୃତି।
୪. ଯାଏଜବାବ ଓ ପୁଅ ବିକ୍ରି ବା ଜୋଇଁ ଖରିଦ ପ୍ରଥାର ନିନ୍ଦାବାଦ।
୫. ଅନ୍ୟାୟ ବୈଧବ୍ୟ ଓ ବାଧ୍ୟତାମୂଳକ ବୈଧବ୍ୟ ବିରୁଦ୍ଧରେ ସଂଗ୍ରାମ।

ନାରୀମାନଙ୍କ ଜାଗରଣ ପାଇଁ ସେ ୧୯୩୦ରେ **ନାରୀମଙ୍ଗଳ** ପୁସ୍ତକ ରଚନା କରିଥିଲେ। ସେଥିରେ ମାତୃପୂଜା କବିତାରେ ନାରୀଶକ୍ତିର ବୈଶିଷ୍ଟ୍ୟ ପ୍ରତିପାଦନ ପାଇଁ ସେ ଲେଖିଥିଲେ -

ଶୃଙ୍ଖଳେ ବାନ୍ଧି ଅନ୍ଧାର କୋଣେ କିପାଇଁ କହୁ ତୁ ଦେବୀ
ମିଥ୍ୟା ଗରବେ ନ ହେବ ମାନବୀ. ଅମର ବିଭବ ଛବି
ଖୋଲ ଖୋଲ ଆଜି ବନ୍ଦୀ ମନ୍ଦିର ପୁଣ୍ୟ ଅନଳ ଜାଳି
ନକର ଦାନବୀ ମର୍ତ୍ତ୍ୟ ଦେବୀରେ ତୀବ୍ର ଯାତନା ଢାଳି।
ଅନ୍ଧାର ଘୋର ଦେଉଳେ ନାରୀ ନଲୋଡେ ତୋହରି ପୂଜା
ପଥ ଛାଡି ଦେରେ ମୁକ୍ତି ପାଇସେ ହେଉ ଦୁର୍ଗା ଦଶଭୂଜା
ଏକାକୀ ବାହିତୁ ଜୀବନରଥ ହେବୁଟି ଶ୍ରାନ୍ତ - କ୍ଳାନ୍ତ

Digitized by srujanika@gmail.com

ସଂଗିନୀ ସଙ୍ଗେ ଚାଲରେ ରଙ୍ଗେ ସହଜ ହେବ ତୋ ପଥ,
ଆସିବ କରମେ ନୂତନ ପ୍ରେରଣା ଜୀବନେ ନବୀନ ସିଦ୍ଧି
ସତ୍ୟ ଧରମେ ସଙ୍ଗୀ ସେ ଯେରେ ନୁହେଁ କାମନାର ଛବି।
ଜନନୀ ଜାୟା କନ୍ୟା ଭଗିନୀ ସେ ଯେ ତୋ ସମାଜ ଗୁରୁ
ତୋ ଜାତି ଗୌରବ ପୂଜ୍ୟ ମାନବେ ନମନ୍ତି ତା ପଦେ ଦୂରୁ।
** ** ** ** **

ପୂର୍ଣ୍ଣ କରହେ ଜୀବନ ଯଜ୍ଞ ସ୍ୱାହା ସଙ୍ଗେ ଅଗ୍ନି ଜାଳି
ପୁଣ୍ୟ ଜୀବନ ଯାପି କୁତୁହଳେ ହୁଅ ବନ୍ଧୁତ୍ୟାଗେ ବଳି
ସାଧନା ଯୁଗ ଏ ମାନବ ଯୁଗ ସାମ୍ୟ ଯୁଗ ଏ ଆଜି
କେହି ନ ରହିବେ ବନ୍ଦୀ କାହାରି ଉଠେ ଜୟଭେରୀ ବାଜି।

ଏହି ପୁସ୍ତକରେ ନାରୀ ଜାତିର ଦୁରବସ୍ଥା, ନାରୀ ଜାତିର ମାତୃତ୍ୱର ପ୍ରତିଷ୍ଠା, ଓଢଣା ଓ ପରଦା ନିଷ୍କାସନ, ଉଢ଼ଣାପ୍ରଥା, ନିରକ୍ଷରତା ଦୂରୀକରଣ ଓ ମାତୃତ୍ୱ ଉପଯୋଗୀ ଶିକ୍ଷାର ପ୍ରଚାର, ଗହଣା ଓ ନ୍ୟାୟନିମିତ୍ତରେ ଅଯଥା ଅପବ୍ୟୟ, ଜାୟଜବାବ ଓ ପୁଅବିକ୍ରି ବା ଜୋଇଁ ଖରିଦ ପ୍ରଥାର ନିନ୍ଦାବାଦ, ଅନ୍ୟାୟ ବୈଧବ୍ୟ ଓ ବାଧ୍ୟତାମୂଳକ ବୈଧବ୍ୟ ବିରୁଦ୍ଧରେ ସଂଗ୍ରାମ ଓ ସାରଦା ଆଇନ ଅନିଷ୍ଟପ୍ରଦ ପ୍ରଭୃତି ପ୍ରସଙ୍ଗର ପୂର୍ଣ୍ଣ ଆଲୋଚନା କରାଯାଇଥିଲା। ପୁସ୍ତକରେ ନାରୀ ମଙ୍ଗଳର ଅର୍ଥ ବୁଝାଇବାକୁ ଯାଇ ବୈରାଗୀ ବାବୁ କହନ୍ତି - "ଯେଉଁ ନାରୀଜାତି ସମାଜର କ୍ରୁର ଶାସନରେ ନାନା ଦୁଃଖ କଷ୍ଟ ଭୋଗକରି ଆଜି ପଶୁପରି ବ୍ୟବହାର ପାଉଛନ୍ତି ସେହିମାନଙ୍କର ଦୁରବସ୍ଥାର ପ୍ରତିକାର ଆଲୋଚନାକୁ ମୁଁ ନାରୀମଙ୍ଗଳ ନାମ ଦେଇଅଛି। ମାତ୍ର ନାରୀ ମଙ୍ଗଳର ଅର୍ଥ କେବଳ ନାରୀ ଜାତିର ମଙ୍ଗଳ ନୁହେଁ, ଭବିଷ୍ୟତ ମାନବସମାଜର ପ୍ରକୃତ ମଙ୍ଗଳ କାରଣ ନାରୀଜାତି ଜଗତର ମାତା ଏବଂ ତାହାର ମଙ୍ଗଳ ଉପରେ ଜଗତର ମଙ୍ଗଳ ସମ୍ପୂର୍ଣ୍ଣ ନିର୍ଭର କରୁଅଛି"। ତାଙ୍କ ମତାନୁସାରେ ଶିଶୁର ଯାବତୀୟ ମଙ୍ଗଳ ଯେପରି ମାଆର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ଜଗତର ଯାବତୀୟ ମଙ୍ଗଳ ସେହିପରି ନାରୀ ଜାତିର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ନାରୀ ଜାତି ଉପରେ ସମସ୍ତ ପ୍ରକାର ଅତ୍ୟାଚାରର ପ୍ରତିବାଦ କରି ସେ ଲେଖିଛନ୍ତି- ଯେଉଁ ନାରୀଜାତି ଜଗତର ମାତା, ଯେଉଁ ନାରୀଜାତି ମାନବ ସମାଜର ମଙ୍ଗଳ ପାଇଁ ପ୍ରତି ମୁହୂର୍ତ୍ତରେ ରକ୍ତବଳୀ ଦେଉଅଛି, କେବେ ମାଆ ଭାବରେ କେବେ ଜାୟା ଭାବରେ, ଯେଉଁ ନାରୀଜାତି ନିଜର ସୁଖ ସ୍ୱାଛନ୍ଦ୍ୟ ଓ ସ୍ୱାସ୍ଥ୍ୟ ପର୍ଯ୍ୟନ୍ତ ଅକାତରରେ ଦାନ କରି ପୁରୁଷର

Digitized by srujanika@gmail.com

ସମସ୍ତ ଦୁଃଖ କଷ୍ଟ ହରଣ କରୁଅଛି, ଯେଉଁ ନାରୀଜାତି ଉପରେ ମାନବ ସମାଜର ଭବିଷ୍ୟତ କଲ୍ୟାଣ ସମ୍ପୂର୍ଣ୍ଣ ନିର୍ଭର କରେ, ସେ ଆଜି ନିରକ୍ଷର ଓ ଅନ୍ଧ। ସେ ଆଜି ନାକ କାନ ସିଲାଇ ହୋଇ ହାତ ଗୋଡ଼ରେ ବେଢ଼ିପିନ୍ଧି ଘରକୋଣରେ ବନ୍ଦିନୀ। ତା' ଉପରେ ଗାଳିମାଡ଼ର ବାକି ନାହିଁ। ମୁହଁ ଖୋଲି କଥା ପଦେ କହିବାର ଅଧିକାର ତାର ନାହିଁ। ନିଜର ଇଛା ପ୍ରକାଶ କରିବାରେ ଅଧିକାର ବନ୍ଦୀର ଅଛି, ଦାସୀର ଅଛି, ମାତ୍ର ଗୃହଲକ୍ଷ୍ମୀ ସମସ୍ତ ଶକ୍ତିର ଅଧିକାରିଣୀ ନାରୀର ସେତକ ଅଧିକାର ସୁଦ୍ଧା ନାହିଁ। ସେ ଆଜି ନଅ/ଦଶ ବର୍ଷରୁ ବିଧବା। ପଚାଶେ ଷାଠିଏ ବର୍ଷର ସ୍ୱାର୍ଥାନ୍ଧ ପୁରୁଷ ଆଜି ଧଳା ବାଳକୁ କଳା କରି କିଶୋରୀ କନ୍ୟାର ପାଣିଗ୍ରହଣ କରିବାକୁ ତିଳେମାତ୍ର କୁଣ୍ଠିତ ହେଉନାହିଁ। ଅନ୍ଧ ପିତା ମାତା ଆଜି ଅର୍ଥଲୋଭରେ କିମ୍ବା ତୁଚ୍ଛ ମର୍ଯ୍ୟାଦା ଆଶାରେ ବରଟି ବୁଢ଼ା ହେଉ କି ହଡ଼ା ହେଉ ଝିଅଟିକୁ ତା' ସହିତ ଛନ୍ଦି ଦେଇ କହୁଛନ୍ତି, "ଦେଲି ନାରୀ ହେଲି ପାରି", ଝିଅଟି ଷୋଳ ସତର ବର୍ଷରେ ଯୁବତୀ ହୋଇ ଶାଶୁ ଘରକୁ ଆସି ଦେଖେ -ସ୍ୱାମୀ ମଶାଣି ଭୂମିକୁ ଯିବାକୁ ସଜବାଜ ହେଲାଣି। ନାରୀ ଜାତି ଉପରେ ଯେ ଅତ୍ୟାଚାର ତାହା ଲେଖିବାକୁ ବସିଲେ ଖଣ୍ଡିଏ ପୋଥି ହେବ। (ନାରୀ ମଙ୍ଗଳ, ୧୯୪୦, ପୃ-୧-୨)

ନାରୀ ଜାତି ଉପରେ ହେଉଥିବା ଅତ୍ୟାଚାର ଯଦି କୌଣସି ଧର୍ମଶାସ୍ତ୍ରରେ ସୂଚିତ ହୋଇଥାଏ, ତେବେ ମିଶ୍ର ସେହି ଧର୍ମଶାସ୍ତ୍ରକୁ ପୋଡ଼ିପକାଇବା ବିବେକାନୁମୋଦିତ ଧର୍ମବୋଲି ଘୋଷଣା କରିଥିଲେ। ସେ ମଧ୍ୟ କହିଥିଲେ- ଯେଉଁ ଅନ୍ଧସମାଜ ଏସବୁ ଅତ୍ୟାଚାରକୁ ସମର୍ଥନ କରୁଅଛି, ସେହିପରି ସମାଜକୁ ଖଣ୍ଡ ଖଣ୍ଡ କରି ଧ୍ୱଂସ କରିଦେବା ନ୍ୟାୟସଙ୍ଗତ ଏବଂ ସେପରି ନକରି ନିଶ୍ଚେଷ୍ଟ ରହିବା ଘୋର ଅନ୍ୟାୟ ଏବଂ ଉତ୍କଟ ଅପରାଧ।(ନାରୀ ମଙ୍ଗଳ, ପୃ-୩) ନାରୀ ଜାତିର ନିରକ୍ଷରତା ରୂପ ଅନ୍ଧତା ଏବଂ ପୁରୁଷ ମାନଙ୍କର ବିବେକହୀନତା ରୂପ ଅନ୍ଧତା ଦୂରକରିବା ପାଇଁ ସେ ପ୍ରବଳ ସ୍ୱର ଉଠାଇଥିଲେ। ନାରୀ ଜାତିକୁ ମାତୃଜାତି ରୂପେ ଗ୍ରହଣ କରିବାପାଇଁ ନାରୀମାନଙ୍କୁ ଘରେ ଘରେ ଦେବୀରୂପେ ପୂଜା କରିବା ପାଇଁ ପୂର୍ବାଚାର୍ଯ୍ୟମାନଙ୍କ ଉପଦେଶକୁ ଗ୍ରହଣ ନକରି ନାରୀଜାତିକୁ କବାଟ କୋଣରେ ଭୋଗ୍ୟବସ୍ତୁ କରି ରଖାଯାଇଛି ବୋଲି ସେ ଅଭିଯୋଗ କରିଥିଲେ। ନାରୀଜାତିର ମାତୃତ୍ୱର ପ୍ରତିଷ୍ଠା ପାଇଁ ସେ ବହୁଯୁକ୍ତି ଢାଳିଥିଲେ। ନାରୀ ଦେହରେ ମାତୃତ୍ୱର ସୌନ୍ଦର୍ଯ୍ୟ ରହିଛି। ନାରୀଗୁଣରେ ମଧ୍ୟ ମାତୃତ୍ୱର ସୌନ୍ଦର୍ଯ୍ୟ ରହିଛି। ମାଆ ତାହାର ଶିଶୁ ସନ୍ତାନକୁ କୌଣସି ଆପଦରୁ ରକ୍ଷାକରିବାରେ ଯେଉଁ ସିଂହବିକ୍ରମ ଓ ନିର୍ଭୀକତାର ପରିଚୟ ଦିଏ, ତାହା ନାରୀଜାତିର

Digitized by srujanika@gmail.com

ମାତୃତ୍ୱର ଜ୍ୱଳନ୍ତ ପ୍ରମାଣ। ସ୍ୱାଭାବିକ ସରଳତା ଓ କୋମଳତା ଇତ୍ୟାଦି ଗୁଣ ମଧ୍ୟରେ ଏହି ସିଂହବିକ୍ରମ ଓ ନିର୍ଭୀକତା ପ୍ରଚ୍ଛନ୍ନ ଭାବରେ ରହିଛି ବୋଲି ସେ ମତ ଦେଇଥିଲେ।

ଓଢ଼ଣା ଓ ପରଦା ନିଷ୍କାସନ ପାଇଁ ବୈରାଗୀ ମିଶ୍ର ନାରୀମଙ୍ଗଳ ସମିତି ମାଧ୍ୟମରେ ଉଦ୍ୟମ କରିଥିଲେ। ତାଙ୍କ ମତରେ- ଆମ୍ଭମାନଙ୍କର ଚରିତ୍ରହୀନତାର ପ୍ରଧାନ କାରଣ ଏହି ଓଢ଼ଣା, ଦେଶରେ ବ୍ୟଭିଚାର ବୃଦ୍ଧିର ଏକ ମାତ୍ର କାରଣ ଏହି ଓଢ଼ଣା, ଆମ୍ଭମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଦୁର୍ବଳତାର ଏକ ମାତ୍ର କାରଣ ଏହି ଓଢ଼ଣା, ଆମ୍ଭମାନଙ୍କର ସମସ୍ତ ପ୍ରକାର ଅଧୋଗତିର କାରଣ ଏହି ଓଢ଼ଣା। ନିରକ୍ଷରତା ଦୂରୀକରଣ ପାଇଁ ସେ ବାରମ୍ବାର ନିବେଦନ କରିଥିଲେ। ସ୍ତ୍ରୀ ଏବଂ ପୁରୁଷ ଉଭୟଙ୍କର ଉପଯୋଗୀ ସୁଶିକ୍ଷା ଉପରେ ଏବଂ ପ୍ରତ୍ୟେକ ପରିବାରର ସୁଖଶାନ୍ତି ଉପରେ ସମସ୍ତ ମାନବସମାଜର ସୁଖଶାନ୍ତି ସମ୍ପୂର୍ଣ୍ଣ ରୂପେ ନିର୍ଭର କରେ ବୋଲି ସେ ଦୃଢ଼ ଭାବରେ ପ୍ରକାଶ କରିଥିଲେ। ପ୍ରତ୍ୟେକ ଶିକ୍ଷିତା ଝିଅ ନିଜ ଜୀବନକାଳ ମଧ୍ୟରେ ଅନ୍ତତଃ ଗୋଟିଏ ଝିଅର ନିରକ୍ଷରତା ଦୋଷ ଦୂର କରିବାକୁ ପ୍ରତିଜ୍ଞା କରନ୍ତୁ ବୋଲି ସେ ୧୯୩୦ରେ କହିଥିଲେ। ଯେଉଁ ଝିଅର ନିରକ୍ଷରତା ଦୂର ହେଲା, ସେହି ଝିଅ ଅନ୍ୟ ଗୋଟିଏ ଝିଅର ନିରକ୍ଷରତା ଦୂର କରିବାକୁ ଅଗ୍ରସର ହେବା ଉଚିତ। ଏହିପରି କଲେ ଖୁବ୍ ଅଳ୍ପଦିନ ମଧ୍ୟରେ ଓ ଅଳ୍ପ ଚେଷ୍ଟାରେ ନାରୀଜାତିର ନିରକ୍ଷରତା ଦୋଷ ଦୂର ହୋଇପାରିବ। ତାହାଛଡ଼ା ବୟସ୍କା ଓ ଶିକ୍ଷିତା ବିଧବାମାନେ ନିଜ ଗ୍ରାମରେ ଗୋଟିଏ ଗୋଟିଏ ଛୋଟ ଛୋଟ ବିଦ୍ୟାଳୟ କରି ଝିଅ ବୋହୂଙ୍କର ନିରକ୍ଷରତା ଦୋଷ ଦୂରକରିବା ସଙ୍ଗେ ସଙ୍ଗେ ବିଧବାର ଜୀବନ ସାର୍ଥକ କରିବା ଉଚିତ ବୋଲି ସେ ପ୍ରକାଶ କରିଥିଲେ। ନାରୀଜାତି ସୁଶିକ୍ଷିତା ନ ହେବା ପର୍ଯ୍ୟନ୍ତ ଭାରତରେ ସ୍ୱାଧୀନତା ତଥା ସମଗ୍ର ମାନବ ସମାଜର ଭବିଷ୍ୟତ କଲ୍ୟାଣ ସମ୍ପୂର୍ଣ୍ଣ ଅସମ୍ଭବ, ଏକଥା ବୈରାଗୀ ମିଶ୍ର ୧୯୩୦ବେଳକୁ ଜଣାଇ ଦେଇଥିଲେ। ସେହିପରି ଗହଣାରେ ଓ ନ୍ୟାୟ ନିମିତ୍ତରେ ଅଯଥା ଅପବ୍ୟୟକୁ ସେ ଆଦୌ ସହ୍ୟ କରି ପାରୁନଥିଲେ। ଜାଏକ୍ରିବାବ ଓ ପୁଅ ବିକ୍ରୀ ବା ଜୋଇଁ ଖରିଦ ପ୍ରଥା ୧୯୩୦ ବେଳକୁ ଓଡିଶାରେ ପ୍ରବଳ ଥିଲା। ଏହା ବିରୁଦ୍ଧରେ ମିଶ୍ର ସ୍ୱର ଉଠାଇଥିଲେ। ବିବାହ ପୂର୍ବରୁ ବରପକ୍ଷ ଓ କନ୍ୟାପକ୍ଷ ମଧ୍ୟରେ ଦେବା ଓ ନେବାର ଯେଉଁଚୁକ୍ତି ହୁଏ ତାହାର ନାମ ଯାଏଜବାବ। ବରପକ୍ଷର ଲୋଭରୁ ଏବଂ କନ୍ୟାପକ୍ଷର ଅନ୍ଧତା ଦୋଷରୁ ଏହି କଦର୍ଯ୍ୟ ପ୍ରଥାର ଉତ୍ପତ୍ତି ହୋଇ ଆଧୁନିକ କୁଶିକ୍ଷାର ବିସ୍ତାର ଘଟିଥିଲା। ଏହି କୁତ୍ସିତ ପ୍ରଥାର ଫଳରୁ ପୁଅ ଝିଅ ମାନେ ଯଥା ସମୟରେ ବିବାହ କରିନପାରି ଯୌବନ ଆରମ୍ଭରେ

Digitized by srujanika@gmail.com

ବିପଥଗାମୀ ହେଉଥିବାର କଥା ମିଶ୍ର ଆଲୋଚନା କରିଥିଲେ। ଏ ସମ୍ପର୍କରେ ସେ ଲେଖିଥିଲେ- ଯାହାର ତିନି ଚାରୋଟି ଝିଅ ଅଛନ୍ତି ସେ ବିଚରା ଜ୍ୱାଇଁ ଖରିଦ କରି ସର୍ବସ୍ୱାନ୍ତ ହେଉଅଛି। ଏତିକି ନୁହେଁ, ଏହି କୁତ୍ସିତ ପ୍ରଥାର ଫଳରୁ ଆଜି ପୂର୍ବର ପ୍ରକୃତ ବନ୍ଧୁତା ବା ବନ୍ଧୁସ୍ନେହ ସମାଜରୁ ଲୋପହୋଇ ଆଜିକାଲିକାର ନକଲି ବନ୍ଧୁତା କେବଳ ଦେବା ନେବା ଉପରେ, ନିଜ ନିଜର ଅହମିକା ଉପରେ ଓ ପ୍ରତିଯୋଗିତା ଉପରେ ପ୍ରତିଷ୍ଠିତ ହୋଇଅଛି। ସରଳତା ଓ ପବିତ୍ରତା ଉପରେ ପ୍ରତିଷ୍ଠିତ ପବିତ୍ର ଦାମ୍ପତ୍ୟ ପ୍ରେମ ଆଜି କେବଳ କିଣାବିକା ବ୍ୟବସାୟ ଉପରେ ପ୍ରତିଷ୍ଠିତ ହୋଇ ବ୍ୟଭିଚାରରେ ପରିଣତ ହୋଇଅଛି। (ନାରୀ ମଙ୍ଗଳ, ପୃ ୨୯-୩୦) ଏହି କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିବାକୁ ହେଲେ ପ୍ରଥମେ ଦୃଢ଼ ସଂକଳ୍ପ ଏକାନ୍ତ ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ଏ ସମ୍ପର୍କରେ ସେ ତିନୋଟି କଥା କହିଥିଲେ -

୧. ଝିଅଟି ବରଂ ଅବିବାହିତ ରହିଯିବ, କୌଣସି ପ୍ରକାର ଯାଏଜବାବ କଦାଚ କରିବି ନାହିଁ।

୨. ଝିଅଟି ବରଂ ଅନ୍ୟ ଦେଶରେ ଓ ଅନ୍ୟ ଜାତିରେ ବିବାହ ଦେବି, ଜ୍ୱାଇଁ ଖରିଦ କଦାଚ କରିବି ନାହିଁ। ଯେଉଁ ଜ୍ୱାଇଁ ଟଙ୍କା ଦାବିକରେ କିମ୍ବା ଟଙ୍କା ଆଶାକରେ, ତାକୁ କୁକୁର ବୋଲି ଘୃଣା କରିବି।

୩. ଝିଅଟି ବରଂ କୌଣସି ସଦ୍‌ଗୁଣସମ୍ପନ୍ନ ଗରିବ ଘରେ ଶାଗ ଭାତ ଖାଇ ସୁଖଶାନ୍ତି ପାଇବ, କିନ୍ତୁ ଯେଉଁ ଧନୀ ଲୋକ ବିବାହ ପୂର୍ବରୁ ଯାଏଜବାବ କରି ଟଙ୍କା ଓ ଗହଣା ଦାବିକରେ, ସେପରି ନିର୍ଲ୍ଲଜ ସମାଜଦ୍ରୋହୀ କଂସେଇ ଘରେ ଝିଅର ସୁଖଶାନ୍ତି ଆଶାକରିବା ନିର୍ବୋଧତାର କାର୍ଯ୍ୟ। ଏପରି ଲୋକକୁ ଟଙ୍କା ଦେଇ ଝିଅଟି ପାଇଁ ଦୁଃଖ ଓ ଅଶାନ୍ତି ବରଣ କରିବା ଅପେକ୍ଷା ସେହି ଟଙ୍କାରେ କୌଣସି ସଦ୍‌ଗୁଣସମ୍ପନ୍ନ ବ୍ୟକ୍ତିର ସଂସ୍ଥାନ କରିବା ଶତଗୁଣେ ଶ୍ରେୟସ୍କର।

ବୈରାଗୀ ମିଶ୍ର ବିବାହର ପବିତ୍ରତା ଉପରେ ମାନବ ସମାଜର ସ୍ୱରାଜ ବା ପ୍ରକୃତ କଲ୍ୟାଣ ନିର୍ଭର କରେ ବୋଲି ସିଦ୍ଧାନ୍ତ ନେଇଥିଲେ। ବିବାହପରି ପବିତ୍ର ସମ୍ବନ୍ଧକୁ କଳଙ୍କିତ କରି, କିଣାବିକା ବ୍ୟବସାୟରେ ପରିଣତ କରି, ଭବିଷ୍ୟତ ସମାଜର କଳଙ୍କ ହୋଇ ବିବାହରେ ଆଡମ୍ବର ଦେଖାଇବା ନିର୍ବୋଧତାର ପରିଚୟ, ନିନ୍ଦାର କଥା। ଏହି କୁତ୍ସିତ ପ୍ରଥାକୁ ଧ୍ୱଂସ କରି ନାରୀମଙ୍ଗଳ କାର୍ଯ୍ୟରେ ମନଯୋଗ କଲେ ମହୋପକାର ସାଧିତ ହେବ ବୋଲି ସେ ମତ ଦେଇଥିଲେ।

Digitized by srujanika@gmail.com

ଅନ୍ୟାୟ ବୈଧବ୍ୟ ଓ ବାଧ୍ୟତାମୂଳକ ବୈଧବ୍ୟ ବିରୁଦ୍ଧରେ ସେ ସାରା ଜୀବନ ସଂଗ୍ରାମ ଚଳାଇଥିଲେ। ଦୂର୍ବାକ୍ଷତ କର୍ମ ବା ପ୍ରକୃତ ବିବାହ କର୍ମ ସାରି ନ ଥିବା କନ୍ୟାର ବର ମରିଗଲେ ସେପରି କନ୍ୟା ବରପାଇଁ ମୃତାଶୌଚ ଓ ବୈଧବ୍ୟ ବ୍ରତ ପାଳି ଆସୁଥିବା ପ୍ରଥା ସମ୍ପୂର୍ଣ୍ଣ ଅଶାସ୍ତ୍ରୀୟ ଓ ଅଯୌକ୍ତିକ - ଏହା ବୁଝାଇ ଦେଇ ବୈରାଗୀ ବାବୁ ସେପରି କନ୍ୟାକୁ ବାଳବିଧବା ନାମ ପରିବର୍ତ୍ତେ ବିବରା ନାମ ଦେଇଥିଲେ।

୧୯୨୦ରୁ ୧୯୪୦ ମଧ୍ୟରେ ଓଡିଶାର ବିଭିନ୍ନ ସ୍ଥାନରେ ବିବରା ବିବାହ ହୋଇଯାଇଥିଲା। ୧୯୩୦ରୁ ୩ ବର୍ଷ ମଧ୍ୟରେ ନାରୀମଙ୍ଗଳ ସମିତି ଏ ଦିଗରେ ବେଶ୍ ଅଗ୍ରଗତି କରିଥିଲା। ନାରୀମଙ୍ଗଳ ସମିତି ସଙ୍ଗଠନ ଦିଗରୁ ସାର୍ଥକତା କଥା ବିଚାର କଲେ ଜଣାଯାଏ ଯେ ୧୯୩୪ ମସିହା ସୁଦ୍ଧା କର୍ମୀମାନଙ୍କ ସଂଖ୍ୟା ଆଶାନୁରୂପ ହୋଇପାରିନଥିଲା। ଅଳ୍ପ କେତେଜଣ ନାରୀକର୍ମୀ ଓ ସଭ୍ୟଙ୍କୁ ଘେନି ସମ୍ପାଦକ ବୈରାଗୀ ମିଶ୍ର ଏକାକୀ କାର୍ଯ୍ୟ କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ। ହିନ୍ଦୁ ସମାଜର ମୂର୍ଖତା ଓ ଅନ୍ଧବିଶ୍ୱାସର ପ୍ରସାର ଦୃଷ୍ଟିରୁ ସାମାଜିକ ସଂସ୍କାର କ୍ଷେତ୍ରରେ ଏକୁଟିଆ ହୋଇ ଗତିକରିବା କଷ୍ଟକର ବିଷୟ। କିନ୍ତୁ ବୈରାଗୀ ବାବୁ ଏ କ୍ଷେତ୍ରରେ ଏକୁଟିଆ ଭାବରେ ନାନା ବାଧାବିପତ୍ତିକୁ ଅତିକ୍ରମ କରି ଯେପରି ଭାବରେ ଅଭିଯାନ ଚଳାଇଥିଲେ, ସେଥିରୁ ତାଙ୍କର ସତ୍ସାହସ ଓ କର୍ମନିଷ୍ଠା ସହଜରେ ଅନୁମିତ ହୁଏ।

ବିବାହ ସଂସ୍କାର ଦିଗରେ ନାରୀମଙ୍ଗଳ ସମିତିର କାର୍ଯ୍ୟ ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ। ସମାଜରେ ବାଲ୍ୟବିବାହର ଅବାଧ ପ୍ରଚଳନ ଥିବା ହେତୁ ବହୁ ଅଜ୍ଞାନ ବାଳିକା ଅକାଳରେ କିମ୍ବା ଯୌବନର ପ୍ରାରମ୍ଭରେ ବିଧବା ହେଉଥିଲେ। ବିଧବା ହେବାମାତ୍ରେ ବ୍ରହ୍ମଚର୍ଯ୍ୟ ପାଳନ କରିବା ନିମିତ୍ତ ସମାଜର କ୍ରୁରଦୃଷ୍ଟି ସେମାନଙ୍କ ଉପରେ ପତିତ ହେଉଥିଲା। ଯେଉଁ ସମାଜପତିମାନେ ଏହି ବ୍ରତ ପାଳନର ବିଧିବିଧାନ ମାନ ପ୍ରଣୟନ କରିଥିଲେ ଏବଂ ବାଳିକା ହେଉ ବା ଯୁବତୀ ହେଉ ବିଧବା ମାତ୍ରେ ସମସ୍ତଙ୍କ ଉପରେ ତାହାକୁ ପ୍ରୟୋଗ କରିଥିଲେ ସେମାନେ ନିଜେ ହୁଏତ ସେହିପରି ବ୍ରତପାଳନର ବିଧିବିଧାନର ରକ୍ଷା କରିବାକୁ ଗଲେ ପଦେ ପଦେ ସେମାନଙ୍କ ପଥଚ୍ୟୁତହେବାର ଆଶଙ୍କା। ଏଭଳି ଅବସ୍ଥାରେ ବ୍ରହ୍ମଚର୍ଯ୍ୟର କଠୋର ବିଧିବିଧାନ ଅଜ୍ଞାନ ବାଳିକା କିମ୍ବା ନବଯୁବତୀମାନଙ୍କ ଉପରେ ପ୍ରୟୋଗ କରିବା ଘୋର ଅପରିଣାମଦର୍ଶିତା ବୋଲି କେତେକ ମନେ କରୁଥିଲେ। ଜୀବନରେ ଯୌବନ ଯେତେବେଳେ ସାଗରର ଜୁଆରଭଳି ମାଡି ଆସେ, ସେତେବେଳେ

Digitized by srujanika@gmail.com

ସମାଜପତିମାନଙ୍କର କ୍ରୁର ବିଧିବିଧାନର ବନ୍ଧନ ବାଲିବନ୍ଧ ପରି ତାର ଆଘାତରେ ଛିନ୍ନଭିନ୍ନ ହେବା ଅତି ସ୍ୱାଭାବିକ। ଏହା ଫଳରେ ଯୁବତୀର ପଦସ୍ଖଳିତ ହେଲେ ସମାଜର ନିର୍ବାସନ ଦଣ୍ଡ ତାହାର ମୁଣ୍ଡରେ ବଜ୍ରାଘାତ ପରି ପତିତ ହୁଏ। ସେ ଜାତିଚ୍ୟୁତ ଓ ସମାଜଚ୍ୟୁତ ହୋଇ ହିନ୍ଦୁର ସାମାଜିକ ଜୀବନରୁ ଚିରକାଳ ପାଇଁ ବିଦାୟ ଗ୍ରହଣ କରେ। ଏକପକ୍ଷରେ ବାଲ୍ୟବିବାହ ହେତୁ ଅକାଳ ବୈଧବ୍ୟ, ଅନ୍ୟପକ୍ଷରେ ଯୌବନର ସ୍ଖଳନ ହେତୁ ସାମାଜିକ ନିର୍ବାସନ- ଏହିପରି ଉଭୟବିଧି ଅସୁବିଧାର କବଳରେ ପତିତ ହୋଇ ହିନ୍ଦୁନାରୀ ଜୀବନସାରା ବ୍ରହ୍ମଚର୍ଯ୍ୟର ଯନ୍ତ୍ରଣା ଭୋଗକରେ, ନତୁବା ଗୋପନରେ ଯୌବନର ସୁଖସମ୍ଭୋଗ କରି ଭ୍ରୂଣହତ୍ୟା ଆଦି ଜଘନ୍ୟ ପାପକାର୍ଯ୍ୟରେ ନିଜକୁ ଜଡିତ କରେ। ହିନ୍ଦୁ ସମାଜରେ ବୋଧହୁଏ ଏହାଠାରୁ ବଳି ଆଉକୌଣସି ଜଘନ୍ୟ କଳଙ୍କ ନାହିଁ। ପ୍ରତିଦିନ ପ୍ରତି ମୁହୂର୍ତ୍ତରେ ସାରା ଭାରତରେ ହିନ୍ଦୁର ଘରେ ଘରେ ଯେତେ ଭ୍ରୂଣହତ୍ୟାର ଅଭିନୟ ହେଉଥିଲା, ଏଥିପାଇଁ ସମାଜପତିମାନେ ଦାୟୀ ବୋଲି ସଂସ୍କାରକ ମିଶ୍ର କହିଥିଲେ। ବାଲ୍ୟବିବାହର ବିରୋଧ ପାଇଁ ବ୍ୟବସ୍ଥାପକ ମହାସଭାରେ ଶାରଦା ଆଇନ ଗୃହୀତ ହୋଇଥିଲେ ମଧ୍ୟ ତାହାର ଫଳ ଆଶାଜନକ ହୋଇନଥିଲା। ବୈରାଗୀ ମିଶ୍ରଙ୍କ ନାରୀମଙ୍ଗଳ ସମିତି କେତେକ ସ୍ଥଳରେ ଏହି ବିଧାନ ଅନୁସାରେ ବାଲ୍ୟବିବାହ ବିରୁଦ୍ଧରେ କେତୋଟି ମକଦ୍ଦମା କରି ଓଡ଼ିଶାର ସାମାନ୍ୟ କେତୋଟି ଅଞ୍ଚଳରୁ ବାଲ୍ୟବିବାହ ପ୍ରଥା ଉଠାଇବାରେ ସହାୟତା କରିଥିଲେ। ବୈରାଗୀ ବାବୁ ଯଥା ସମୟରେ ମକଦ୍ଦମାର ଭୟ ଦେଖାଇ ବ୍ରାହ୍ମଣ ପରିବାରରେ କେତୋଟି ବାଲ୍ୟବିବାହ ବିରୋଧ କରି ଯୁବତୀ ବିବାହର ପଥ ଉନ୍ମୁକ୍ତ କରିଦେଇଥିଲେ।

ନାରୀମଙ୍ଗଳ ସମିତିର ସଂପାଦକ ହିସାବରେ ହିନ୍ଦୁ ଜନସାଧାରଣଙ୍କ ନିକଟରେ ଏକ ନୂତନ କଥା ଉପସ୍ଥାପିତ କରିଥିଲେ। ତାଙ୍କ ମତରେ ଅକାଳରେ ବରର ମୃତ୍ୟୁ ହେଲେ ତାହାର ବିବାହିତା କନ୍ୟା (ସ୍ତ୍ରୀ)କୁ ବିଧବା ବୋଲି ନକହି ବିବରା ବୋଲି କହିବା ଏକାନ୍ତ ଯୁକ୍ତିସଂଗତ। ବୈରାଗୀ ମିଶ୍ରଙ୍କ ମତାନୁସାରେ ବିବରାମାନେ ବିଧବା ନୁହଁନ୍ତି। ସେ ସମ୍ପର୍କରେ ସେ ଦୀର୍ଘ ଆଲୋଚନା କରି ଲେଖିଥିଲେ- ବେଦୋକ୍ତ ଷୋଳ ସଂସ୍କାର ମଧ୍ୟରେ ବିବାହ ଗୋଟିଏ ସଂସ୍କାର ଏବଂ ଗର୍ଭାଧାନ ଅନ୍ୟ ଗୋଟିଏ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସଂସ୍କାର। ସ୍ୱାମୀ ଓ ସ୍ତ୍ରୀ ଭାବରେ ସମ୍ବନ୍ଧ ସ୍ଥାପନର ନାମ ବିବାହ ସଂସ୍କାର ଏବଂ ସନ୍ତାନ ଉତ୍ପାଦନ ପାଇଁ ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନର ନାମ ଗର୍ଭାଧାନ ସଂସ୍କାର। ବୈଦିକ ଯୁଗପରେ ଏପରି ସମୟ ଆସିଲା ଯେ ପୁଅ ଝିଅମାନଙ୍କୁ

Digitized by srujanika@gmail.com

କନ୍ୟାଦାନ ଓ ଦୂର୍ବାକ୍ଷତ ପ୍ରଥାରେ ବିବାହ ଦେବା ଆବଶ୍ୟକ ହେଲା। ପ୍ରାପ୍ତବୟସ୍କ ହେବା ପୂର୍ବରୁ ଝିଅଟି ପାଇଁ ଉପଯୁକ୍ତ ବରପାତ୍ରଟିଏ ଏବଂ ପୁଅଟି ପାଇଁ ଯଥାଯୋଗ୍ୟ ଝିଅଟିଏ ସ୍ଥିର କରିବା କନ୍ୟାଦାନ କର୍ମର ଉଦ୍ଦେଶ୍ୟ ରହିଲା ଏବଂ ଦୂର୍ବାକ୍ଷତ କର୍ମକୁ ବିବାହ ସଂସ୍କାର କିମ୍ବା ଦୂର୍ବାକ୍ଷତ କର୍ମ ପରେ ମାତ୍ର ପ୍ରଥମ ଗର୍ଭାଧାନ ସଂସ୍କାର ପୂର୍ବରୁ ସ୍ୱାମୀର ମୃତ୍ୟୁ ହେଲେ ସେହି ସ୍ତ୍ରୀକୁ ଅକ୍ଷତଯୋନି ବିଧବା କୁହାଯାଉଥିଲା ଏବଂ ଅବିବାହିତ ଝିଅପରି ଗ୍ରହଣ କରାଯାଇ ବଶିଷ୍ଟଙ୍କର **ପୁନଃସଂସ୍କାର ମର୍ହତି**,ଏହି ବ୍ୟବସ୍ଥା ଅନୁସାରେ ପୁନଃବିବାହ ଦିଆ ଯାଉଥିଲା। ଦୂର୍ବାକ୍ଷତ କର୍ମପୂର୍ବରୁ ବରଟି ମରିଗଲେ **କୁମାରି ପିତୁରେବ ସା**, ଏହି ବ୍ୟବସ୍ଥାନୁସାରେ ସେହି ବିବରା ଝିଅଟି କୁମାରୀ ଭାବରେ ବାପର ଅଧିକାରରେ ରହୁଥିଲା ଏବଂ ଝିଅଟି ଋତୁମତୀ ହୋଇନଥିଲେ "ଅନ୍ୟସ୍ମୈ ବିଧିବତ୍ ଦେୟା"ଏହି ବ୍ୟବସ୍ଥାନୁସାରେ ତାହାର ପୁଣିଥରେ କନ୍ୟାଦାନ କର୍ମ ମଧ୍ୟ କରାଯାଉଥିଲା। ପୂର୍ବୋକ୍ତ ଗର୍ଭାଧାନ ସଂସ୍କାର ଥିବା ପର୍ଯ୍ୟନ୍ତ ଆମଦେଶରେ ଅକ୍ଷତଯୋନି ବିଧବା ଓ ପ୍ରକୃତ ବିଧବା ଏହି ଦୁଇପ୍ରକାର ବିଧବା ଥିଲେ ଏବଂ ଏହି ଦୁଇପ୍ରକାର ବିଧବାଙ୍କର ବିବାହ ପାଇଁ ଭିନ୍ନ ଭିନ୍ନ ଦୁଇ ପ୍ରକାର ବ୍ୟବସ୍ଥା ଦିଆଯାଇଅଛି। କାଳକ୍ରମେ ଗର୍ଭାଧାନ ସଂସ୍କାର ଲୋପ ହେବାରୁ ଲୋକେ ଦୂର୍ବାକ୍ଷତ କର୍ମକୁ ଗର୍ଭାଧାନ କର୍ମରେ ପରିଣତ କଲେ। ଦୂର୍ବାକ୍ଷତ କର୍ମ ବା ବିବାହ ସଂସ୍କାର ଗର୍ଭାଧାନ କର୍ମରେ ପରିଣତ ହେବାରୁ କନ୍ୟାଦାନ କର୍ମକୁ ଲୋକେ ବିବାହ ସଂସ୍କାରରେ ପରିଣତ କରି ଖୁବ୍ ଆଡ଼ମ୍ବର ସହକାରେ ସମ୍ପନ୍ନ କରିବାକୁ ଲାଗିଲେ। ସେହି ଦିନଠାରୁ ଅକ୍ଷତଯୋନି କଥାଟି କେବଳ ଶାସ୍ତ୍ରରେ ରହିଲା; ମାତ୍ର ଦେଶରେ ଆଉ ସେପରି ବିଧବା ରହିଲେ ନାହିଁ। ବ୍ୟବସ୍ଥା ମାନଙ୍କରେ ଯେଉଁ ଅକ୍ଷତଯୋନି କଥାଟି ବାରମ୍ବାର ବ୍ୟବହୃତ ହୋଇଅଛି ସେହି ଅକ୍ଷତଯୋନି କଥାଟିର ସମାଲୋଚନା ଅନେକ ଦିନହେଲା ଚାଲିଥିଲା। ରକ୍ଷଣଶୀଳମାନେ ଦେଶାଚାରକୁ ସମର୍ଥନ କରି ଅକ୍ଷତଯୋନି କଥାଟିର ଅର୍ଥ କରୁଥିଲେ- **ନ ଋତୁମତୀ ଅର୍ଥାତ୍ ଅପ୍ରାପ୍ତବୟସ୍କା କନ୍ୟା।** ଅନ୍ୟାନ୍ୟମାନେ ବୁଝିଥିଲେ - ନଭର୍ତ୍ତୃସଂଗମବତୀ, ଅର୍ଥାତ୍ ସ୍ୱାମୀସଂସର୍ଗ କରି ନଥିବା କନ୍ୟା। ଅନ୍ୟ ଅର୍ଥଟି ହେଉଛି - "ନ ଅନ୍ୟପୁରୁଷ ସଂସର୍ଗବତୀ" - ଅର୍ଥାତ୍ ନିଜର ବିବାହିତ ସ୍ୱାମୀ ବ୍ୟତୀତ ଅନ୍ୟପୁରୁଷ ସଂସର୍ଗ କରିନଥିବା ବିଧବା। ପ୍ରଥମ ପ୍ରକାର ବିଧବା ଆଜିକାଲି ନାହାଁନ୍ତି। ବର୍ତ୍ତମାନ ଯେଉଁ ପ୍ରକାର ବିଧବା ଦେଶରେ ଅଛନ୍ତି ସେମାନଙ୍କ ମଧ୍ୟରୁ ଯେଉଁମାନେ ଅନ୍ୟପୁରୁଷ ସଂସର୍ଗ କରିଥିବେ ସେମାନଙ୍କ ବିବାହପାଇଁ କୌଣସି ଶାସ୍ତ୍ରୀୟ ବ୍ୟବସ୍ଥା ନାହିଁ। କେବଳ ଯେଉଁ ବିଧବା ମାନେ ଅନ୍ୟ ପୁରୁଷ ସଂସର୍ଗ କରିନଥିବେ ସେହିମାନେ ବର୍ତ୍ତମାନ ଯୁଗର ଅକ୍ଷତଯୋନି ବିଧବା ଏବଂ ସେମାନଙ୍କ ପାଇଁ ବିବାହର ବ୍ୟବସ୍ଥା

Digitized by srujanika@gmail.com

ଅଛି। ବିଧବା ମାନଙ୍କର ବିବାହପାଇଁ ଶାସ୍ତ୍ରରେ ଅନେକ ବ୍ୟବସ୍ଥା ରହିଛି ; ମାତ୍ର ବିବରା ମାନଙ୍କର ବିବାହପାଇଁ କିମ୍ବା ସେପରି କନ୍ୟାକୁ ଲକ୍ଷ୍ୟ କରାଯାଇ କୌଣସିଠାରେ କୌଣସି ବ୍ୟବସ୍ଥା ନାହିଁ। କେବଳ ବଶିଷ୍ଠ ସଂହିତା ସତର ଅଧ୍ୟାୟ ଶେଷରେ ଗୋଟିଏ ସ୍ଥାନରେ କ୍ରମାନ୍ୱୟରେ ତିନୋଟି ବ୍ୟବସ୍ଥା ଅଛି। ବିବରା ମାନଙ୍କର ଅନ୍ୟାୟ ଓ ଅମାନୁଷିକ ବୈଧବ୍ୟ ବିରୁଦ୍ଧରେ ମୂର୍ଖତା ଓ ଅନ୍ଧତା ଉପରେ ପ୍ରତିଷ୍ଠିତ ଶିଶୁ ବୈଧବ୍ୟ ବିରୁଦ୍ଧରେ ଏପରି ଅକାଟ୍ୟ ଓ ସୁସ୍ପଷ୍ଟ ବ୍ୟବସ୍ଥା ଅନ୍ୟତ୍ର ଅଛି କି ନାହିଁ ସନ୍ଦେହ।

ବୈରାଗୀ ମିଶ୍ରଙ୍କ ମତରେ ପ୍ରକୃତ ବୈଧବ୍ୟ ଅତି ପବିତ୍ର ବିଷୟ ଓ ସମାଜର ମଙ୍ଗଳ ପାଇଁ ଆବଶ୍ୟକ। ମାତ୍ର ବିବାହଯୋଗ୍ୟ ଯୁବତୀ ବିଧବାର ବାଧ୍ୟତାମୂଳକ ବୈଧବ୍ୟ ଅଶାସ୍ତ୍ରୀୟ ଓ ନିନ୍ଦନୀୟ। ବୈଧବ୍ୟ ପବିତ୍ର ବିଷୟ ବୋଲି ବିବାହ ଅପବିତ୍ର ବିଷୟ ନୁହେଁ। କାମ ପ୍ରବୃତ୍ତି ଚରିତାର୍ଥ କରିବା ବିବାହର ଏକ ମାତ୍ର ଲକ୍ଷ୍ୟ ନୁହେଁ। ବୈବାହିକ ସମ୍ବନ୍ଧର ଉଦ୍ଦେଶ୍ୟ ଅତି ମହତ। ଏହା ସତ୍ୟ ଉପରେ ଓ ପବିତ୍ର ପ୍ରେମ ଉପରେ ପ୍ରତିଷ୍ଠିତ। ବିବାହ କରିବା ପରେ କାହାରି ସ୍ତ୍ରୀ କିମ୍ବା କାହାରି ସ୍ୱାମୀ ମରିଗଲେ ସେହି ବିପତ୍ନୀକ ପୁରୁଷ କିମ୍ବା ବିଧବା ସ୍ତ୍ରୀ ପୁନର୍ବାର ବିବାହ କରିବେ ଏବଂ ପୁନର୍ବାର ବିବାହ କରିବାରେ ଉଭୟଙ୍କର ସମାନ ଅଧିକାର ରହିବ ତାହା ଶାସ୍ତ୍ରକାର ମାନେ ବିଭିନ୍ନ ବ୍ୟବସ୍ଥାରେ ସ୍ପଷ୍ଟାକ୍ଷରରେ ଲେଖିଯାଇଛନ୍ତି। ଶାସ୍ତ୍ରକାର ମାନେ ଲେଖିଯାଇଛନ୍ତି ବୋଲି ତାହା ଅନ୍ଧ ଭାବରେ ପାଳନ କରିବାକୁ ହେବ- ଏପରି କଥା ମିଶ୍ର କହିନଥିଲେ। ଶାସ୍ତ୍ରକାରମାନେ ଯାହା ଲେଖିଯାଇଛନ୍ତି, ସେଥିରେ କୌଣସି କଥା ଅଯୌକ୍ତିକ ଥିଲେ ତାହା ଜନସାଧାରଣଙ୍କୁ ବୁଝାଇଦେବା ପାଇଁ ରକ୍ଷଣଶୀଳ ସମାଜକୁ ସେ ଅନୁରୋଧ କରିଥିଲେ। ଦେଶରୁ ଗୋପନ ବ୍ୟଭିଚାର ଓ ଭ୍ରୂଣହତ୍ୟାରହିତ କରିବା ଅଭିପ୍ରାୟରେ ପୂର୍ବାଚାର୍ଯ୍ୟମାନେ କି ପୁରୁଷ କି ସ୍ତ୍ରୀ ସମସ୍ତଙ୍କୁ ସବୁ ଅବସ୍ଥାରେ ପବିତ୍ର ପ୍ରକାଶ୍ୟ ବିବାହ କରିବାକୁ ବ୍ୟବସ୍ଥା ଦେଲେ। ମାତ୍ର ବୈରାଗୀବାବୁଙ୍କ ମତାନୁସାରେ ଆଧୁନିକ ବ୍ୟବସ୍ଥାଦାତା ମାନେ ବିବାହକୁ ଏପରି ନୀଚସ୍ଥାନ ଦେଲେ ଯେ ଲୋକେ ବିବାହର ନାମ ଧରିବାକୁ ସୁଦ୍ଧା ଲଜ୍ଜାବୋଧ କଲେ ଏବଂ ଗୋପନ ଲଂଘନ ଓ ଭ୍ରୂଣହତ୍ୟାକୁ ଧର୍ମ ମନେକଲେ। ଏପରି ସ୍ପଷ୍ଟ ଆଲୋଚନା ବୈରାଗୀ ମିଶ୍ରଙ୍କ ଉଗ୍ର ସଂସ୍କାରକ ମାନସର ପରିଚାୟକ। **ନାରୀମଙ୍ଗଳ** ପୁସ୍ତକ ପରି ତାଙ୍କର ଏ ସମ୍ପର୍କିତ ଅନ୍ୟ ଏକ ପୁସ୍ତକ **ପ୍ରକୃତ ବିବାହ** ମଧ୍ୟ ୧୯୩୦-୩୨ରେ ଓଡ଼ିଶାରେ ବହୁ ଚର୍ଚ୍ଚା ହୋଇଥିଲା। ଏପରି ପୁସ୍ତକ ରଚନା କରି ସେ ରକ୍ଷଣଶୀଳତାର ଯବନିକା ଉତ୍ତୋଳନ କରିଥିଲେ। ବାଲ୍ୟବିବାହର କବଳରେ ପଡି ଯେଉଁ ଅଜ୍ଞାନ ବାଳିକାମାନେ ଅକାଳରେ ବୈଧବ୍ୟ

Digitized by srujanika@gmail.com

ଦଶା ବରଣ କରିଥିଲେ ସେମାନଙ୍କର ପୁନର୍ବିବାହକୁ ସେ ବିଧବା ବିବାହ ନାମରେ ଅଭିହିତ କରିବାକୁ ପଶ୍ଚାତ୍‌ପଦ। ତାଙ୍କ ମତରେ ବିବାହ ବନ୍ଧନର ପ୍ରଥମ କର୍ମ ମହାପ୍ରସାଦ ନିର୍ବନ୍ଧରେ ଆରମ୍ଭ ହୁଏ ଏବଂ ନିଷେକ ଅର୍ଥାତ୍ ସ୍ୱାମୀ-ସ୍ତ୍ରୀର ସହବାସରେ ତାର ସମାପ୍ତି ହୁଏ। ବିବାହ, ଚତୁର୍ଥୀ, ସପ୍ତମଙ୍ଗଳା, ଚନ୍ଦ୍ର ବନ୍ଦାପନା, ବର୍ଷ ବୃଦ୍ଧି ଆଦି କର୍ମମାନ ବିବାହ କର୍ମର ଗୋଟିଏ ଗୋଟିଏ ଅସମ୍ପୂର୍ଣ୍ଣ ଅଂଶମାତ୍ର। ସେଥିପାଇଁ ଏହି ସକଳ ପ୍ରାରମ୍ଭିକ କର୍ମ ଶେଷରେ ପୁରୁଷ ଓ ସ୍ତ୍ରୀ ଉଭୟ ବରକନ୍ୟା ନାମରେ ଅଭିହିତ ହୁଅନ୍ତି ଓ ନିଷେକ କର୍ମ ପରେ ସ୍ୱାମୀ ସ୍ତ୍ରୀ ନାମ ଗ୍ରହଣ କରନ୍ତି। ବର କନ୍ୟା ଅବସ୍ଥାରେ ଯଦି ବରର ମୃତ୍ୟୁ ହୁଏ ତେବେ କନ୍ୟାକୁ ବିଧବା ବୋଲି କୁହାଯାଇ ନପାରେ ଏବଂ ସେପରି ବରମୃତା କନ୍ୟାର ବିବାହକୁ ବିଧବା ବିବାହ ନାମରେ ଅଭିହିତ କରାଯାଇନପାରେ। ଏପରି ବାଳିକାମାନଙ୍କର ବିବାହକୁ ଲେଖକ " ଅପ୍ରକୃତ ବିଧବାର ପ୍ରକୃତ ବିବାହ" ବୋଲି କହିଛନ୍ତି।

୧୯୩୦ ଦଶକରେ ବୈରାଗୀ ମିଶ୍ରଙ୍କ ସୂଚିତ ବିବରା ବିବାହ ବହୁ ବିତର୍କ ଆମନ୍ତ୍ରଣ କରିଥିଲା। ସେହି ସମୟର ସମ୍ବାଦପତ୍ର ଏବଂ ସାହିତ୍ୟ ପତ୍ରିକା ମାନଙ୍କରେ ଏହି ବିତର୍କ ସ୍ଥାନ ପାଇଥିଲା। ୧୯୩୪ ମସିହା ଫେବୃଆରୀ ୨ତାରିଖ ସଂଖ୍ୟାରେ ଆଶା ସମ୍ବାଦପତ୍ରରେ ଜୟପୁରର ବିକ୍ରମଦେବ ବର୍ମା ବିବରା ଶବ୍ଦ ଠିକ୍ ନୁହେଁ ବୋଲି ପତ୍ର ପ୍ରକାଶ କରାଇଥିଲେ। ସେ ଲେଖିଥିଲେ-ଆଜିକାଲି କେତେକ ନୂତନ ଶବ୍ଦ ସୃଷ୍ଟି ହେଉଅଛି। ସମୀଚୀନ ଶବ୍ଦ ସୃଷ୍ଟି ଦ୍ୱାରା ସରସ୍ୱତୀର ଶରୀର ବୃଦ୍ଧିକରଣ ସମଞ୍ଜସ୍ୟ, କିନ୍ତୁ ଅସମୀଚୀନ ଶବ୍ଦ ସୃଷ୍ଟି କରି ସରସ୍ୱତୀ କି "ଗୋଦରୀ"କରିବା ଅସମଞ୍ଜସ୍ୟ। ବିଧବା ବଦଳରେ ଏବେ ବିବରା ସୃଷ୍ଟି ହୋଇଅଛି। ତାହା ଅସମୀଚୀନ। ବିବାହର ପୂର୍ବେ ସ୍ତ୍ରୀ ପୁରୁଷ କନ୍ୟାବର ବୋଲାନ୍ତି। ବିବାହର ପରେ ସେମାନେ ପତ୍ନୀ ପତି ପତ୍ନୀ ଧବ କିମ୍ବା ଭାର୍ଯ୍ୟାଭର୍ତ୍ତା ବୋଲାନ୍ତି। ସ୍ତ୍ରୀର ପୂର୍ବ ବିବାହ ହୋଇଥିବାରୁ ତାକୁ ବିଧବା ବୋଲିବା ସମୁଚିତ। ବିବରା ବୋଲିବା ଅନୁଚିତ। ବିବରା ଶବ୍ଦର ଅର୍ଥ "ରଣ୍ଡା" ତଦୁପଲକ୍ଷରେ, ବିବରା ସୃଷ୍ଟି ହୋଇଥିଲେ ତାହା ଗ୍ରହଣୀୟ ହୋଇପାରେ। ଏହି ବକ୍ତବ୍ୟକୁ ଗ୍ରହଣ ନ କରି ଉତ୍କଳ ସାହିତ୍ୟ ସମାଜର ସଭ୍ୟ କୃଷ୍ଣଚନ୍ଦ୍ର କର ଫେବୃଆରୀ ୧୯, ୧୯୩୪ ଆଶା ସାପ୍ତାହିକ ସମ୍ବାଦପତ୍ରରେ ଦୀର୍ଘ ଆଲୋଚନା ପ୍ରକାଶ କରିଥିଲେ। ସେ ଲେଖିଥିଲେ-ଆପଣ ସଂସ୍କୃତ ତଥା ଉତ୍କଳ ଭାଷାରେ ପ୍ରବୀଣ ପଣ୍ଡିତ । ଆଜିକାଲି ମାନ୍ୟ କେତେକ ନବ୍ୟଭବ୍ୟ ବ୍ୟକ୍ତି ନୂତନ ଶବ୍ଦାବଳୀ ସୃଷ୍ଟି କରିବା ଦ୍ୱାରା ସାହିତ୍ୟ ରାଜ୍ୟରେ ଅସମୀଚୀନତାର ବିଭ୍ରାଟ ସୃଷ୍ଟି କରିବା କଥା

Digitized by srujanika@gmail.com

ବାସ୍ତବିକ ନିରାଟ ସତ୍ୟ। ଆପଣଙ୍କ ଭଳି ମାତୃଗୌରବ ରକ୍ଷଣଶୀଳ ଭାଷା ଭକ୍ତଙ୍କ ପକ୍ଷରେ ସେଥିପାଇଁ ଆକ୍ଷେପୋକ୍ତି ପ୍ରକାଶ କରିବା ମଧ୍ୟ ଅତି ଯଥାର୍ଥ। କିନ୍ତୁ ବିବରା ଶବ୍ଦଟି ଏ ଶ୍ରେଣୀୟ ଦୂଷିତ ଶବ୍ଦାବଳୀର ସଂଖ୍ୟା ବୃଦ୍ଧି କରିନାହିଁ। ଓଡ଼ିଆ ଭାଷାରେ ଗୋଟିଏ ଶୁଦ୍ଧ ଯଥାର୍ଥ ଅର୍ଥବୋଧକ ସମୁପଯୁକ୍ତ ଶବ୍ଦରୂପେ ଏହା ଆତ୍ମପ୍ରକାଶ କରିଛି। ଯାହାର ଫଳରେ ଉତ୍କଳ ବୀଣାପାଣିଙ୍କର ଗନ୍ତାଘର ଅଧିକ ବିଭବବାନ ତଥା ସମୁଜ୍ଜ୍ୱଳ ହେବ। ଆପଣ ଲେଖିଛନ୍ତି ବିଧବା ବଦଳରେ ବିବରା ସୃଷ୍ଟି ହୋଇଛି। ଅର୍ଥାତ୍ ଅନ୍ୟଭାଷାରେ କହିବାକୁ ଗଲେ ଅନେକ ବ୍ୟକ୍ତି ଆଜିକାଲି ବିଧବା ଶବ୍ଦ ବଦଳରେ ତାର ପ୍ରତିଶବ୍ଦ ରୂପେ ବିବରା ଶବ୍ଦ ବ୍ୟବହାର କରୁଛନ୍ତି। କିନ୍ତୁ ଏହାତ ପ୍ରକୃତ ବ୍ୟାପାର ନୁହେଁ, ବିଧବା ଓ ବିବରା ଏ ପ୍ରତ୍ୟେକ ଶବ୍ଦର ଅର୍ଥ ସମ୍ପୂର୍ଣ୍ଣ ଭିନ୍ନ। ଏହି ଅର୍ଥ ପାର୍ଥକ୍ୟ ସମ୍ବନ୍ଧରେ ଲେଖିବା ପୂର୍ବରୁ ବିବାହ ସମ୍ବନ୍ଧରେ କିଛି କହିବା ଆବଶ୍ୟକ ଓ ପ୍ରାସଙ୍ଗିକ ମନେ କରୁଛି। ଲୋକେ ସାଧାରଣତଃ ବୁଝନ୍ତି -ବିବାହ, ବାଲ୍ୟବିବାହ ଦିନର କାର୍ଯ୍ୟ ସରିଲେ ବିବାହ କାର୍ଯ୍ୟ ଶେଷ ହେଲା। ମାତ୍ର ଏ ଧାରଣା ବଡ଼ ଭ୍ରାନ୍ତ ଓ ଅଶାସ୍ତ୍ରୀୟ। ତାହା କେବଳ ବିବାହର ଏକ ଅଙ୍ଗ ମାତ୍ର। ଏହି ରୂପେ ଚତୁର୍ଥୀ, ସପ୍ତମଙ୍ଗଳା, ଚନ୍ଦ୍ର ବନ୍ଦାପନା ଓ ବର୍ଷ ବୃଦ୍ଧି ପ୍ରଭୃତି ମଧ୍ୟ ବିବାହର ଗୋଟିଏ ଗୋଟିଏ ଅଙ୍ଗ। ବିବାହର ଶେଷ ଅଙ୍ଗ ହେଉଛି ଦୂର୍ବାକ୍ଷତ କର୍ମ ବା ଆଶୀର୍ବାଦ କର୍ମ। ସେହି କର୍ମ ଶେଷ ହେଲେ ଯାଇ ବିବାହ ପୂର୍ଣ୍ଣାଙ୍ଗ ହୁଏ। ତାହା ପୂର୍ବରୁ ପୁରୁଷ ସ୍ତ୍ରୀ ବର କନ୍ୟା ନାମରେ ବିବାହ ମନ୍ତ୍ରରେ ଅଭିହିତ। ଆଶୀର୍ବାଦ କର୍ମ ପରେ ଯାଇ ବର କନ୍ୟା, ପତିପତ୍ନୀ ଧବ ଜାୟା, ଭର୍ତ୍ତା-ଭାର୍ଯ୍ୟା ଇତ୍ୟାଦି ନାମରେ ଅଭିହିତ ହୁଅନ୍ତି।

ଆମ୍ଭମାନଙ୍କର କର୍ମକାଣ୍ଡାଦି ବୈବାହିକ ଗ୍ରନ୍ଥମାନଙ୍କରେ ଦୂର୍ବାକ୍ଷତ କର୍ମ ଶେଷ ହେବା ପୂର୍ବରୁ ଯେତେ ସ୍ଥାନରେ ପ୍ରୟୋଗ ଅଛି, ସବୁଠାରେ ବର କନ୍ୟା ଶବ୍ଦର ଉଲ୍ଲେଖ ଅଛି। ତେଣୁ ବିବାହର ସମସ୍ତ ଅଙ୍ଗ ନ ସରିବା ପୂର୍ବରୁ ଅର୍ଥାତ ଦୂର୍ବାକ୍ଷତ କର୍ମ ପୂର୍ବରୁ ଯଦି ପୁରୁଷର ମୃତ୍ୟୁ ଘଟେ, ସେପରି ସ୍ଥଳରେ କନ୍ୟା କଦାପି ବିଧବା ନାମରେ ନାମିତ ହେବନାହିଁ। ପୁରୁଷ ସେ ପର୍ଯ୍ୟନ୍ତ ଧବ ହେବାର ଅଧିକାର ପାଇ ନାହିଁ। ତାହାର ଶାସ୍ତ୍ରୀୟ ନାମ ସେତେବେଳେ ବର। ତେଣୁ ସେହି ବରର ମୃତ୍ୟୁରୁ କନ୍ୟା ବରହୀନା ଅର୍ଥାତ୍ ବିବରା ବୋଲି କଥିତ ହେବ ସିନା; ଯଦି ଦୂର୍ବାକ୍ଷତ କର୍ମ ଶେଷ ହେବା ପରେ ଅର୍ଥାତ କନ୍ୟାଭାର୍ଯ୍ୟା ବା ବଧୂ ନାମ ପାଇବା ପରେ ଧବର ମୃତ୍ୟୁ ହୁଏ, ତାହାହେଲେ ସେପରି ସ୍ଥଳରେ ବଧୂଟି ବିଧବା ବୋଲି କଥିତ ହୁଏ। ଏତ ଗଲା ବିବରା ଶବ୍ଦର ସାମାଜିକ ଶାସ୍ତ୍ରୀୟ ଅର୍ଥ। ବର୍ତ୍ତମାନ ବ୍ୟାକରଣ ଗତ ବିଶୁଦ୍ଧତା ବିଷୟରେ

Digitized by srujanika@gmail.com

ବିବରା ଶବ୍ଦଟି କେତେଦୂର ସମୀଚୀନ ଓ ସଙ୍ଗତ, ତାହାର ଆଲୋଚନା ସାମାନ୍ୟ କରିବି। ବିଗତ ହୋଇଛି ଧବ ଯାହାର ସେ ବିଧବା (ବହୁବ୍ରୀହୀ)। ଠିକ୍ ସେହିପରି ବିଗତ ହୋଇଛି ବର ଯାହାର ସେ ବିବରା (ବହୁବ୍ରୀହୀ)। ସଂସ୍କୃତ ବ୍ୟାକରଣର ଅନୁମୋଦନାନୁଯାୟୀ ଏହି ଶ୍ରେଣୀୟ ଅସଂଖ୍ୟ ଶବ୍ଦ ସଂସ୍କୃତ କାବ୍ୟାଦି ଗ୍ରନ୍ଥରେ ବ୍ୟବହାର ହୋଇଥିବାର ଦୃଷ୍ଟାନ୍ତ ସଂସ୍କୃତଜ୍ଞ ବ୍ୟକ୍ତିଙ୍କୁ ଅଜ୍ଞାତ ନୁହେଁ। ଆପଣ ଲେଖିଛନ୍ତି ସ୍ତ୍ରୀର ପୂର୍ବ ବିବାହ ହୋଇଥିବାରୁ ତାକୁ ବିଧବା ବୋଲିବା ସମୁଚିତ, ବିବରା ବୋଲିବା ଅନୁଚିତ। କିନ୍ତୁ ପୂର୍ବ ବିବାହ ଶବ୍ଦର ଅର୍ଥ କଣ ମୁଁ ବୁଝିପାରୁ ନାହିଁ। ତାହା ପୂର୍ବ ବିବାହ ନୁହେଁ-ବିବାହର ପୂର୍ବବିଧି କର୍ମ ମାତ୍ର। ପୂର୍ବବିଧି କର୍ମ ଓ ଉତ୍ତର ବିଧି କର୍ମ ଏ ଉଭୟ ବିଧିକର୍ମ ଶେଷ ହେଲେ ଯାଇ ବିବାହ କର୍ମ ପରିସମାପ୍ତ ହୁଏ। ଏଣୁ ପୁନର୍ବିବାହ ବୋଲି କହିବା ମୋ ମତରେ ସମ୍ପୂର୍ଣ୍ଣ ଅସଙ୍ଗତ। ନାନା ଆଲୋଚନା ଫଳରେ ଏହା ଜଣାପଡ଼ିଛି ଯେ ବିଧବାମାନଙ୍କର ପୁନଃବିବାହ କରିବାର ଅଧିକାର ପୂର୍ବାଚାର୍ଯ୍ୟମାନଙ୍କ କର୍ତ୍ତୃକ ଲିଖିତ ଶାସ୍ତ୍ରାବଳି ବଜ୍ର ନିର୍ଘୋଷରେ ଘୋଷଣା କରୁଛି। କିନ୍ତୁ କନ୍ୟାମାନେ ଯଦି ବରହୀନ ହୁଅନ୍ତି, ତାହାହେଲେ ସେମାନେ କଦାପି ବିଧବା ଶ୍ରେଣୀରେ ଗଣ୍ୟ ହେବେନାହିଁ। ସେମାନଙ୍କ ବିବାହ ଠିକ୍ କୁମାରୀମାନଙ୍କ ବିବାହ ପରି ଯଥାବିଧି ସମାହିତ ହେବ। ଅତଏବ ଏଠାରେ ଦେଖାଯାଉଛି କୁମାରୀ ଓ ଧବହୀନା (ବିଧବା) ଏହି ଦୁଇଶ୍ରେଣୀର ନାରୀବ୍ୟତୀତ ଏହି ବରହୀନା (ବିବରା) କନ୍ୟାମାନେ ଆଉ ଏକ ଶ୍ରେଣୀର ବୋଲି ଶାସ୍ତ୍ର ପ୍ରଚାର କରୁଛି। ଏହି ବରହୀନା କନ୍ୟାମାନଙ୍କୁ ଅବିବାହିତା ବା ବିଧବାମାନଙ୍କ ଠାରୁ ସ୍ୱତନ୍ତ୍ର ଶ୍ରେଣୀରେ ରଖିବାକୁ ହେଲେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ନାମଟିଏ ଯେ ନିତାନ୍ତ ଆବଶ୍ୟକ, ଏହା ଯେ କୌଣସି ସାହିତ୍ୟିକ ସ୍ୱୀକାର କରିବେ। କେବଳ ଏଥିପାଇଁ କି ହିଁ ସ୍ୱତନ୍ତ୍ର ବିବରା ଶବ୍ଦର ସୃଷ୍ଟି ହୋଇଅଛି ବୋଲି ମୋର ବିଶ୍ୱାସ। ମୋ ମତରେ ବିବରା ଶବ୍ଦ ଛଡ଼ା ଅନ୍ୟ କୌଣସି ଶବ୍ଦ, ପ୍ରକୃତ ଅର୍ଥ ପ୍ରକାଶରେ କ୍ଷମ ବା ସମୀଚୀନ ହେବ ନାହିଁ। ଯଦି ଏହି ଶବ୍ଦକୁ ଉତ୍କଳର ପଣ୍ଡିତ ଓ ସାହିତ୍ୟିକକୁଳ ସମର୍ଥନ ନ କରନ୍ତି, ତାହା ହେଲେ ଏହି ଅର୍ଥ ପ୍ରକାଶକ ଅନ୍ୟ ସମୀଚୀନ ଶବ୍ଦରେ ଗ୍ରହଣୀୟ ହେବ ସନ୍ଦେହ ନାହିଁ। କିନ୍ତୁ ବିବରା ବଦଳରେ ବିଧବା ଶବ୍ଦ ପ୍ରୟୋଗ ନିତାନ୍ତ ଅସଙ୍ଗତ, ଅବୈଧ, ପାପପୂର୍ଣ୍ଣ ଓ ଅଶାସ୍ତ୍ରୀୟ। ଓଡ଼ିଶାରେ ଏ ପର୍ଯ୍ୟନ୍ତ ବିଧବା ବିବାହ ହୋଇନାହିଁ। ଯେତେ ହୋଇଛି ସବୁ ବିବରା ବିବାହ। ପତ୍ରପତ୍ରିକାର ସମ୍ପାଦକମାନେ ଏଣିକି ଏଭଳି ବିବାହମାନଙ୍କୁ ବିବରା ବିବାହ ବୋଲି ଘୋଷଣା କରିବେ ବୋଲି ମୋର କୃତାଞ୍ଜଳି ପୁଟରେ ନିବେଦନ। ଆପଣ ଲେଖିଛନ୍ତି- ବିବରାର ଅର୍ଥ ଏକ ରନ୍ଧ୍ର। ଏହି ଅର୍ଥରେ ବିବରା ଗ୍ରହଣୀୟ ହୋଇପାରେ। ମାତ୍ର ଏ ପ୍ରସଙ୍ଗକୁ

Digitized by srujanika@gmail.com

ମୁଁ ନିତାନ୍ତ ଅବାନ୍ତର ବୋଲି ଭାବୁଛି। ସଂସ୍କୃତରେ ସାଧନ, ଆଲୋଚନ, ଚାଳନ ପ୍ରଭୃତି ଶବ୍ଦ ସ୍ତ୍ରୀଲିଙ୍ଗାନ୍ତ ହୋଇ ସାଧନା, ଆଲୋଚନା, ଚାଳନା ପ୍ରଭୃତି ହୋଇଥାଏ। ମାତ୍ର ଏ ଉଭୟବିଧ ଶବ୍ଦର ଅର୍ଥ ସମାନ। ସେହିରୂପେ ଯଦି ବିବରକୁ ସ୍ତ୍ରୀଲିଙ୍ଗାନ୍ତ କରି ବିବରା କରାଯାଏ ତାର ଅର୍ଥ ମଧ୍ୟ ସେହି ରନ୍ଧ୍ର ହେବ। ରନ୍ଧ୍ର ଅର୍ଥରେ ତ ବିବରା ଶବ୍ଦ ସୃଷ୍ଟି ନୁହେଁ, ତାହା ସମର୍ଥିତ ହେବ କିପରି ? ପୁଣି ବିବର ବିଶିଷ୍ଟା ଏହି ଅର୍ଥରେ ବିବରା ଶବ୍ଦର ସୃଷ୍ଟି ମଧ୍ୟ ବ୍ୟାକରଣ ଶାସ୍ତ୍ରର ବିରୁଦ୍ଧ। ଏହି ସବୁ କାରଣରୁ ମୁଁ ବିବରା ଶବ୍ଦଟି ଆଜିକାଲି ଯେଉଁ ଅର୍ଥରେ ପ୍ରଯୁକ୍ତ ହେଉଅଛି, ତାହାକୁ ସମ୍ପୂର୍ଣ୍ଣ ସଙ୍ଗତ ଓ ବୈଧ ବୋଲି ସ୍ଥିର କରିଅଛି।

ଏହି ବିତର୍କରେ ସୁପ୍ରସିଦ୍ଧ ଲେଖକ ହରିଶ୍ଚନ୍ଦ୍ର ବଡ଼ାଳ ଭାଗନେଇ ନବୀନ ସମ୍ବାଦ ପତ୍ରରେ ଏପ୍ରିଲ ୩, ୧୯୩୪ରେ ଏ ସମ୍ପର୍କରେ ଲେଖିଥିଲେ। ତାଙ୍କ ମତାନୁସାରେ- ବିବରା ଶବ୍ଦର ଶୁଦ୍ଧାଶୁଦ୍ଧତା ସମ୍ବନ୍ଧରେ ଏଥି ମଧ୍ୟରେ ଅନେକ ଅନେକ କିଛି ଲେଖିଲେଣି। ସେଥି ମଧ୍ୟରୁ କିଏ କେତେ ପୁରାଣ ଶାସ୍ତ୍ର, ସଂହିତା, ପୋଥି, ବ୍ୟାକରଣ ପ୍ରଭୃତି ଘଣ୍ଟାଚକଟା କରିସାରିଛନ୍ତି। ଅନେକ ଗଭୀର ପାଣ୍ଡିତ୍ୟର ପରିଚୟ ମଧ୍ୟ ଦେଇଅଛନ୍ତି। ଏହିସବୁ ଆଲୋଚନାରୁ ଲୋକେ ବିବରା ଏହି ନୂଆ ଶବ୍ଦଟିଏ ସମ୍ବନ୍ଧରେ ଅନେକ ରହସ୍ୟ ଜାଣିପାରିଛନ୍ତି। ବସ୍ତୁତଃ ପାଣ୍ଡିତ୍ୟମୂଳକ ଆଲୋଚନା ହିସାବରେ ବିବରା ଶବ୍ଦଟି ଓଡ଼ିଆ ସାହିତ୍ୟରେ ଗୋଟାଏ ମୃଦୁମନ୍ଦ ଆନ୍ଦୋଳନର ସୃଷ୍ଟି କରିପାରିଛି। କିନ୍ତୁ ଆମର ପ୍ରୟୋଜନ ପଣ୍ଡିତିଆ ଗଣ୍ଡଗୋଳ ନୁହେଁ। ବ୍ୟବହାରିକ ଜଗତରେ ଗୋଟାଏ ସୁପ୍ରଯୋଜ୍ୟ (apt) ଶବ୍ଦର ସୃଷ୍ଟିହିଁ ଆମ୍ଭର ଲକ୍ଷ୍ୟ। ସାଧାରଣ ଲୋକେ ଯାହାକୁ ବିବାହ ଓ ପୁନର୍ବିବାହ ବୋଲି ଜାଣନ୍ତି ସେଥି ମଧ୍ୟରୁ ଗୋଟିଏ ବା ଦୁଇଟିଯାକ କର୍ମ ସମାଧାନ ହୋଇଯିବା ପରେ ଯଦି ବିବାହିତ ପୁରୁଷ ମୃତ ହୁଏ, ତେବେ ସେହି ପୁରୁଷ ସହିତ ବିବାହ ସୂତ୍ରରେ ଆବଦ୍ଧାସ୍ତ୍ରୀର ଅନ୍ୟ ପତି ଗ୍ରହଣ ଆଜିକାଲି ସଂହିତାଦିରେ ଚଳେନାହିଁ। ସେପରି ବିବାହର ପ୍ରଚଳନ ବହୁସ୍ଥଳରେ ଯୁକ୍ତିଯୁକ୍ତ ବୋଲି ବିବେଚିତ ହେଉଥିବାରୁ ସାଧାରଣ ଭାବରେ "ବିଧବା ବିବାହ"ଶବ୍ଦଟିର ଉତ୍ପତ୍ତି ହୋଇଅଛି। କେହି କେହି ଶାସ୍ତ୍ର ପୁରାଣାଦିର ବ୍ୟାଖ୍ୟାକରି ପ୍ରମାଣ କରିବାକୁ ଯତ୍ନ କରିଅଛନ୍ତି ଯେ ସ୍ତ୍ରୀ ଏବଂ ପୁରୁଷ ମଧ୍ୟରେ ବିବାହ ଏବଂ ପୁନର୍ବିବାହ ଏହି ଉଭୟ ବିଧକର୍ମ ସମ୍ପାଦିତ ହେଲାପରେ ପୁରୁଷ ଧବ ପଦବାଚ୍ୟ ହୁଏ। ତେଣୁ ବିଧବା ବୋଇଲେ କେବଳ ସେହିପରି ସ୍ତ୍ରୀ ବୁଝାଇବେ, ଯେଉଁମାନଙ୍କର ବିବାହ ଓ ପୁନର୍ବିବାହ ଘଟିବା ପରେ ପତି ବିୟୋଗ ଘଟିଅଛି। ସେମାନଙ୍କ ମତରେ

Digitized by srujanika@gmail.com

ଯେଉଁ ପୁରୁଷ ଓ ସ୍ତ୍ରୀ ମଧ୍ୟରେ କେବଳ ମାତ୍ର ବିବାହ ଘଟିଅଛି, କିନ୍ତୁ ପୁନର୍ବିବାହ ଘଟିନାହିଁ ସେପରି ପୁରୁଷ ଧବ ପଦବାଚ୍ୟ ନୁହେଁ। ତେଣୁ ତାର ମୃତ୍ୟୁରେ ସ୍ତ୍ରୀ ଲୋକଟିର ବିଧବା ବୋଲାଇବା ଅସଂଗତ, ସେପରି ସ୍ତ୍ରୀକୁ ବିବରା ବୋଲିବା ହିଁ ଉଚିତ। ଯେଉଁମାନେ ଶାସ୍ତ୍ର ବାକ୍ୟକୁ ହିଁ ସାର ବୋଲି ମାନନ୍ତି ସେମାନେ ହୁଏତ ଏହି ଯୁକ୍ତିରେ ପରମ ସନ୍ତୋଷ ଲାଭ କରିବେ, କିନ୍ତୁ ସାଧାରଣ ଅର୍ଥରେ ବିଧବାର ଅନ୍ୟପତି ଗ୍ରହଣ ପକ୍ଷରେ ବର୍ତ୍ତମାନ ସମାଜରେ ଯେଉଁସବୁ ବାଧା ବିଦ୍ୟମାନ ରହିଛି, ବିବରା ବୋଲି ଗୋଟିଏ ନୂଆ ଶ୍ରେଣୀର ବିଧବା ସୃଷ୍ଟି କରିବା ଦ୍ୱାରା ସେ ସବୁ ବାଧା ଅନ୍ତର୍ହିତ ହେବନାହିଁ। ଆମ୍ଭେମାନେ ଗୋଟାଏ ନୂଆ ଶବ୍ଦର ସୃଷ୍ଟି କରିଛୁଁ। କିନ୍ତୁ ପୁରୁଣା ପ୍ରଥାର ଶବ୍ଦବନ୍ଧନରୁ "ବିଧବାଙ୍କୁ" "ବିବରାଙ୍କୁ" କାହାରିକୁ ଟିକିଏ ହେଲେ ମୁକୁଳାଇ ପାରିବୁ ନାହିଁ। ଥିଲେ ମଧ୍ୟ ତାହା ଯେ ବିଶେଷ କାର୍ଯ୍ୟକାରୀ ହେବ ଏପରି ଆଶା ଅତି ଅଳ୍ପ। "ବିବରା"ର ଏ ପକ୍ଷରେ ଅଧିକା କୌଣସି ଶାସ୍ତ୍ରୀୟ ଯୁକ୍ତି ଅଛି ବୋଲି ଆମ୍ଭମାନଙ୍କୁ ଜଣାନାହିଁ। ବିଧବା ବିବାହ ସପକ୍ଷରେ ବିଦ୍ୟାସାଗର ମହାଶୟ ଶାସ୍ତ୍ର ପୁରାଣରୁ ବହୁଯୁକ୍ତି ଦେଖାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ବିଧବା ବିବାହ ବହୁଳ ଭାବରେ ଚଳିନାହିଁ। ସୁତରାଂ କେବଳ ଶାସ୍ତ୍ରର ବିଧାନ ଦେଖାଇ ଯଦି କେହି ବିବରାମାନଙ୍କର ବିବାହକୁ ଅଧିକତର ସୁଗମ କରିବାକୁ କଳ୍ପନା କରୁଥାଆନ୍ତି; ତେବେ ସେ ଆକାଶ କୁସୁମ ଚୟନ କରୁଅଛନ୍ତି। ଶବ୍ଦତତ୍ତ୍ୱ ଆଡୁ ଆଲୋଚନା କଲେ ମଧ୍ୟ ବିଧବା ଏବଂ ବିବରା ଯେ ପରସ୍ପର ବିରୋଧୀ ଏପରି ଜଣାଯାଏ ନାହିଁ। ବିଧବା ଶବ୍ଦର ସାଧାରଣ ଅର୍ଥ- ଯେଉଁ ସ୍ତ୍ରୀର ସ୍ୱାମୀ ମୃତ। ସାଧାରଣ ଲୋକେ ଏହି ଶବ୍ଦଦ୍ୱାରା କେବଳ ବିବାହ ଏବଂ ପୁନର୍ବିବାହ ଏହି ଉଭୟ କର୍ମ ସମାପନ ପରେ ମୃତ ଭର୍ତ୍ତା ସ୍ତ୍ରୀକୁ ବୁଝନ୍ତି ନାହିଁ। ପୁନର୍ବିବାହ ପୂର୍ବରୁ କୌଣସି କୌଣସି କନ୍ୟାର ବର ମୃତ ହେଲେ ମଧ୍ୟ ତାକୁ ବିଧବା ବୋଲି କହିଥାନ୍ତି। କି ସଂସ୍କୃତ, କି ଓଡ଼ିଆ; ଉଭୟ ଭାଷାରେ ଏକ ଶବ୍ଦର ଏକାଧିକ ଅର୍ଥ ଥିବାର ବହୁ ଉଦାହରଣ ଦେଖାଯାଏ। ଏପରି ସ୍ଥଳରେ ବିଧବା ଶବ୍ଦର ପ୍ରଥମ ଏବଂ ସାଧାରଣ ଅର୍ଥ ବର ବା ଧବହୀନ ସ୍ତ୍ରୀ ବୋଲି ବ୍ୟାଖ୍ୟା କଲେ ତହିଁରେ କିଛି ଦୋଷ ହେବନାହିଁ। ପୁଣି ବିବରା ଶବ୍ଦର ଅର୍ଥ ପୁନର୍ବିବାହ ପୂର୍ବରୁ ଯେଉଁ କନ୍ୟାର ବର ମୃତ ହୁଏ ଏହା ବୁଝାଇଲେ, କାହାରି ଆପତ୍ତି ରହିନପାରେ। ତେବେ ବିବରା ବିବାହ ବୋଲି ଗୋଟାଏ ନୂଆ କଥାର ସୃଷ୍ଟି କରି ବିଧବା ବିବାହ ସମସ୍ୟାକୁ ଆହୁରି ଜଟିଳତର କରିବାକୁ ଚେଷ୍ଟା କରିବା ମୋ ମତରେ ନିତାନ୍ତ ଅସମୀଚୀନ। ବିବରା କନ୍ୟାର ପୁନର୍ବାର ପତି ଗ୍ରହଣ କରିବାର ନାମ ବିଧବା ବିବାହ ହେଲେ ବିଧବା ଶବ୍ଦର ଉପରଲିଖିତ ସାଧାରଣ

Digitized by srujanika@gmail.com

ଅର୍ଥରେ ତାହା ସୁସିଦ୍ଧ ହେବ। ଅଥଚ ଅଯଥା ଆମ୍ଭମାନଙ୍କର ସମସ୍ୟାର ସଂଖ୍ୟା ବୃଦ୍ଧି ହେବନାହିଁ।

୨୮ ମାର୍ଚ୍ଚ ୧୯୩୪ର ପ୍ରଭାତ ସମ୍ବାଦପତ୍ରରେ ବୈରାଗୀ ମିଶ୍ର ଏହି ପ୍ରସଙ୍ଗରେ ସ୍ପଷ୍ଟ ଲେଖିଥିଲେ-୭/୮ ବର୍ଷର ନାବାଳିକା କନ୍ୟା ବିବାହ କର୍ମ ନସରୁଣୁ ବିଧବା ହୋଇ ରହିବାର କିମ୍ବା ବାଧ୍ୟତାମୂଳକ ବୈଧବ୍ୟ ବ୍ରତ ପାଳନ କରିବାର କୌଣସି କାରଣ ନାହିଁ, ଶାସ୍ତ୍ରୀୟ କାରଣ ନ ଥାଇପାରେ, କିନ୍ତୁ ଦେଶାଚାର ବା ଲୋକାଚାର ଫଳରେ କାଳକ୍ରମେ ତାହା ସମ୍ଭବ ହୋଇପଡିଛି। ତେଣୁ ବିବରା ବୈଧବ୍ୟ ବ୍ରତ ପାଳନ କରିବା ବିଷୟରେ ଶାସ୍ତ୍ରରେ କୌଣସି ଅମୋଘ ପ୍ରମାଣ ନ ପାଇବା ପର୍ଯ୍ୟନ୍ତ ବିବରା ଶବ୍ଦଟିଏ ସୃଷ୍ଟି କରିବାର ସେପରି କୌଣସି ପ୍ରୟୋଜନ ଜଣାପଡୁନାହିଁ। ଜୁଲାଇ ୪,୧୯୩୫ର ଆଶା ସମ୍ବାଦପତ୍ରରେ ବୈରାଗୀ ମିଶ୍ର ବିବରା ବିବାହ ସମର୍ଥକ ଶାସ୍ତ୍ରବାକ୍ୟମାନ ଉଦ୍ଧାର କରିଥିଲେ ଏବଂ ବନ୍ଦାପନା ନ ହେବାଯାଏ ବିବାହ କର୍ମ ସାଙ୍ଗ ନ ହୋଇଥାଏ ବୋଲି ଲେଖିଥିଲେ। ଏହି ପ୍ରସଙ୍ଗରେ ପରୀକ୍ଷିତ ଦାଶ ଆଶା ସମ୍ବାଦପତ୍ରର ଜୁଲାଇ ୮,୧୯୩୫ ସଂଖ୍ୟାରେ ବିବରା ବିବାହ ପ୍ରତିବାଦ ଖଣ୍ଡନ ଶୀର୍ଷକ ଆଲୋଚନା ପ୍ରକାଶ କରିଥିଲେ - "ତାଙ୍କ ମତରେ ଏହା ଅନାର୍ଯ୍ୟୋଚିତ କର୍ମ। ବିଧବାବିବାହ ପକ୍ଷପାତୀଗଣ ବିଧବା ବିବାହର ବା ମିଶ୍ରଙ୍କର ମନଗଢ଼ା ବିବରା ବିବାହର ପ୍ରଚାର କରି ବ୍ରାହ୍ମଣ ଜାତିରଏକ ଅକ୍ଷୁଣ୍ଣ ଥିବା ଟେକକୁ ତଥା ଭାରତୀୟ ଆଦର୍ଶ ସଭ୍ୟତାକୁ ସଂସ୍କାର (ଦାହ) କରନ୍ତୁ। ବିଧବା ବୋହୂ-ଝିଅମାନଙ୍କୁ ସତ୍‌ଶିକ୍ଷା ଦେବାକୁ ଓ ପୋଷିବାକୁ ଅପାରଗ ବ୍ରାହ୍ମଣମାନେ ମୁଣ୍ଡରୁ ଦାୟିତ୍ୱ ଖସାଇ ଶୂଦ୍ରମାନଙ୍କ ଦ୍ୱାରା ଲାଞ୍ଛିତ ହୁଅନ୍ତୁ ବା ପୂଜା ପାଆନ୍ତୁ ସେଥିରେ ଆମ୍ଭମାନଙ୍କର କୌଣସି ଅକ୍ତିଆର ନାହିଁ। କିନ୍ତୁ ମିଶ୍ରେ ଯେ ଶାସ୍ତ୍ରବାକ୍ୟ କହି ନିଜର ମୂର୍ଖତାକୁ ସନାତନ ଧର୍ମଶାସ୍ତ୍ର ଉପରେ ପକାଉଛନ୍ତି ଏବଂ **ଅନ୍ଧେନୈବ ନୀୟମାନା ଯଥାନ୍ଧା** ନ୍ୟାୟରେ ଲୋକଙ୍କୁ ଚଳାଇବାକୁ ଚେଷ୍ଟା କରୁଛନ୍ତି, ସେଥି ସମ୍ବନ୍ଧେ ଆମ୍ଭେମାନେ ନୀରବ ରହିପାରୁ ନାହିଁ। ତାହାଙ୍କର ଏହି ଅବୈଧ ପ୍ରଚାର ଯୋଗେ **ଉତ୍କଳ ସନାତନ ଧର୍ମସଭା** ପକ୍ଷରୁ ବିଧବା ବିବାହ ଶାସ୍ତ୍ରବିହିତ କି ନାହିଁ ଏହା ପ୍ରଥମେ କରିବାକୁ ବିଧିମତେ ଆଲୋଚନା କରିବେ"।

୧୯୩୫ ମସିହା ନଭେମ୍ବର ୧ ତାରିଖରେ ବାଲେଶ୍ୱରରେ ଏକ ସୁସଜ୍ଜିତ ସଭାମଣ୍ଡପରେ ବର୍ଣ୍ଣାଶ୍ରମ ବିଧାନମତେ ବ୍ରାହ୍ମଣରୁ ଅନ୍ତ୍ୟଜ ପର୍ଯ୍ୟନ୍ତ ସମସ୍ତଙ୍କର ବସିବା ପାଇଁ ବ୍ୟବସ୍ଥା କରାଯାଇଥିଲା। (ଆଶା, ନଭେମ୍ବର୧୪,୧୯୩୫) ଏହି ଉତ୍କଳ

Digitized by srujanika@gmail.com

ସନାତନ ଧର୍ମ ସଭାର ସମ୍ପାଦକ ପଣ୍ଡିତ ପରୀକ୍ଷିତ ଦାଶଶର୍ମା ସଭାପତିର ଆସନ ଗ୍ରହଣ କଲେ। ଏହି ସଭାରେ ବୈରାଗୀ ମିଶ୍ର ଅନୁପସ୍ଥିତ ରହି ଏକ ପତ୍ର ପଠାଇ ଥିବାରୁ ତାହା ପଠିତ ହୋଇଥିଲା। ବୈରାଗୀ ମିଶ୍ର ସ୍ପଷ୍ଟାକ୍ଷରରେ ଲେଖିଥିଲେ ଯେ ସେ ବିଧବା ବିବାହର ପକ୍ଷପାତୀ ନଥିଲେ। କିନ୍ତୁ ତାଙ୍କର କହିବାର ବିଷୟ ଥିଲା ଯେ ବିବରା ବିବାହ ସମ୍ବନ୍ଧେ ସଭା ବିଚାର କରି ଯାହା ସ୍ଥିର କରିବେ ତାହା ତାଙ୍କୁ ଜଣାଇ ଦେବେ। ସେତେବେଳର ବିଧବା ବିବାହ ବିପକ୍ଷବାଦୀ -ପଣ୍ଡିତ ଭାଗିରଥୀ ଶାସ୍ତ୍ରୀ, ଅନିରୁଦ୍ଧ ତ୍ରିପାଠୀ, ପଣ୍ଡିତ ନାରାୟଣ ଶାସ୍ତ୍ରୀ, ପଣ୍ଡିତ ଘନଶ୍ୟାମ ଦାଶ କାବ୍ୟତୀର୍ଥ ଏହି ସଭାରେ ବିଧବା ବିବାହ ଅଶାସ୍ତ୍ରୀୟ ବୋଲି ନିଜ ନିଜର ଅଭିଭାଷଣ ଦେଇଥିଲେ। ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଠାରୁ ଆରମ୍ଭ କରି ଯେତେ ଲୋକ ବିଧବା ବିବାହ ଶାସ୍ତ୍ରୀୟ ବୋଲି ଲୋକରେ ପ୍ରଚାର କରିଛନ୍ତି ସେସବୁ ଗୋଟି ଗୋଟି କରି ଶୁଣାଇ ସେ ସବୁକୁ ଅଜ୍ଞତାପୂର୍ଣ୍ଣ ଓ ମିଥ୍ୟାମୟ ବୋଲି ସଯୌକ୍ତିକ ପ୍ରମାଣ ଦେଇ ଖଣ୍ଡନ କରିଥିଲେ।

ମାତ୍ର ବୈରାଗୀ ମିଶ୍ର ଏହି ବିତର୍କ ବଳୟରୁ ମୁକ୍ତ ରହି ନିଜର ମତରେ ଅଟଳ ଥିଲେ। ସେ ୧୯୩୫ ମସିହା ନଭେମ୍ବର ୧୮ରେ ଆଶା ସମ୍ବାଦପତ୍ରରେ ବିଧବା ଓ ବିବରା ଶୀର୍ଷକ ଆଲୋଚନା ପ୍ରକାଶ କରିଥିଲେ। ସେଥିରେ ସେ ସ୍ପଷ୍ଟ ଭାବରେ ଲେଖିଥିଲେ- ବିବାହର ପବିତ୍ରତା ପ୍ରତି ଦୃଷ୍ଟି ରଖି ନିରପେକ୍ଷ ଭାବରେ ବିଚାର କଲେ ଆମ୍ଭେମାନେ ସ୍ୱୀକାର କରିବାକୁ ବାଧ୍ୟ ଯେ ବିଧବା ଓ ବିବରା ମଧ୍ୟରେ ଯେପରି ସମ୍ପୂର୍ଣ୍ଣ ପାର୍ଥକ୍ୟ ଅଛି, ଦୋବେଇ ସ୍ୱାମୀ ଓ ଦୋବେଇ ବର ମଧ୍ୟରେ ଅବିକଳ ସେହିପରି ପାର୍ଥକ୍ୟ ରହିଛି। ବିବରା ମାନଙ୍କର ବିବାହ ଯେପରି ଅବିବାହିତ କନ୍ୟାମାନଙ୍କର ବିବାହ ପରି ଦୋଷଶୂନ୍ୟ ଓ ପବିତ୍ର, ଦୋବେଇ ବରମାନଙ୍କର ବିବାହ ଠିକ୍ ସେହିପରି ଅବିବାହିତ ଯୁବକମାନଙ୍କର ବିବାହ ପରି ଦୋଷଶୂନ୍ୟ ଓ ପବିତ୍ର। ବିଧବାମାନଙ୍କର ବିବାହ ଯଦି ଦୋଷଯୁକ୍ତ, ଦୋବେଇ ସ୍ୱାମୀମାନଙ୍କର ବିବାହ କରିବା ଯେପରି ସମ୍ପୂର୍ଣ୍ଣ ଅନ୍ୟାୟ, ଦୋବେଇ ସ୍ୱାମୀ ମାନଙ୍କର ଅବିବାହିତ କନ୍ୟାମାନଙ୍କର ଇଚ୍ଛାବିରୁଦ୍ଧରେ ସେମାନଙ୍କୁ ବିବାହ କରିବା ସେହିପରି ସମ୍ପୂର୍ଣ୍ଣ ଅନ୍ୟାୟ। ମାତ୍ର ଆମ୍ଭେମାନେ ସ୍ତ୍ରୀ ସମ୍ବନ୍ଧଶୂନ୍ୟ ଦୋବେଇସ୍ୱାମୀ ଉଭୟଙ୍କୁ ଦୋବେଇବର ଏହି ଗୋଟିଏ ନାମଦେଇ ସେହି ଦୋବେଇ ସ୍ୱାମୀମାନଙ୍କୁ ବୃଦ୍ଧ ବୟସ ପର୍ଯ୍ୟନ୍ତ ଅବିବାହିତ କନ୍ୟା ସହିତ ବିବାହ ଦେବାର ସୁବିଧା ଦେଇ ନାରୀ ଜାତିପ୍ରତି ସମ୍ପୂର୍ଣ୍ଣ ଅବିଚାର କରିଅଛୁ। ମାତ୍ର ଦୁଃଖର କଥା ବିବରା ମାନଙ୍କର ବିବାହ ଅବିବାହିତା କନ୍ୟାର ବିବାହପରି ସମ୍ପୂର୍ଣ୍ଣ ପବିତ୍ର ଓ ନିର୍ଦ୍ଦୋଷ ଥିଲେ ସୁଦ୍ଧା ଉଭୟଙ୍କୁ

Digitized by srujanika@gmail.com

ବିଧବା ନାମ ଦେଇ ବିବରାମାନଙ୍କ ପ୍ରତି ସମ୍ପୂର୍ଣ୍ଣ ଅବିଚାର କରିଅଛନ୍ତି। ଏହିସବୁ ବିଷୟ ଉତ୍ତମ ରୂପେ ବିଚାରକରି ଶାସ୍ତ୍ରକର୍ତ୍ତାମାନଙ୍କର ଉଦ୍ଦେଶ୍ୟ ପ୍ରତି ଦୃଷ୍ଟିରଖି ବିବରାମାନଙ୍କୁ ବିଧବାମାନଙ୍କଠାରୁ ପୃଥକ ରଖିବା ସକାଶେ ବାଲବିଧବା ନାମ ଉଠିଯାଉ। ସେହିପରି ଦୋବେଇ ସ୍ୱାମୀମାନଙ୍କୁ ଦୋଷ ଦେଇ ବରମାନଙ୍କ ଠାରୁ ପୃଥକ ଦୃଷ୍ଟିରେ ଦେଖାଯାଉ। ଅବିବାହିତା କନ୍ୟାମାନଙ୍କୁ ସେମାନଙ୍କ ଇଚ୍ଛା ବିରୁଦ୍ଧରେ ଦୋବେଇ ସ୍ୱାମୀମାନଙ୍କ ସହିତ ବିବାହ ଦିଆନଯାଉ। ଦୋବେଇ ସ୍ୱାମୀମାନେ ବିବାହ କରିବାକୁ ଇଚ୍ଛାକଲେ ଯେଉଁ ବିଧବା ମାନାଦିର ପୁନର୍ବିବାହ କରିବାକୁ ଇଚ୍ଛା ଅଛି ସେପରି ବିଧବାମାନଙ୍କୁ ବିବାହ କରନ୍ତୁ କିମ୍ବା ସମାଜର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଅନ୍ତତଃ ବିବରାମାନଙ୍କୁ ବିବାହ କରନ୍ତୁ। ଧନ ଲୋଭରେ ବା ତୁଚ୍ଛ ମର୍ଯ୍ୟାଦା ଆଶାରେ ଅନ୍ଧହୋଇ ଅବିବାହିତା କନ୍ୟାମାନଙ୍କୁ ଦୋବେଇ ସ୍ୱାମୀ ସହିତ ବିବାହ ଦେବା ସମ୍ପୂର୍ଣ୍ଣ ଅନ୍ୟାୟ। ଏ କଥା କନ୍ୟାମାନଙ୍କୁ ଅନୁରୋଧ, ସେମାନେ ଏପରି କନ୍ୟାମାନଙ୍କ ଠାରୁ କାଚ ସିନ୍ଦୂର ବାହାର ନ କରି ଅବିବାହିତା କନ୍ୟା ପରି ରଖନ୍ତୁ ଓ ବିବାହ ଦିଅନ୍ତୁ ବା ନ ଦିଅନ୍ତୁ ସେମାନଙ୍କର ଶିକ୍ଷା ଓ ଭବିଷ୍ୟତ ମଙ୍ଗଳ ପାଇଁ ନାରୀମଙ୍ଗଳ ସମିତିକୁ ଜଣାନ୍ତୁ।

ବୈରାଗୀ ମିଶ୍ର କେବଳ ବିବରା ବିବାହ ଉପରେ ତତ୍ତ୍ୱମୂଳକ ଲେଖାମାନ ପ୍ରକାଶ କରୁନଥିଲେ, ଏହି ପ୍ରକାର ବିବାହ ମଧ୍ୟ କରାଇଥିଲେ ଏବଂ ନାନା ପ୍ରକାର ମକଦ୍ଦମାର ସମ୍ମୁଖୀନ ହୋଇଥିଲେ। ସେ ସମ୍ପର୍କରେ କେତେକ ଦୃଷ୍ଟାନ୍ତ ସେ ଉପସ୍ଥାପନ କରିଥିଲେ।

୧. କଟକ ମଧୁଶାସନନିବାସୀ ରାମଚନ୍ଦ୍ର ଦାଶଙ୍କ ବାଲ୍ୟବିଧବା କନ୍ୟାଙ୍କ ସହିତ ସତ୍ୟଭାମାପୁରର ଚକ୍ରଧର ଶତପଥୀଙ୍କ ବିବାହ ଏପ୍ରିଲ ୨୧ ତାରିଖ ୧୯୩୧ରେ ମହମ୍ମଦିଆ ବଜାରରେ ପୂର୍ଣ୍ଣ ହିନ୍ଦୁ ରୀତିରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବୈରାଗୀ ମିଶ୍ରଙ୍କର ଉଦ୍ୟମ ଅଧିକ ଥିଲା। (ଉତ୍କଳ ଦୀପିକା, ଏପ୍ରିଲ ୨୫, ୧୯୩୧)

୨. ଡିସେମ୍ବର ୯ ଏବଂ ୧୦ ତାରିଖ ୧୯୩୩ରେ ନାରୀମଙ୍ଗଳ ସମିତି ଗୃହରେ ଯୋଡ଼ିଏ ବିବରା ବିବାହ ଅନୁଷ୍ଠିତ ହେଲା। ୯ ତାରିଖ ଦିନ ପାରଳାଖେମୁଣ୍ଡିର ସିଂହାଦ୍ରୀ ପାଣିଗ୍ରାହୀଙ୍କ ସହିତ ନୟାଗଡ଼ର ହରେକୃଷ୍ଣ ସାବତଙ୍କ କନ୍ୟା ବାସନ୍ତୀ ଦେବୀଙ୍କର ବିବାହ ହେଲା। ବରର ବୟସ ୨୫ ଓ କନ୍ୟାର ବୟସ ୧୪। ୧୦ ତାରିଖ ଦିନ ରୁଦ୍ରପୁର ଶାସନର ରଘୁନାଥ ପଣ୍ଡାଙ୍କ ସହିତ ମୂଳବସନ୍ତ ଶାସନର ନୀଳମଣି ଦେବୀଙ୍କର ବିବାହ ହେଲା। ବରର ବୟସ ୨୭ ଓ କନ୍ୟାର ବୟସ ୨୩। ପଣ୍ଡିତ ବିଶ୍ୱନାଥ କାବ୍ୟତୀର୍ଥ, ଚିନ୍ତାମଣି କର, ରାୟବାହାଦୂର ମାଧବଚନ୍ଦ୍ର

Digitized by srujanika@gmail.com

ମିଶ୍ର, ବାଲୁଙ୍କେଶ୍ୱର ଆଚାର୍ଯ୍ୟ, ଜାନକୀନାଥ ବୋଷ, ରମାଦେବୀ ପ୍ରଭୃତି ଏହି ଉତ୍ସବରେ ଯୋଗଦେଇଥିଲେ ଏବଂ ବିଧବା ବିବାହ ସମ୍ପର୍କରେ ସହାନୁଭୂତି ଜଣାଇଥିଲେ । (ଆଶା, ଡିସେମ୍ବର ୧୮, ୧୯୩୩)

୩. ଆଠମଲ୍ଲିକ ଷ୍ଟେଟରେ ବାସୁଦେବ ପାଢ଼ିଙ୍କର ବିଧବା କନ୍ୟା ଶ୍ରୀମତୀ ରୁକ୍ମିଣୀ ଦେବୀଙ୍କର ବିବାହ ପାଟକୁରା ଥାନା ନଡ଼ିଆବରେଇ ଶାସନ ଅଗଣି ପାଢ଼ିଙ୍କ ସଙ୍ଗେ ନାରୀମଙ୍ଗଳ ସମିତିରେ ଏପ୍ରିଲ ମାସ ୨୦ ତାରିଖ ଦିନ ସମ୍ପନ୍ନ ହୋଇଥିଲା । (ଆଶା, ମେ ୬,୧୯୩୫)

୪. ମେ ୫ ତାରିଖ ୧୯୩୫ରେ ଗୋବିନ୍ଦପୁର ଥାନା ମୌଜା ମଲ୍ଲିପୁର ନିବାସୀ ଦାଶରଥି ପଣ୍ଡାଙ୍କର କନିଷ୍ଠ ପୁତ୍ର ଘନଶ୍ୟାମ ପଣ୍ଡାଙ୍କର ସହିତ ଥାନା ଜଗତ୍‌ସିଂହପୁର, ମୌଜା ମଣ୍ଡାସାହି, ନିବାସୀ ଅଣି ଦାସଙ୍କର ବିଧବା କନ୍ୟା ଅନ୍ନପୂର୍ଣ୍ଣା ଦେବୀଙ୍କର ଶୁଭ ପରିଣୟ ହୋଇଥିଲା । ଏହି ବିବାହରେ ବୈରାଗୀ ମିଶ୍ର ବିଶେଷ ସହଯୋଗ କରିଥିଲେ । (ଆଶା, ମେ ୧୩, ୧୯୩୫)

୫. ଯାଜପୁର ଚଣ୍ଡେଶ୍ୱରନିବାସୀ ନନ୍ଦ ସାମନ୍ତଙ୍କର କନିଷ୍ଠ ପୁତ୍ର ଦର୍ଶନୀ ସାମନ୍ତଙ୍କ ସହିତ ବିଶ୍ୱନାଥ ମିଶ୍ରଙ୍କ ବିଧବା କନ୍ୟା ଶ୍ରୀମତୀ ରାଧାମଣିଙ୍କର ଶୁଭ ପରିଣୟ ମେ ୨୨, ୧୯୩୫ରେ ପ୍ରଗନ୍ନା ଶରଗଡ଼ା, ମୌଜା ବଟିରାରେ ବେଦୋକ୍ତ ବିଧି ଅନୁସାରେ ସମ୍ପନ୍ନ ହୋଇଥିଲା । (ଆଶା, ମେ ୧୯୩୫)

୬. ମେ ୫ତାରିଖ ୧୯୩୫ରେ ଗୋବିନ୍ଦପୁର ଥାନା ଗ୍ରା-ପହଙ୍ଗା ନିବାସୀ ଗୋବିନ୍ଦ ସାହୁଙ୍କ ପୁତ୍ର କୃଷ୍ଣଚନ୍ଦ୍ର ସାହୁ ଅମରଗଡ଼ା ନିବାସୀ ଅନନ୍ତ ପ୍ରଧାନଙ୍କର ୧୯ ବର୍ଷ ବୟସ୍କା ବିଧବା କନ୍ୟା ବୁଲିଦେବୀଙ୍କୁ ଯଥାବିଧି ଶାସ୍ତ୍ରମତେ ବିବାହ କଲେ । ଏହା ମଧ୍ୟ ବୈରାଗୀ ମିଶ୍ରଙ୍କ ସହଯୋଗିତାରେ ହୋଇଥିଲା । (ଆଶା, ମେ ୨୦, ୧୯୩୫)

୧୯୩୧ ମସିହାରେ ପ୍ରତିଷ୍ଠିତ କଟକ ମହିଳା ଓଏଲ୍‌ଫେୟାର ସଂଘ ୧୯୩୫ ସୁଦ୍ଧା ସଂସ୍କାର କାର୍ଯ୍ୟ କରି ନାରୀମଙ୍ଗଳ ସମିତିର ମୂଳ ଉଦ୍ଦେଶ୍ୟକୁ ପୂରଣ କରିପାରିଥିଲା । ୧୯୩୪ ଏବଂ ୧୯୩୫ରେ ବିଧବା ବିବାହ ସମ୍ପର୍କରେ କେତେକ ମକଦ୍ଦମା ନାରୀମଙ୍ଗଳ ସମିତି ସମ୍ମୁଖୀନ ହୋଇଥିଲା । ବାଲ୍ୟବିବାହକୁ ବିରୋଧକରି ବୈରାଗୀ ମିଶ୍ରଙ୍କ ନାରୀମଙ୍ଗଳ ସମିତି ଅନେକ ମକଦ୍ଦମା ଏହି ସମୟରେ ଆରମ୍ଭ କରିଥିଲେ । ଗଞ୍ଜାମର ପତିତପାବନ ମିଶନ୍, ଗଞ୍ଜାମ ନାରୀମଙ୍ଗଳ ସମିତି (ସମ୍ପାଦକ-

Digitized by srujanika@gmail.com

ଅନ୍ତର୍ଯ୍ୟାମୀ ରାୟଗୁରୁ) ବୈରାଗୀ ମିଶ୍ରଙ୍କ କାର୍ଯ୍ୟକ୍ରମକୁ ପ୍ରସାରିତ କରିବାରେ ସାହାଯ୍ୟ କରିଥିଲେ। ନାରୀ ଜାତିର ମାତୃତ୍ୱର ପ୍ରତିଷ୍ଠା ବୈରାଗୀ ମିଶ୍ରଙ୍କ ନାରୀମଙ୍ଗଳ ସମିତିର ସର୍ବପ୍ରଥମ ଉଦ୍ଦେଶ୍ୟ। ନାରୀ ଜାତିର ବିଶେଷତ୍ୱ କଣ, ନାରୀଜାତି ସହିତ ପୁରୁଷଜାତିର ବା ମାନବ ସମାଜର ସମ୍ବନ୍ଧ କଣ, କିମ୍ବା କିପରି ସମ୍ବନ୍ଧ ରଖିବା ଯୁକ୍ତିଯୁକ୍ତ ଓ ଶ୍ରେୟସ୍କର, ଏକଥା କହିବା ସଙ୍ଗେ ସଙ୍ଗେ ନାରୀଶିକ୍ଷା,ପରଦା ନିଷ୍କାସନ, ନାରୀ ସ୍ୱାଧୀନତା ପାଇଁ **୧୯୩୬** ବେଳକୁ ସେ ପ୍ରବଳ ଆନ୍ଦୋଳନ ଚଳାଇଥିଲେ।

ବିବାହ ଏକ ପବିତ୍ର ସମ୍ବନ୍ଧ-ତାହା ପୁରୁଷ ସ୍ତ୍ରୀ ନିର୍ବିଶେଷରେ କିପରି ସବୁ ଅବସ୍ଥା ପାଇଁ ସବୁ ସମୟରେ ପ୍ରୟୋଜନ ଏବଂ ଗୋପନ ବ୍ୟଭିଚାରକୁ ପ୍ରଶ୍ରୟ ଦେଇ ବିପଥଗାମୀ ହେଉଥିବା ସମାଜକୁ ଧ୍ୱଂସପଥରୁ ରକ୍ଷାକରିବା ପାଇଁ ତାହା କିପରି ଏକାନ୍ତ ଆବଶ୍ୟକ-ଏହି ପ୍ରସଙ୍ଗ ବୈରାଗୀ ମିଶ୍ର ବାରମ୍ବାର କହିଥିଲେ ଏବଂ ୧୯୩୭ ସୁଦ୍ଧା **ବିବାହ** ପୁସ୍ତକରେ ଉଲ୍ଲେଖ କରିଥିଲେ। ନାରୀମଙ୍ଗଳ ସମିତି, କଟକର ସମ୍ପାଦକ ହିସାବରେ ବିବାହ ସମ୍ପର୍କରେ ଏକ ଯୁକ୍ତିନିଷ୍ଠ ବିବରଣୀ ଉପସ୍ଥାପନା କରିଥିଲେ। ବିବାହର ଅର୍ଥକୁ ସେ ଅତି ସରଳ ଭାବରେ ସେତେବେଳର ରକ୍ଷଣଶୀଳ ସମାଜ ଆଗରେ ଥୋଇଦେଇଥିଲେ। ସମାଜରେ ଯଥେଚ୍ଛା ବ୍ୟଭିଚାର - ବିଶେଷତଃ ଗୋପନ ବ୍ୟଭିଚାର ରହିତକରି ବ୍ରହ୍ମଚର୍ଯ୍ୟ ଓ ସତ୍ୟର ପ୍ରତିଷ୍ଠା କରିବା ପାଇଁ ଏବଂ ଗୋଟିଏ ପୁରୁଷ ସହିତ ଗୋଟିଏ ସ୍ତ୍ରୀକୁ ପ୍ରେମସୂତ୍ରରେ ଆବଦ୍ଧ ରଖି ମାନବସମାଜରେ ଶାନ୍ତି ସ୍ଥାପନ କରିବା ଅଭିପ୍ରାୟରେ ସମାଜର ବୁଦ୍ଧିମାନ ଲୋକମାନେ ଗୋଟିଏ ଦାୟିତ୍ୱପୂର୍ଣ୍ଣ ପବିତ୍ର ସମ୍ବନ୍ଧର ବ୍ୟବସ୍ଥା କରିଯାଇଥିଲେ। ସତ୍ୟ, ଶାନ୍ତି, ପ୍ରେମ ଓ ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଏହି ପବିତ୍ର ସମ୍ବନ୍ଧର ନାମକରଣ ହିଁ ବିବାହ। କିନ୍ତୁ ରକ୍ଷଣଶୀଳ ସମାଜ ଆଡ଼କୁ ଦୃଷ୍ଟିଦେଇ ବୈରାଗୀ ମିଶ୍ର ଲେଖିଥିଲେ-ପ୍ରେମ ଉପରେ ପ୍ରତିଷ୍ଠିତ ଏହି ବିବାହ ସମ୍ବନ୍ଧ ତାଙ୍କ କାଳରେ "ଯାଏ ଜବାବ" ବା "ଦିଆନିଆ ଚୁକ୍ତି" ଉପରେ ପ୍ରତିଷ୍ଠିତ। ତାକୁ ସେ ପୁଅ ବିକ୍ରୀ ବା ଝିଅ ବିକ୍ରୀ ବ୍ୟବସାୟ ବୋଲି ସମାଲୋଚନା କରିଥିଲେ। ବ୍ରହ୍ମଚର୍ଯ୍ୟ ଉପରେ ପ୍ରତିଷ୍ଠିତ ଦାୟିତ୍ୱପୂର୍ଣ୍ଣ ବିବାହ ସମ୍ବନ୍ଧ ତାଙ୍କ ସମୟରେ ପିଲାଖେଳରେ ପରିଣତ ହୋଇଥିଲା। ବିବାହ ଗୋଟିଏ ପବିତ୍ର ସମ୍ବନ୍ଧ ଏକଥା ଲୋକମାନେ ଅନେକ ଦିନରୁ ଭୁଲି ସାରିଲେଣି ବୋଲି ସେ ମତ ଦେଇଥିଲେ। ଖାଦ୍ୟ ଖାଇବା ଓ ମଳମୂତ୍ର ତ୍ୟାଗ କରିବାରେ ବାଧାଦେବା ଯେପରି ମୂର୍ଖତା, ଅନ୍ଧତା ଓ ଯଥେଚ୍ଛାଚାରିତାର ପରିଚାୟକ; ବାଧ୍ୟତାମୂଳକ ବ୍ରହ୍ମଚର୍ଯ୍ୟ କିମ୍ବା ବାଧ୍ୟତାମୂଳକ ବୈଧବ୍ୟର ବ୍ୟବସ୍ଥାଦେବା ଅର୍ଥାତ୍ କୌଣସି ପୁରୁଷ ବା କୌଣସି ସ୍ତ୍ରୀକୁ ବିବାହ କରିବାକୁ ବାରଣ କରିବା

Digitized by srujanika@gmail.com

ତତୋଧିକ ମୂର୍ଖତା, ଅନ୍ଧତା ଓ ଯଥେଚ୍ଛାଚାରିତାର ନିଦର୍ଶନ। ତେଣୁ ସେ ପ୍ରକାଶ କରିଥିଲେ ବିବାହ କରିବାକୁ ବାରଣ କରିବା ଓ ଗୋପନ ବ୍ୟଭିଚାରକୁ ପ୍ରଶ୍ରୟ ଦେବା ଏ ଦୁହେଁ ଏକା କଥା।

ତତ୍‌କାଳୀନ ସମାଜରେ ପ୍ରଚଳିତ ବାଲ୍ୟବିବାହକୁ ସେ ଘୋର ସମାଲୋଚନା କରିଥିଲେ। କନ୍ୟାର ଇଚ୍ଛା ବିରୁଦ୍ଧରେ ବୁଢ଼ାବର ବିବାହକୁ ସେ ଘୃଣା କରିଥିଲେ। ବୁଢ଼ାବରମାନେ ସେମାନଙ୍କର ସମବୟସ୍କା ଓ ସମଦଶାପନ୍ନା ସ୍ତ୍ରୀମାନଙ୍କୁ ସେମାନଙ୍କର ମତ ନେଇ ବିବାହ କରନ୍ତୁ ବୋଲି ସେ ଦୃଢ଼ ଯୁକ୍ତିରେ କହିଥିଲେ। ତାଙ୍କ ମତରେ – "ଯେକୌଣସି ବୟସରେ ଓ ଯେକୌଣସି ଅବସ୍ଥାରେ କି ପୁରୁଷ, କି ସ୍ତ୍ରୀ; ଯେଉଁମାନଙ୍କୁ ନିଜର ଉପଯୁକ୍ତ କନ୍ୟା ବା ଉପଯୁକ୍ତ ବର ପାତ୍ର ମିଳୁଛି, ସେମାନେ କେହି ବିବାହ କରିବାକୁ ପାପ ବା ଘୃଣାର ବିଷୟ ବୋଲି ନ ଭାବି ଓ କେହି ଗୋପନ ବ୍ୟଭିଚାର ନକରି ସମସ୍ତେ ବିବାହ କରି ସୁଖଶାନ୍ତିରେ ରହନ୍ତୁ-ବିବାହ କରିବାରେ ପାପ ନାହିଁ, ଲଜ୍ଜା ନାହିଁ। ପବିତ୍ର ପ୍ରକାଶ୍ୟ ବିବାହ ନ କରି ଗୋପନ ବ୍ୟଭିଚାର ଦ୍ୱାରା ସମାଜର ଧ୍ୱଂସସାଧନ କରିବା କଦାପି ଉଚିତ ନୁହେଁ। ଏହା ଏକ ଉଚ୍ଚକୋଟୀର ସଂସ୍କାରକର ଭାବଧାରା। ଦେଶର ସଭ୍ୟଶିକ୍ଷିତ ସମାଜ ଏହି ଦୁରବସ୍ଥା (ଭ୍ରୂଣହତ୍ୟା, ଆତ୍ମହତ୍ୟା, ଗୋପନ ଓ ପ୍ରକାଶ୍ୟ ବ୍ୟଭିଚାର) ବିରୁଦ୍ଧରେ ଠିଆ ହୋଇ ସଭାସମିତିରେ ବକ୍ତୃତା କରିବାରେ ସମୟ ନଷ୍ଟ ନକରି ପ୍ରକୃତ କର୍ମକ୍ଷେତ୍ରରେ ଅବତୀର୍ଣ୍ଣ ହେବାପାଇଁ ସେ ଉଦ୍‌ବୋଧନ ଦେଇଥିଲେ। ସଭ୍ୟ ଶିକ୍ଷିତବ୍ୟକ୍ତିମାନଙ୍କୁ ଅନୁରୋଧ କରି ସେ ଲେଖିଥିଲେ- ସେମାନେ ଏହି ଦୁର୍ଦ୍ଦଶାଗ୍ରସ୍ତ ଓ ବିପଥଗାମୀ ସମାଜକୁ ଭୟ ନକରି, ଲୋକମାନଙ୍କର ମଙ୍ଗଳସାଧନ ଓ ଦୁର୍ଦ୍ଦଶାମୋଚନକୁ କର୍ତ୍ତବ୍ୟ ମନେକରନ୍ତୁ। ସମାଜର ଦୁରବସ୍ଥାର କାରଣ ସ୍ଥିରକରି ତାହାର ପ୍ରତିକାର ଶୀଘ୍ର କରନ୍ତୁ। ଚିରନ୍ତନ ପ୍ରଥା ଅନୁସରଣ କରି ନିଶ୍ଚେଷ୍ଟ ରହିବାକୁ ଯେଉଁମାନେ ଏକମାତ୍ର ଧର୍ମ ମନେ କରିଅଛନ୍ତି, ସେମାନଙ୍କୁ ପ୍ରକୃତ ପଥ ଦେଖାଇଦିଅନ୍ତୁ। ବିବାହ କରିବା କେବେ ହେଁ ପାପର ବିଷୟ ନୁହେଁ,ଲଜ୍ଜାର ବିଷୟ ନୁହେଁ, ଏକଥା ସେମାନଙ୍କୁ ଭଲକରି ବୁଝାଇଦେଇ ପ୍ରକାଶ୍ୟ ବିବାହକୁ ଉତ୍ସାହିତ କରନ୍ତୁ-ପ୍ରତ୍ୟେକ ପୁରୁଷ ସସ୍ତ୍ରୀକ ରହନ୍ତୁ, ପ୍ରତ୍ୟେକ ସ୍ତ୍ରୀ ସଧବା ରହନ୍ତୁ। ବୈଧବ୍ୟ ଦୁଃଖ ବା ନାରୀ ଜାତିର ଆଶ୍ରୟହୀନତା ସମାଜରୁ ସମ୍ପୂର୍ଣ୍ଣ ରୂପେ ଉଠିଯାଉ। ନିଜ ନିଜ ପରିବାରରେ ଆଦର୍ଶ ବିବାହ କରି ବିବାହର ଓ ଗାର୍ହ୍ୟସ୍ଥ ଜୀବନର ପବିତ୍ରତା ଦେଖାଇଦିଅନ୍ତୁ। ବିବାହ ନକରି ରକ୍ଷିତା ରଖିବା ଦ୍ୱାରା ବର୍ଣ୍ଣସଙ୍କର ବା ଆଉ ଗୋଟିଏ ଗୋଲାମ ଜାତି ସୃଷ୍ଟି ହୋଇ ପରିବାରର ଓ ସମାଜର କିପରି କ୍ଷତି

Digitized by srujanika@gmail.com

ଘଟାଉଅଛି, ତାହା ଲୋକଙ୍କୁ ଉତ୍ତମରୂପେ ବୁଝାଇ ଦିଅନ୍ତୁ। ସନ୍ତାନ ଉତ୍ପାଦନ କରିପାରିବାର ଉପଯୁକ୍ତ ବୟସ ଓ ଉପଯୁକ୍ତ ଅବସ୍ଥା ଦେଖି ପୁଅ ଝିଅଙ୍କର ମତ ନେଇ ସେମାନଙ୍କୁ ଉପଯୁକ୍ତ ପାତ୍ରରେ ବିବାହ ଦିଆଯାଉ। ପବିତ୍ରତା, ସରଳତା, ଓ ଦାୟିତ୍ୱ ଉପରେ ପ୍ରତ୍ୟେକ ବିବାହ ପ୍ରତିଷ୍ଠିତ ହେଉ, ବିବାହବେଳେ କନ୍ୟା ମୁଣ୍ଡରେ ଓଢ଼ଣା ଦିଆନଯାଉ"।

୧୯୩୭ ମସିହାରେ ପ୍ରକାଶିତ "ବାଳବିଧବା ବିବାହ"ତାଙ୍କ ସଂସ୍କାରବାଦୀ ଅଭିଯାନର ଏକ ଅବିସ୍ମରଣୀୟ ଚିହ୍ନ। ଏ ପୁସ୍ତକ ରଚନା କରିବାର ଉଦ୍ଦେଶ୍ୟ ସମ୍ପର୍କରେ ବୈରାଗୀ ମିଶ୍ର ଏକ ଟିପ୍‌ପଣୀ ଆରମ୍ଭରୁ ଦେଇଛନ୍ତି।

"କନ୍ୟାଦାନ କନ୍ୟାର ବିବାହ ନୁହେଁ, କନ୍ୟାବିବାହ ବେଦରେ ନାହିଁ କିମ୍ବା ଶାସ୍ତ୍ରରେ ନାହିଁ। ଅଶାସ୍ତ୍ରୀୟ କନ୍ୟା ବିବାହରୁ ଉତ୍ପନ୍ନ ବିବରା କଥାଟିର ଉଲ୍ଲେଖ କୌଣସି ଶାସ୍ତ୍ରରେ ନଥିବାରୁ ବିବରା କହିଲେ ଲୋକେ ଶାସ୍ତ୍ରୋକ୍ତ ବାଳବିଧବା କିମ୍ବା ଅକ୍ଷତଯୋନି ବିଧବା ବୋଲି ବୁଝୁଅଛନ୍ତି; ମାତ୍ର ବିବରାମାନେ ବାଳବିଧବା କିମ୍ବା ଅକ୍ଷତଯୋନି ବିଧବା ନୁହଁନ୍ତି। ବୈଧବ୍ୟ ସେମାନଙ୍କୁ ସ୍ପର୍ଶ କରିନାହିଁ। ସମାଜର ସମ୍ପାଦକ ଅନେକ ଦିନଯାଏ ବିବରା ବିବାହ ଓ ବିବରା କନ୍ୟା ଲେଖି ସମ୍ବାଦ ଦେଇ ସୁଦ୍ଧା କେଜାଣି କାହିଁକି ଏବେ ୨୭/୨/୧୯୩୭ କାଗଜରେ ବିବରା ବିବାହର ଦୁଇଟି ସମ୍ବାଦରେ ପ୍ରତ୍ୟେକର ଶିରୋନାମାରେ ବିଧବା ବିବାହ ଓ ସମ୍ବାଦରେ ବାଲ୍ୟବିଧବା କନ୍ୟା ଲେଖି ସମ୍ବାଦ ଦେଇଅଛନ୍ତି ଏବଂ ୨୨/୩/୧୯୩୭ କାଗଜରେ "ବିଧବା ବିବାହ" ଓ "ବିଧବା କନ୍ୟା" ଲେଖି ସମ୍ବାଦ ଦେଇଥିବାରୁ କନ୍ୟାଟି ବିଧବା କି ବାଳବିଧବା କିଛି ଜଣାଯାଉନାହିଁ। ବିବରା, ବିଧବା ଓ ବାଳବିଧବା ସମସ୍ତଙ୍କୁ ଏକ ଦୃଷ୍ଟିରେ ଦେଖି ନିଜର ଇଚ୍ଛାନୁସାରେ ଏପରି ସନ୍ଦେହଜନକ ସମ୍ବାଦ ପ୍ରକାଶ କରୁଥିବାରୁ ଉକ୍ତ ସମ୍ପାଦକ ମହାଶୟଙ୍କର ତଥା ସାଧାରଣ ଲୋକଙ୍କର ଏହି ଭ୍ରାନ୍ତଧାରଣା ଦୂର କରିବା ପାଇଁ ଶାସ୍ତ୍ରୋକ୍ତ ବାଳବିଧବାମାନେ ବିବରାମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍ ଏହି କଥାଟି ବୁଝାଇ ଦେବାପାଇଁ ଓ ବାଳବିଧବାମାନଙ୍କର ବିବାହ ସମାଜରେ ଚଳାଇବା ପାଇଁ ଏହି ବହିଟି ଲେଖିବାକୁ କର୍ତ୍ତବ୍ୟବୋଧ କଲି।

ବୈରାଗୀ ପ୍ରସଙ୍ଗ ଆଲୋଚନା ପାଇଁ ଶାସ୍ତ୍ରୋକ୍ତ ପ୍ରଚଳିତ ହିନ୍ଦୁଧର୍ମର ଷୋଳସଂସ୍କାରର ଆଲୋଚନା କରିଛନ୍ତି। ଏହି ସଂସ୍କାରମାନ ନିମ୍ନରେ ଉଦ୍ଧାର କରାଗଲା।

୧) ଗର୍ଭାଧାନ - ଗର୍ଭାଶୟରେ ବୀର୍ଯ୍ୟ ସ୍ଥାପନ ସକାଶେ ଯେଉଁ ସଂସ୍କାର ବା ବିଧି ଥାଏ।

Digitized by srujanika@gmail.com

୨)	ପୁଂସବନ - ଗର୍ଭସ୍ଥ ଜୀବର ପୁଷ୍ଟିସାଧନ ପାଇଁ ଯେଉଁ ସଂସ୍କାର ଅଛି।
୩)	ସୀମନ୍ତୋନ୍ନୟନ - ଗର୍ଭସ୍ଥ ଜୀବର ମାନସିକ ଉନ୍ନତି ଓ ପ୍ରଫୁଲ୍ଲତା ପାଇଁ ଯେଉଁ ସଂସ୍କାର ଅଛି।
୪)	ଜାତକର୍ମ - ପ୍ରସବ ବେଦନାର ଉପଶମପାଇଁ ଯେଉଁ ସଂସ୍କାର।
୫)	ନାମକରଣ - ପ୍ରଚଳିତ ଏକୋଇଶିଆ
୬)	ବହିର୍ନିଷ୍କ୍ରମଣ - ଶିଶୁକୁ ମୁକ୍ତ ବାୟୁକୁ ଆଣିବା
୭)	ଅନ୍ନପ୍ରାଶନ - ପ୍ରଚଳିତ କ୍ଷୀରିଖିଆ
୮)	ଚୂଡାକର୍ମ - ଶିଶୁର ପ୍ରଥମ ବାର କେଶଛେଦନ
୯)	କର୍ଣ୍ଣବେଧ - କାନଫୋଡା
୧୦)	ଉପନୟନ - ବିଦ୍ୟାଶିକ୍ଷା ପାଇଁ ଗୁରୁଗୃହକୁ ପଠାଇବା
୧୧)	ବେଦାରମ୍ଭ - ବେଦଶିକ୍ଷା
୧୨)	ସମାବର୍ତ୍ତନ - ବେଦଶିକ୍ଷାପରେ ଗାର୍ହ୍ୟସ୍ଥ ଧର୍ମପାଳନ ପାଇଁ ଘରକୁ ଫେରିବା
୧୩)	ବିବାହ - ପୁରୁଷ ଓ ସ୍ତ୍ରୀମଧ୍ୟରେ ଧବ ଓ ଭାର୍ଯ୍ୟାର ସମ୍ବନ୍ଧ ସ୍ଥାପନ ପାଇଁ ଉଭୟ କେତୋଟି ନିୟମରେ ଆବଦ୍ଧ ରହିବାର ନାମ ବିବାହ ସଂସ୍କାର
୧୪)	ବାନପ୍ରସ୍ଥ - ଗୃହସ୍ଥାଶ୍ରମ ଶେଷ କରି ପରିବାର ପ୍ରତି ସମସ୍ତ ଆସକ୍ତି ତ୍ୟାଗପୂର୍ବକ ଆତ୍ମଚିନ୍ତା ପାଇଁ କିଛି ଦିନ ନିର୍ଜନରେ ରହିବା
୧୫)	ସନ୍ୟାସ - ସମସ୍ତ ଭୋଗବିଳାସରୁ ରହିତ ହୋଇ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା
୧୬)	ଅନ୍ତ୍ୟେଷ୍ଟି - ମୃତ୍ୟୁ ପରେ ଜଡ଼ଦେହକୁ ଭସ୍ମ କରିବା

ଏହି ଷୋଳଟି ସଂସ୍କାର ମଧ୍ୟରୁ ବିବାହ ଓ ଗର୍ଭାଧାନ କଥାବୁଝିଲେ ବିବାହ କାହାକୁ କହନ୍ତି ଓ ବୈଧବ୍ୟ କାହାକୁ କହନ୍ତି ତାହା ସହଜରେ ବୁଝିହେବ ବୋଲି ବୈରାଗୀ ମିଶ୍ର ସୂଚାଇଥିଲେ। ଷୋଳ ସଂସ୍କାର ମଧ୍ୟରେ ବିବାହ ସଂସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ସମାବର୍ତ୍ତନ ସଂସ୍କାର ପରେ ବିବାହ। ସମାବର୍ତ୍ତନର ଅର୍ଥ ଆଧୁନିକ ଯୁଗରେ ଶିକ୍ଷା ସମାପନ, ଉପଯୁକ୍ତ ଶିକ୍ଷା ପରେ ବିବାହର ଉପଯୁକ୍ତ ବୟସରେ ସେମାନଙ୍କ ମତଉପରେ ନିର୍ଭର କରି ବିବାହ ଦେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ବାଳକ ବାଳିକାର ବିବାହ ଅଯୌକ୍ତିକ ଓ ଅଶାସ୍ତ୍ରୀୟ। କନ୍ୟାଦାନ କର୍ମକୁ ବିବାହ ସଂସ୍କାର ବୋଲି ଗ୍ରହଣ କରିବା ଅନୁଚିତ। ପ୍ରଚଳିତ ଦୂର୍ବାକ୍ଷତ ବା ପୁନର୍ବିବାହ କର୍ମକୁ ବେଦୋକ୍ତ ବିବାହ ସଂସ୍କାର କହିବା ଯୁକ୍ତିଯୁକ୍ତ। କନ୍ୟାଦାନ ବିବାହ ନୁହେଁ, ବିବାହର

Digitized by srujanika@gmail.com

ପ୍ରଥମ ଅଙ୍ଗ। କନ୍ୟାଦାନଠାରୁ ଦୂର୍ବାକ୍ଷତ ପର୍ଯ୍ୟନ୍ତ ଯେତେଗୁଡ଼ିଏ କର୍ମ ହୁଏ, ପ୍ରତ୍ୟେକ କର୍ମ ଶେଷରେ ବିବାହାଙ୍ଗ କଥାଟି ଉଚ୍ଚାରିତ ହୁଏ। ଦୂର୍ବାକ୍ଷତ କର୍ମ ସାରିନଥିବା କନ୍ୟାର ପ୍ରଚଳିତ ବୈଧବ୍ୟ ସମ୍ପୂର୍ଣ୍ଣ ଅନ୍ୟାୟ। କନ୍ୟାଦାନ ବୋଲି କୌଣସି ସଂସ୍କାର ବେଦରେ ନାହିଁ। ଏହା ପ୍ରଚଳିତ ପ୍ରଥା। ବାଳକ ବାଳିକା ଯୁବକ ଯୁବତୀ ହେବା ପରେ ଦୂର୍ବାକ୍ଷତ ବା ପୁନର୍ବିବାହ ଦିନ ଧବଭାର୍ଯ୍ୟା ହେବେ। ଏଥିରେ ଅଭିଭାବକମାନଙ୍କର ସମ୍ମତି ପ୍ରଦାନକୁ କନ୍ୟାଦାନ ନାମ ଦିଆଯାଇଅଛି। ଦୂର୍ବାକ୍ଷତକର୍ମକୁ ପୁନର୍ବିବାହ କର୍ମ ମଧ୍ୟ କୁହାଯାଏ; ମାତ୍ର ଏହା ପୁନର୍ବିବାହ ବା ଦ୍ୱିତୀୟଥର ବିବାହ ନୁହେଁ, ଦୂର୍ବାକ୍ଷତ ଦିନ ବରକନ୍ୟାଙ୍କର ଧର୍ମଭାର୍ଯ୍ୟା ରୂପେ ସମ୍ବନ୍ଧ ସ୍ଥାପିତ ହୁଏ; ତେଣୁ ଏହି ଦୂର୍ବାକ୍ଷତ କର୍ମକୁ ବିବାହ କର୍ମ କହିବା ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ।

ସନ୍ତାନ ଉତ୍ପାଦନ ପାଇଁ କିମ୍ବା ଅନ୍ୟ ଗୋଟିଏ ଜୀବକୁ ଅଭ୍ୟର୍ଥନା କରି ଆଣିବା ପାଇଁ ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନ କରିବା ଗର୍ଭାଧାନ ସଂସ୍କାର ଆବଶ୍ୟକ। କିନ୍ତୁ ଆଧୁନିକ ଯୁଗରେ ଏପରି ସଂସ୍କାର ନାହିଁ। ଦୂର୍ବାକ୍ଷତ କର୍ମ ଦିନ ଯୁବକ ଯୁବତୀଙ୍କର ଧବଭାର୍ଯ୍ୟାରୂପେ ସମ୍ବନ୍ଧ ସ୍ଥାପିତ ହେବାମାତ୍ରେ ଅର୍ଥାତ୍ ପ୍ରକୃତ ବିବାହ ଶେଷ ହେବା ମାତ୍ରେ ସେମାନେ କାମ ପ୍ରବୃତ୍ତି ଚରିତାର୍ଥ କରିବାକୁ ତତ୍ପର ହୁଅନ୍ତି। ସେଥିପାଇଁ ଦୂର୍ବାକ୍ଷତ କର୍ମ ବା ପ୍ରକୃତ ବିବାହ କର୍ମ ସ୍ତ୍ରୀ ସଙ୍ଗମ କର୍ମରେ ପରିଣତ ହେଲା। ଦୂର୍ବାକ୍ଷତ କର୍ମ ସ୍ତ୍ରୀ ସଙ୍ଗମକର୍ମରେ ପରିଣତ ହେବାରୁ କନ୍ୟାଦାନ କନ୍ୟାର ବିବାହରେ ପରିଣତ ହୋଇଅଛି। ଏହି ଗର୍ଭାଧାନ ସଂସ୍କାରରୁ ଅକ୍ଷତଯୋନି ବିଧବା କଥାର ଉତ୍ପତ୍ତି। ଯୁବକ-ଯୁବତୀଙ୍କର ବିବାହ ସଂସ୍କାର ଶେଷହୋଇଛି ଅଥଚ ସନ୍ତାନ ଉତ୍ପାଦନ ପାଇଁ ବା ସ୍ତ୍ରୀ ଗର୍ଭରେ ବୀର୍ଯ୍ୟ ସ୍ଥାପନ ପାଇଁ ଗର୍ଭାଧାନ ସଂସ୍କାର ହୋଇନାହିଁ, ଏପରି ଅବସ୍ଥାରେ ସ୍ୱାମୀର ମୃତ୍ୟୁ ହେଲେ ସେହି ବିଧବାକୁ ଅକ୍ଷତଯୋନି ବିଧବା କୁହାଯାଉଥିଲା। ଗର୍ଭାଧାନ ସଂସ୍କାର ଲୋପ ହୋଇଥିବାରୁ କେଉଁ ବିଧବା କ୍ଷତଯୋନି କେଉଁ ବିଧବା ଅକ୍ଷତଯୋନି, ଏକଥା ଜାଣିବାର କୌଣସି ଉପାୟ ନାହିଁ। ସେଥିପାଇଁ ଯେଉଁ ବିଧବାମାନଙ୍କର ସନ୍ତାନ ହୋଇନାହିଁ ବା ଗର୍ଭଧାରଣ ହୋଇନାହିଁ, ସେପରି ବିଧବାମାନଙ୍କୁ ଅକ୍ଷତଯୋନି ବିଧବା ବୋଲି ଗ୍ରହଣ କରି ଦୋବେଇ ସ୍ୱାମୀମାନଙ୍କ ସହିତ ବିବାହ ଦେବା ଉଚିତ୍ ବୋଲି ବୈରାଗୀ ମିଶ୍ର କହିଥିଲେ। ଅକ୍ଷତଯୋନି ବିଧବାର ବିବାହପାଇଁ ଶାସ୍ତ୍ରମାନଙ୍କରେ ଯଥେଷ୍ଟ ପ୍ରମାଣ ରହିଛି। ଶାସ୍ତ୍ରରୁ ଉଦ୍ଧାର କରି ସେ କହିଥିଲେ- ଷୋଳବର୍ଷ ପୂର୍ବରୁ କୌଣସି ସ୍ତ୍ରୀ ବିଧବା ହେଲେ ତାହାକୁ ପୁନର୍ବିବାହ ଦେବା ଏକାନ୍ତ ଆବଶ୍ୟକ। ପୁନଶ୍ଚ ସେ ମତ ଦେଇଥିଲେ- ଗର୍ଭାଧାନ ସଂସ୍କାର ନଥିବାରୁ କେଉଁ ବିଧବା କ୍ଷତଯୋନି, କେଉଁ ବିଧବା ଅକ୍ଷତଯୋନି ଏକଥା ଜାଣିବାର

Digitized by srujanika@gmail.com

କୌଣସି ଉପାୟ ନଥିବାରୁ ଅକ୍ଷତଯୋନି କଥାଟି ଉଠାଇଦେଇ ସନ୍ତାନ ପ୍ରସବ କରିନଥିବା ବିଧବାମାନଙ୍କ ପାଇଁ ଏବଂ ଅଳ୍ପ ବୟସ୍କା ବିଧବାମାନଙ୍କ ପାଇଁ ବାଳ ବିଧବା ନାମ ରଖାଯାଉ।

ଶାସ୍ତ୍ରୋକ୍ତ ବିବାହ ସଂସ୍କାରରୁ ବୈଧବ୍ୟର ଉତ୍ପତ୍ତି। ଶାସ୍ତ୍ରୋକ୍ତ ଗର୍ଭାଧାନ ସଂସ୍କାରରୁ ଅକ୍ଷତଯୋନି ବିଧବା କଥାଟିର ଉତ୍ପତ୍ତି। ଦେଶରେ ପ୍ରକୃତ ବୈଧବ୍ୟ ପ୍ରତିଷ୍ଠା କରିବାପାଇଁ ଏବଂ ବାଧ୍ୟତାମୂଳକ ବୈଧବ୍ୟ ରହିତ କରି ଅଳ୍ପବୟସ୍କା ବିଧବାମାନଙ୍କୁ ବିବାହ ଦେବାପାଇଁ ବାଳବିଧବା କଥାଟିର ଉତ୍ପତ୍ତି। ଅଶାସ୍ତ୍ରୀୟ କନ୍ୟାଦାନ ପ୍ରଥାକୁ ବିବାହ ମନେ କରିଥିବାରୁ ଏହି କନ୍ୟାଦାନ ପ୍ରଥାରୁ ନାଁ ବାଳିକା କନ୍ୟାଟିମାନଙ୍କର ଅନ୍ୟାୟ ବୈଧବ୍ୟ ବା ବିବରାମାନଙ୍କର ଉତ୍ପତ୍ତି। ଅଳ୍ପବୟସ୍କା ବିଧବା କିମ୍ବା ବାଳବିଧବା ମାନଙ୍କର ବିବାହକୁ ସେ ପ୍ରକୃତ ବିଧବା ବିବାହ ବୋଲି ଗ୍ରହଣ କରିଥିଲେ। ବିବରାମାନଙ୍କୁ ବିଧବା ନାମ ଦେଇ ସେଥିରେ "ବାଳ" ଏହି ବିଶେଷଣଟି ଯୋଗକରି ସେମାନଙ୍କ ବିବାହକୁ ବିଧବା ବିବାହ କହିବା ସମ୍ପୂର୍ଣ ଅନ୍ୟାୟ ଓ ସମାଜ ପକ୍ଷରେ ଅନିଷ୍ଟପ୍ରଦ। ସନ୍ତାନ ପ୍ରସବକରିନଥିବା ଓ ଅଳ୍ପବୟସ୍କା ବିଧବାମାନେ ବାଳବିଧବା ବୋଲାଇପାରନ୍ତି। ସେମାନଙ୍କ ବିବାହ ଏକାନ୍ତ ଆବଶ୍ୟକ। ସ୍ତ୍ରୀ ଭୋଗ କରିଥିବା ବୁଢ଼ା ଦୋବେଇ ସ୍ୱାମୀମାନେ ବିବାହ କରିବା ଅନୁଚିତ। ଅଳ୍ପବୟସର ଦୋବେଇ ସ୍ୱାମୀମାନଙ୍କର ବିବାହ ସମ୍ପୂର୍ଣ ଗ୍ରହଣୀୟ, ସେମାନେ ବିବରାମାନଙ୍କୁ ବିବାହ କରିବାକୁ ସମ୍ପୂର୍ଣ ଅନୁପଯୁକ୍ତ, ବିବରା ମାନେ ସ୍ୱାମୀ ସ୍ପର୍ଶ କରିନଥିବାରୁ ଏବଂ ଦୋବେଇ ସ୍ୱାମୀମାନେ ସ୍ତ୍ରୀ ଦ୍ୱାରା ଅଇଣ୍ଠା ହୋଇଥିବାରୁ ସେପରି ବିବାହ ଅନୁପଯୁକ୍ତ। ୧୯୩୭ ମସିହା ସୁଦ୍ଧା ବୈରାଗୀ ମିଶ୍ର ୫୦୦ ବିବରା କନ୍ୟାର ବିବାହ କରାଇ ପାରିଥିଲେ। କିନ୍ତୁ ବିବରା ବିବାହକୁ ସେ ବିଧବା ବିବାହ ବୋଲି ଗ୍ରହଣ କରିନଥିଲେ। ବିଧବାର ବିବାହ ସ୍ୱତନ୍ତ୍ର ସମସ୍ୟା।

ନାରୀମଙ୍ଗଳ ସମିତିର ସଂପାଦକ ହିସାବରେ ବୈରାଗୀ ମିଶ୍ର ବିବାହ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ କରିବାକୁ ୧୯୩୦ ଦଶକରେ ଆଗେଇ ଯାଇଥିଲେ। ପୂର୍ବୋକ୍ତ ପ୍ରସଙ୍ଗ ସହିତ ଆଉ ଦୁଇଟି କଥା ସେ ସ୍ପଷ୍ଟ ଭାବରେ ଲେଖିଥିଲେ।

୧) ପ୍ରେମ ଉପରେ ପ୍ରତିଷ୍ଠିତ ପବିତ୍ର ବିବାହ ସମ୍ବନ୍ଧକୁ ଦବାନବା ଚୁକ୍ତିରେ ବା ବ୍ୟବସାୟରେ ବା ବ୍ୟଭିଚାରରେ ପରିଣତ କରି ଧ୍ୱଂସସାଧନ କରିବା ଅନୁଚିତ।

୨) ଅର୍ଥଲୋଭରେ ଅନ୍ଧ ହୋଇ ନିଜର ଆତ୍ମମର୍ଯ୍ୟାଦାରେ ଜଳାଞ୍ଜଳି ଦେଇ ଯେଉଁ ଲୋକ ପୁଅ ବିକ୍ରି କରି ବିବାହର ପବିତ୍ରତା ନଷ୍ଟ କରୁଅଛି ସମାଜଦ୍ରୋହୀ ସେହି

Digitized by srujanika@gmail.com

ନିର୍ଲଜ୍ଜ ଘରେ ଝିଅଟି ସୁଖରେ ରହିବ ବୋଲି ଆଶା କରି ଜ୍ୱାଇଁ ଖରିଦ କରନ୍ତୁ ନାହିଁ।

ଏହି ଉଦ୍ଦେଶ୍ୟରେ ସେ ପ୍ରକାଶ କରିଥିଲେ ତାଙ୍କର ପୁସ୍ତିକା "ଯାଏ ଜବାବ ଓ ପୁଅ ବିକ୍ରି"। ୧୯୩୭ ମସିହାରେ ପ୍ରଥମବାର ପ୍ରକାଶିତ ଏହି ପୁସ୍ତିକାରେ ଉପରୋକ୍ତ ଦୁଇଟି ଭାବଧାରାର ପ୍ରସାରିତ ଆଲୋଚନା କରାଯାଇଥିଲା। ବିବାହ ସମ୍ବନ୍ଧ ସ୍ଥିର କରିବା ସକାଶେ ବରକର୍ତ୍ତା ଓ କନ୍ୟା କର୍ତ୍ତାଙ୍କ ମଧ୍ୟରେ ଦେବାନେବାର ଯେଉଁ ଚୁକ୍ତି ହୁଏ ତାହାର ନାମ "ଯାଏ ଜବାବ"। ନାରୀମଙ୍ଗଳ ସମିତି ଏହି ପ୍ରଥାର ନାମ ଦେଇଥିଲା ପୁଅବିକ୍ରି ବା ଜ୍ୱାଇଁଖରିଦ। କନ୍ୟାପିତା କନ୍ୟାକୁ ଦାନଦେବା ପରେ କନ୍ୟାଦାନର ଦକ୍ଷିଣାସ୍ୱରୂପ ଅଥବା ସ୍ନେହବଶତଃ ଜ୍ୱାଇଁର ଅବସ୍ଥା ଦୃଷ୍ଟିରେ କିଛି ସାହାଯ୍ୟ ଦେଉଥିଲେ। ଏହାରି ନାମ ଯୌତୁକ। ଯାହା ସ୍ନେହ ଉପରେ ପ୍ରତିଷ୍ଠିତ ଥିଲା, ଦାତାର ଇଚ୍ଛା ଉପରେ ନିର୍ଭର କରୁଥିଲା, ଗ୍ରହୀତା ବା ଜ୍ୱାଇଁର ଅବସ୍ଥା ଉପରେ ଆସ୍ଥା ରଖି ରହିଥିଲା, ତାହା କାଳକ୍ରମେ ବିବେକଶୂନ୍ୟତା ଫଳରୁ ପ୍ରଥାରେ ପରିଣତହେଲା, ଅର୍ଥାତ୍ ବାଧ୍ୟତାମୂଳକ ହୋଇଗଲା। ଜ୍ୱାଇଁମାନଙ୍କର ଓ ବରକର୍ତ୍ତାମାନଙ୍କର ଲୋଭ ବଢ଼ିବାକୁ ଲାଗିଲା ଓ ଯୌତୁକ ପ୍ରଥା କାଳକ୍ରମେ ଯାଏ-ଜବାବ ବା ଦିଆନିଆ ଚୁକ୍ତିରେ ପରିଣତ ହେଲା। ଯାଏ-ଜବାବ ପ୍ରଥାର ବିଷମୟ ଫଳ ଉଲ୍ଲେଖ କରି ବୈରାଗୀ ମିଶ୍ର କେତେକ ସୂଚନା ଦେଇଥିଲେ।

୧) ଏହି ଚୁକ୍ତିହେତୁରୁ ଅନେକ ପୁତ୍ରକନ୍ୟା ଯଥାସମୟରେ ବିବାହ କରିନପାରି ନଷ୍ଟଚରିତ୍ର ହେଲେ।

୨) ବରକର୍ତ୍ତା ଅର୍ଥଲୋଭରେ ଓ କନ୍ୟାକର୍ତ୍ତା ତୁଚ୍ଛ ମର୍ଯ୍ୟାଦା ଆଶାରେ ଅନ୍ଧହୋଇ ବରକନ୍ୟାଙ୍କର ସ୍ୱାସ୍ଥ୍ୟ, ରୂପ ଓ ଗୁଣ ପ୍ରତି ସମ୍ୟକ ଦୃଷ୍ଟି ଦେଲେ ନାହିଁ। ତେଣୁ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ଦାମ୍ପତ୍ୟ ଜୀବନ କଳୁଷିତ ଓ ଦୁଃଖମୟ ହେଲା।

୩) ବରକର୍ତ୍ତା ପୁଅ ବିକ୍ରି କରି ଯେଉଁ ଟଙ୍କା ଆଣିଲା, ସେହି ଟଙ୍କାକୁ ନିଜର ଅହମିକା ଦେଖାଇବାରେ ବା ଗର୍ବ କିଣିବାରେ ଖର୍ଚ୍ଚକଲା। ଜ୍ୱାଇଁ ଖରିଦ କରିବାକୁ ଓ ନ୍ୟାୟ ନିମିତ୍ତରେ ଅହମିକା ବା ଦୁଇପଦ ପ୍ରଶଂସା ଖରିଦ କରିବାକୁ ନାନା ଅସତ୍ ଉପାୟ ଅବଲମ୍ବନ କରିବାକୁ ପଡ଼ିଲା। ତେଣୁ ଏହି କଦର୍ଯ୍ୟ ପ୍ରଥା ସମାଜର ଦାରିଦ୍ର୍ୟ ଓ ନୈତିକ ଦୁରବସ୍ଥାର ପ୍ରଧାନ କାରଣ।

୪) କନ୍ୟାପିତା ଉଚ୍ଚଶିକ୍ଷା ପାଇଁ ସାହାଯ୍ୟ କରିବ, ଏହି ଆଶା ଦେଖାଇ କୁକୁରକୁ ଖାଦ୍ୟ ପଦାର୍ଥର ଲୋଭ ଦେଖାଇଲା ପରି ଜ୍ୱାଇଁ ସଂଗ୍ରହ କଲେ। ଜ୍ୱାଇଁ ଉଚ୍ଚଶିକ୍ଷା

Digitized by srujanika@gmail.com

ପାଇଁ ସାହାଯ୍ୟ ଦେବା ଦୋଷାବହ ନଥିଲା, କିନ୍ତୁ ବିବାହ ପୂର୍ବରୁ ଏପରି ଚୁକ୍ତି କରି ପବିତ୍ର ବିବାହକୁ ବ୍ୟବସାୟରେ ପରିଣତ କରିବା ସମ୍ପୂର୍ଣ ଦୋଷାବହ।

୫) ଯେଉଁ କନ୍ୟାକର୍ତ୍ତା ଏପରି ଧନୀ ବା ଏପରି ତଥାକଥିତ ଶିକ୍ଷିତ ଲୋକଘରେ ଝିଅଦେଇ ଝିଅଟି ସୁଖରେ ରହିବ ବୋଲି ଆଶାକରି ଜୋଇଁ ଖରିଦକଲା, ସେ ନିତାନ୍ତ ନିର୍ବୋଧ। ଏପରି ଲୋଭଗ୍ରସ୍ତ ସମାଜର ଅନିଷ୍ଟ ସାଧକ, ପ୍ରତାରକ, ଆତ୍ମମର୍ଯ୍ୟାଦାଶୂନ୍ୟ ଘରେ ଝିଅର ସୁଖଶାନ୍ତି ଆଶା କରିବା ବିଡ଼ମ୍ବନା।

୬) ପୁରୁଷକୁ ଟଙ୍କା ଦେଇ ବିବାହ କରିବାର ଅର୍ଥ ସ୍ୱାମୀମାନଙ୍କୁ ସ୍ତ୍ରୀମାନଙ୍କର କିଣା ଦାସ କରି ରଖିବା ସହିତ ସମାନ। ଟଙ୍କା ନେଇ ସୁଦ୍ଧା ନିଜକୁ ବିକ୍ରୟ କରି ସେହି ନିର୍ଲ୍ଲଜ ସ୍ୱାମୀମାନେ ସେମାନଙ୍କର ସ୍ତ୍ରୀମାନଙ୍କୁ ଅଯୌକ୍ତିକ ବାଧ୍ୟତାମୂଳକ ଦାସୀତ୍ୱ ସ୍ୱୀକାର କରାଇବାକୁ ଆଶାକରନ୍ତି।

୭) ବିବାହ ବ୍ୟବସାୟ ଉପରେ ପ୍ରତିଷ୍ଠିତ ହେବା ଫଳରୁ ସ୍ନେହ ଉପରେ ପ୍ରତିଷ୍ଠିତ ବନ୍ଧୁତା ମଧ୍ୟ ଭାରବେଭାର ଉପରେ ବା ବ୍ୟବସାୟ ଉପରେ ସ୍ୱାର୍ଥସିଦ୍ଧି ଉପରେ ପ୍ରତିଷ୍ଠିତ ହୋଇ ପ୍ରକୃତ ବନ୍ଧୁତା ସମାଜରୁ ଲୋପ ପାଇଲା।

ବୈରାଗୀ ମିଶ୍ର ଝିଅବିକ୍ରି ଅପେକ୍ଷା ପୁଅ ବିକ୍ରି ନିତାନ୍ତ ଅଯୌକ୍ତିକ ଓ ନିନ୍ଦନୀୟ ବୋଲି ପ୍ରଚାର କରିଥିଲେ। ସେ ସମାଜର ମଙ୍ଗଳକାମୀ ପ୍ରତ୍ୟେକ ହୃଦୟବାନ୍ ବ୍ୟକ୍ତିର ଏହି ସମାଜ ଧ୍ୱଂସକାରୀ ପ୍ରଥା ବିରୁଦ୍ଧରେ ସଂଗ୍ରାମ କରିବାକୁ ପ୍ରତିଜ୍ଞାବଦ୍ଧ ହେବାକୁ ନିବେଦନ କରିଥିଲେ। ତାଙ୍କ ମତରେ - କନ୍ୟାମାନଙ୍କୁ ବରଂ ଯାବଜ୍ଜୀବନ ଅବିବାହିତା ରଖିବ, ଜୋଇଁ ଖରିଦ କଦାଚ କରିବ ନାହିଁ, ବିବାହ ପୂର୍ବରୁ ଦେବାନେବାର କୌଣସି ଚୁକ୍ତି କରିବ ନାହିଁ।

ବୈରାଗୀ ମିଶ୍ର ନାରୀମଙ୍ଗଳ ସମିତି ମାଧ୍ୟମରେ କେତୋଟି ବିବାହ ସମ୍ପର୍କିତ ସଂସ୍କାର ଆଣିବାକୁ ଉଦ୍ୟମ କରିଥିଲେ। ସେ ଅବିବାହିତା କନ୍ୟାକୁ ଦୋବେଇ ସ୍ୱାମୀ ସହିତ ବିବାହ ଦେବାକୁ ନାପସନ୍ଦ କରିଥିଲେ। ସେହି ଦୋବେଇସ୍ୱାମୀ ଲକ୍ଷପତି ହୁଅନ୍ତୁ ବା ପଚିଶ ଛବିଶ ବର୍ଷର ଯୁବକ ହୁଅନ୍ତୁ, ଏପରି ସମ୍ବନ୍ଧ ତାଙ୍କ ଦୃଷ୍ଟିରେ ସମ୍ପୂର୍ଣ ଅଯୌକ୍ତିକ, ସମ୍ପୂର୍ଣ ଅନ୍ୟାୟ। ଗୋପନ ବ୍ୟଭିଚାର ଅପେକ୍ଷା ପ୍ରକାଶ୍ୟ ବିବାହ କରିବା ଉଚିତ, ଏହାଥିଲା ତାଙ୍କର ଅନ୍ୟ ଏକ ମତ। ସନ୍ତାନର ମଙ୍ଗଳ ଯେପରି ମାଆର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ, ଭବିଷ୍ୟତ ମାନବସମାଜର ମଙ୍ଗଳ ଠିକ୍ ସେହିପରି ନାରୀ ଜାତିର ମଙ୍ଗଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ- ଏହି ଉଦ୍‌ଘୋଷଣା ଦେଇ ସେ ସମାଜର ପୁନର୍ଗଠନ ପାଇଁ ଆଗେଇ ଯାଇଥିଲେ।

Digitized by srujanika@gmail.com

॥ ୩ ॥

ବ୍ୟକ୍ତିଗତ ସ୍ୱାଧୀନତାରେ ଦେଶର ସ୍ୱାଧୀନତା, ପାରିବାରିକ ସଂସ୍କାରରେ ସମାଜ ସଂସ୍କାର ଓ ନାରୀଜାତିର ମଙ୍ଗଳରେ ଜଗତର ମଙ୍ଗଳ-ନାରୀମଙ୍ଗଳ ସମିତିର ସମ୍ପାଦକ ହିସାବରେ ବୈରାଗୀ ମିଶ୍ର ସ୍ପଷ୍ଟ ଭାବରେ ଘୋଷଣା କରିଥିଲେ। ଜଣେ ସଂସ୍କାରପନ୍ଥୀ ହିସାବରେ ବୈରାଗୀ ମିଶ୍ର ସ୍ୱର୍ଧମ ନାମକ ପୁସ୍ତକ ରଚନା କରି ବିପ୍ଳବର ନିଆଁ ଦେଖାଇଥିଲେ। ୧୯୩୮ ମସିହାରେ ଏହି ବୈପ୍ଳବିକ ପୁସ୍ତକ ଆତ୍ମପ୍ରକାଶ କରିଥିଲା। ନାରୀମଙ୍ଗଳ ସମିତିର ସମ୍ପାଦକ ହିସାବରେ ଏହି ପୁସ୍ତକ ସର୍ମ୍ପକରେ ଏକ ନିବେଦନ ଛାପିଥିଲେ। ସେ ଲେଖିଥିଲେ- ଆଜିକାଲି ପ୍ରତ୍ୟେକ ସମ୍ପ୍ରଦାୟରେ କାହିଁକି, ସମସ୍ତ ମାନବସମାଜରେ ନାନା ପ୍ରକାର ପରିବର୍ତ୍ତନ ଆସିବା ଦ୍ୱାରା ଯେଉଁ ବିଶୃଙ୍ଖଳା ସବୁ ଘଟୁଅଛି, ତାହା ପ୍ରାୟ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଅନୁଭବ କରିପାରୁଥିବେ। ନିଶ୍ଚେଷ୍ଟତା-ପ୍ରିୟ ସମାଜ ଏହି ସବୁ ପରିବର୍ତ୍ତନ ଓ ବିଶୃଙ୍ଖଳା ମଧ୍ୟରେ ତାର କର୍ତ୍ତବ୍ୟ କଣ, କିଛି ସ୍ଥିର କରିପାରୁ ନାହିଁ। ସମାଜର ଏପରି ସଙ୍କଟାପନ୍ନ ଅବସ୍ଥାରେ ନାରୀମଙ୍ଗଳ ସମିତିର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିରକରିବା ଏକାନ୍ତ ଆବଶ୍ୟକ ମନେ କରି ସ୍ୱଧର୍ମ ପରି ଗୁରୁତର ସମସ୍ୟାର ସମାଲୋଚନା କରିବାକୁ କର୍ତ୍ତବ୍ୟବୋଧ କରିଅଛି। ଲେଖକ କେତେଦୂର ଉପଯୁକ୍ତ କିମ୍ବା ଅନୁପଯୁକ୍ତ ଏକଥା ବିଚାର କରିବା ଆପଣମାନଙ୍କର କାର୍ଯ୍ୟ ନୁହେଁ। ବିଷୟଟି ଯୁକ୍ତିଯୁକ୍ତ କି ଅଯୌକ୍ତିକ, ସମାଜ ପକ୍ଷରେ ଆବଶ୍ୟକ କି ଅନାବଶ୍ୟକ ବିବେଚନା କରି ନିଜ ନିଜର କର୍ମକ୍ଷେତ୍ରରେ ନିର୍ଭୀକ ଭାବରେ ଅଗ୍ରସର ହେବା ହିଁ ଆପଣ ମାନଙ୍କର କାର୍ଯ୍ୟ।"

ତାଙ୍କମତରେ ସ୍ୱ ଓ ଧର୍ମ, ଏହି ଦୁଇକଥାର ସଂଯୋଗରେ ସ୍ୱଧର୍ମ କଥାଟି ନିଷ୍ପନ୍ନ ହୋଇଅଛି। ସ୍ୱ-ଏହି କଥାଟିରେ ସ୍ୱଧର୍ମର ବିଶେଷତ୍ୱ ରହିଛି ଏବଂ ସ୍ୱଧର୍ମ ଯେ ଧର୍ମର ଗୋଟିଏ ଅଂଶ, ତାହା ସ୍ପଷ୍ଟ ରୂପେ ଜଣାପଡୁଅଛି। ସ୍ୱଧର୍ମର ଅର୍ଥ ନିଜର ଧର୍ମ। ଧର୍ମର ଅର୍ଥ ବୁଝିବା ଅସମ୍ଭବ। ଧର୍ମ ବ୍ୟାଖ୍ୟା କରିବାର ବିଷୟ ନୁହେଁ। ଏହା ସଦିଚ୍ଛା ଓ ଅନୁଭୂତିର ବିଷୟ। ଏହି ସଦିଚ୍ଛା ଓ ଅନୁଭୂତିର ସାହାଯ୍ୟରେ ଧର୍ମ ଓ ସ୍ୱଧର୍ମର ପରିଚୟ ମିଳିବ। ମିଶ୍ରଙ୍କ ବିଶ୍ଳେଷଣ ଅନୁସାରେ ସ୍ୱଧର୍ମର ଅର୍ଥ ବ୍ୟକ୍ତିବିଶେଷ ନିଜ ସମ୍ବନ୍ଧରେ ନିଜର ଜ୍ଞାନ। ନିଜ ନିଜ ସ୍ୱଧର୍ମ ପ୍ରତି ଦୃଷ୍ଟି ନରଖି କଳ୍ପନାତୀତ

Digitized by srujanika@gmail.com

ଭଗବାନଙ୍କ ସମ୍ବନ୍ଧରେ ନାନା ଯୁକ୍ତିକରି ଭିନ୍ନ ଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଦ୍ୱେଷ, ହିଂସା,ଘୃଣା,ସୃଷ୍ଟି କରିବାରେ ବ୍ୟକ୍ତିକ ବ୍ୟସ୍ତ। ନିଜ ନିଜର ସ୍ୱଧର୍ମର ପରିଚୟ ନ ପାଇବା ଆମ୍ଭମାନଙ୍କର, ସମସ୍ତ ପ୍ରକାର ସାମ୍ପ୍ରଦାୟିକ ଓ ବ୍ୟକ୍ତିଗତ ବିଦ୍ୱେଷର ଏବଂ ମାନବ ସମାଜର ସମସ୍ତ ପ୍ରକାର ଅଶାନ୍ତିର ଏକ ମାତ୍ର କାରଣ - ଏହା ଥିଲା ବୈରାଗୀ ମିଶ୍ରଙ୍କ ତତ୍ତ୍ୱ। ବ୍ୟକ୍ତି ନିଜ ସମ୍ବନ୍ଧରେ ପ୍ରଥମେ ମୀମାଂସା କରି ସଂସାରରୂପୀ କର୍ମକ୍ଷେତ୍ରରେ ଅଗ୍ରସର ହେଲେ ଭଗବାନଙ୍କ ସମ୍ବନ୍ଧୀୟ ଯାବତୀୟ ପ୍ରଶ୍ନ ଏବଂ ସମସ୍ତ ବିଶ୍ୱର ଯାବତୀୟ ପ୍ରଶ୍ନ ଆପେ ଆପେ ବ୍ୟକ୍ତିର ମନକୁ ଆସିବ। ବ୍ୟକ୍ତି ନିଜର ପରିଚୟ ପାଇବା ଓ ସ୍ୱଧର୍ମର ପରିଚୟ ପାଇବା ଏ ଦୁହେଁ ଏକା କଥା। ସମଗ୍ର ବିଶ୍ୱର ପରିଚୟ ପାଇବା ଏବଂ ଭଗବାନଙ୍କ ପରିଚୟ ପାଇବା, ଏ ଦୁହେଁ ଏକା କଥା। ମାତ୍ର ବ୍ୟକ୍ତି ନିଜର ପରିଚୟ ପାଇବା ତାହାର ସର୍ବପ୍ରଥମ କାର୍ଯ୍ୟ। ମାନବସମାଜ ବହୁକାଳରୁ ଭିନ୍ନ ଭିନ୍ନ ସମ୍ପ୍ରଦାୟରେ ବିଭକ୍ତ। ହିନ୍ଦୁ ସମାଜ ପୁଣି ଅସଂଖ୍ୟ ସମ୍ପ୍ରଦାୟରେ ବିଭକ୍ତ। ଭିନ୍ନ ଭିନ୍ନ ସାମ୍ପ୍ରଦାୟିକ ମତ ସବୁକୁ ସେହି ସେହି ସମ୍ପ୍ରଦାୟର ଲୋକେ କେବଳ ଯେ ସ୍ୱଧର୍ମ ବୋଲି ମନେ କରନ୍ତି ତାହା ନୁହେଁ, ଧର୍ମ ବୋଲି ମଧ୍ୟ ଗ୍ରହଣ କରନ୍ତି। ମାତ୍ର ବୈରାଗୀ ମିଶ୍ରଙ୍କ ବିଶ୍ଳେଷଣ ଅନୁସାରେ - ଏହି ସବୁ ସାମ୍ପ୍ରଦାୟିକ ମତ ପ୍ରକୃତରେ ଧର୍ମ ନୁହେଁ, କି ସ୍ୱଧର୍ମ ନୁହେଁ। ଧର୍ମ ନୁହେଁ କାରଣ ଭଗବାନ ଏକ। ତେଣୁ ଧର୍ମ ମଧ୍ୟ ଏକ। ଏତେ ପ୍ରକାର ଭଗବାନ କିମ୍ବା ଏତେଗୁଡ଼ିଏ ଭଗବାନ ରହିବା ଯେପରି ସମ୍ପୂର୍ଣ୍ଣ ଅଯୌକ୍ତିକ; ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ ଇତ୍ୟାଦି ଭେଦରେ ଏତେ ପ୍ରକାର ଭେଦ ରହିବା ସେହିପରି ସମ୍ପୂର୍ଣ୍ଣ ଅଯୌକ୍ତିକ। ସ୍ୱଧର୍ମ ମଧ୍ୟ ନୁହେଁ - କାରଣ ପ୍ରତ୍ୟେକ ମନୁଷ୍ୟ ତାହାର ବୁଦ୍ଧି, ବିବେକ, ଜ୍ଞାନ, କର୍ମ, କର୍ମଫଳ ଇତ୍ୟାଦି ପ୍ରତ୍ୟେକ ବିଷୟରେ ଅନ୍ୟଠାରୁ ସ୍ୱତନ୍ତ୍ର। ଏହି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ, ବ୍ୟକ୍ତିଗତ ସ୍ୱାଧୀନତା ଓ ବ୍ୟକ୍ତିଗତ କର୍ମଫଳ ସହିତ ସାମଞ୍ଜସ୍ୟ ରଖି ପ୍ରତ୍ୟେକ ମନୁଷ୍ୟର ବ୍ୟକ୍ତିଗତ ସ୍ୱଧର୍ମ ନିର୍ଦ୍ଦେଶ କରାଯାଇଅଛି। ଏହା ସୃଷ୍ଟି କୌଶଳର ନିୟମ। ଗୋଟିଏ ସମ୍ପ୍ରଦାୟର ଭିନ୍ନ ଭିନ୍ନ ପ୍ରକାର ଏତେଗୁଡିଏ ଲୋକଙ୍କ ପାଇଁ ଗୋଟିଏ ମାତ୍ର ସ୍ୱଧର୍ମ ରହିବା ସମ୍ପୂର୍ଣ୍ଣ ଅଯୌକ୍ତିକ। ମନୁଷ୍ୟୋତ୍ତର ଜୀବମାନଙ୍କର ସାମ୍ପ୍ରଦାୟିକ ସ୍ୱଧର୍ମ ଅଛି। ସେମାନଙ୍କର ସାମ୍ପ୍ରଦାୟିକ ସ୍ୱଧର୍ମ ସ୍ୱାଭାବିକ, ଅର୍ଥାତ୍ ଭଗବାନ ସୃଷ୍ଟ, କିନ୍ତୁ ମନୁଷ୍ୟର ସାମ୍ପ୍ରଦାୟିକ ତଥାକଥିତ ସ୍ୱଧର୍ମ ଅସ୍ୱାଭାବିକ, ମନୁଷ୍ୟ ସୃଷ୍ଟ ଓ କୃତ୍ରିମ। କେବଳ ସାମ୍ପ୍ରଦାୟିକ ସ୍ୱଧର୍ମ କାହିଁକି ମନୁଷ୍ୟର ସୃଷ୍ଟ କୌଣସି କୃତ୍ରିମ ବିଷୟ ସହିତ ଧର୍ମ କିମ୍ବା ସ୍ୱଧର୍ମର କୌଣସି ସମ୍ବନ୍ଧ ନାହିଁ ବୋଲି ବୈରାଗୀ ମିଶ୍ର ଦୃଢ଼ଭାବରେ ଯୁକ୍ତି କରିଥିଲେ। ସାମ୍ପ୍ରଦାୟିକ ବନ୍ଧନରେ ଆବଦ୍ଧ ରହି ସୁଦ୍ଧା ମନୁଷ୍ୟ ମାନେ ସାଂସାରିକ ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ସୁବିଧା

Digitized by srujanika@gmail.com

ଭୋଗ କରୁଥିଲେ - ଏପରି ଅର୍ଥଶୂନ୍ୟ ଯୁକ୍ତି ଦେଖାଇ ସାମ୍ପ୍ରଦାୟିକ ପ୍ରଚଳିତ ପ୍ରଥା ସବୁକୁ ସ୍ୱଧର୍ମ ମନେ କରିବା ଉଚିତ୍ ନୁହେଁ - ଏହା ସେ ବାରମ୍ବାର କହିଥିଲେ। ମନୁଷ୍ୟ ସମ୍ପ୍ରଦାୟଭୁକ୍ତ ହୋଇ ରହୁ, ସେହି ସମ୍ପ୍ରଦାୟର ଉନ୍ନତି ପାଇଁ ସମ୍ପ୍ରଦାୟଭୁକ୍ତ ଲୋକଙ୍କର ସୁବିଧା ପାଇଁ ବର୍ତ୍ତମାନ କାଳୋପଯୋଗୀ ନୂଆ ନୂଆ ବ୍ୟବସ୍ଥା ସୃଷ୍ଟିକରୁ - ଏହାକୁ ଗ୍ରହଣ କରି ବୈରାଗୀ ମିଶ୍ର ସେସବୁ ବ୍ୟବସ୍ଥା ସହିତ ଭଗବାନପ୍ରଦତ୍ତ ବ୍ୟକ୍ତିତ୍ୱର ବା ବ୍ୟକ୍ତିଗତ ସ୍ୱଧର୍ମର ସମ୍ବନ୍ଧ ରଖିବା ଉଚିତ ବୋଲି ସୂଚନା ଦେଇଥିଲେ। ସେ ଏ ସମ୍ପର୍କରେ **ସ୍ପଷ୍ଟ** ଭାବରେ କହିଥିଲେ-ଭଗବାନ ପ୍ରଦତ୍ତ ବ୍ୟକ୍ତିଗତ ସ୍ୱଧର୍ମ, ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିଗତ ସ୍ୱାଧୀନତା ଧ୍ୱଂସ କରି ସମସ୍ତଙ୍କୁ ସାମ୍ପ୍ରଦାୟିକ ବନ୍ଧନରେ ପୂର୍ବପରି ଆବଦ୍ଧ ରଖି ନିଜ ନିଜର ଅହମିକାର ପ୍ରତିଷ୍ଠା କରିବାକୁ ଚେଷ୍ଟାକରିବା ବର୍ତ୍ତମାନ ଯୁଗର ମାନବସମାଜ ପକ୍ଷରେ କିପରି ଅନିଷ୍ଟକର ଏବଂ ଅସମ୍ଭବ, ଏକଥା ପ୍ରତ୍ୟେକ ସମ୍ପ୍ରଦାୟର ନେତୃପକ୍ଷଙ୍କର, ପ୍ରତ୍ୟେକ ପରିବାରର ମୁରବୀମାନଙ୍କର ତଥା ପ୍ରତ୍ୟେକ ବ୍ୟକ୍ତିର ଉତ୍ତମ ରୂପେ ବୁଝିରଖିବା ଆବଶ୍ୟକ। ଯେଉଁ ସମ୍ପ୍ରଦାୟ ବା ସମାଜ ଭଗବାନ ପ୍ରଦତ୍ତ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ବାଧା ଦେଇଥାଏ, ସେପରି ସମ୍ପ୍ରଦାୟ ସବୁକୁ ଧ୍ୱଂସ କରାଯାଇ ଆବଶ୍ୟକ ହେଲେ ନୂତନ ସମ୍ପ୍ରଦାୟ ସବୁ ଗଠନ କରାଯିବା ଉଚିତ। ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ, ବ୍ୟକ୍ତିଗତ ସ୍ୱଧର୍ମ ପ୍ରତି ଦୃଷ୍ଟି ଦେଇନଥିବାରୁ ପ୍ରତି ପରିବାରରେ ଅଶାନ୍ତି ଓ ବିଶୃଙ୍ଖଳା। ତେଣୁ ସମସ୍ତ ମାନବସମାଜରେ ଅଶାନ୍ତି ଓ ବିଶୃଙ୍ଖଳା। ଏହି ସବୁ କଥା ବୁଝିରଖି ବୁଝିବା ଅନୁସାରେ କାର୍ଯ୍ୟକରିବା ଏକାନ୍ତ ଆବଶ୍ୟକ। ନ୍ୟାୟାନ୍ୟାୟ ବିଚାର କରିବାର ନାମ ବିବେକ ଏବଂ ବିବେକାନୁମୋଦିତ କାର୍ଯ୍ୟ କରିବାର ନାମ ସ୍ୱଧର୍ମ।

ଆଧ୍ୟାତ୍ମିକ ରାଜ୍ୟ ଓ ଭଗବାନଙ୍କ ରାଜ୍ୟରେ ଅଗ୍ରସର ହେବାପାଇଁ ଭଗବାନ ଆଚାଣ୍ଡାଳ ବ୍ରାହ୍ମଣ ପ୍ରତ୍ୟେକ ମନୁଷ୍ୟକୁ ବିବେକ ବୋଲି ଗୋଟିଏ ଗୋଟିଏ ଆଖି ଏବଂ ସ୍ୱଧର୍ମ ବୋଲି ଗୋଟିଏ ଗୋଟିଏ ଗୋଡ଼ ବା କାର୍ଯ୍ୟ କରିବାର ପ୍ରବୃତ୍ତି ଦେଇଛନ୍ତି। ଆଧ୍ୟାତ୍ମିକତାର ପ୍ରକୃତ ଅର୍ଥ ମନୁଷ୍ୟତା ବା ନିର୍ଭୀକତା ବା ସ୍ୱାଧୀନତା। ମନୁଷ୍ୟର ଅଧୀନତା ସ୍ୱୀକାର କରିବା ପ୍ରକୃତ ଆଧ୍ୟାତ୍ମିକତାର ସମ୍ପୂର୍ଣ୍ଣ ବିରୋଧୀ। ନିଜର ଆଖି ଥାଉ ଥାଉ ନିଜ ଆଖି ବୁଜି ଅନ୍ୟଦ୍ୱାରା ପରଚାଳିତ ହେବା ସମ୍ପୂର୍ଣ୍ଣ ଅନାବଶ୍ୟକ। ଏହିପରି ଉପଦେଶ ମାଧ୍ୟମରେ ସଂସ୍କାରକ ମିଶ୍ର ମନୁଷ୍ୟର ସ୍ୱଧର୍ମର ସ୍ୱରୂପ ଉନ୍ମୋଚନ କରିଥିଲେ। ସ୍ୱଧର୍ମର ଆଲୋଚନା କରିବାକୁ ଯାଇ ସେ ମନୁଷ୍ୟ ମାନଙ୍କୁ ସମସ୍ତ ପ୍ରକାର ବଦ୍ଧମୂଳ ଧାରଣା ଏବଂ ମନୁଷ୍ୟକୃତ ଯାବତୀୟ ବିଷୟର ଅସଂଖ୍ୟ ପ୍ରକାର

Digitized by srujanika@gmail.com

ଜଟିଳ ବିଶ୍ୱାସ ମସ୍ତିଷ୍କରୁ ଦୂର କରିଦେଇ ସରଳତାର ଆଶ୍ରୟନେଇ ଆଗେଇ ଯିବାକୁ ଉପଦେଶ ଦେଇଥିଲେ। ମାନବସମାଜ ବିବେକ ଓ ସ୍ୱଧର୍ମ ଉଭୟର ପରିଚୟ ପାଇଥିବାରୁ ସେ ତୃପ୍ତିଲାଭ କରିଛନ୍ତି। ସମାଜର ପରିବର୍ତ୍ତନ ତାଙ୍କୁ ଆନନ୍ଦ ପ୍ରଦାନ କରିଛି। ଭଗବାନ ପ୍ରଦତ୍ତ ବିବେକ ଓ ସ୍ୱଧର୍ମ ତୁଳନାରେ ମନୁଷ୍ୟ ସୃଷ୍ଟ ଯାବତୀୟ ବିଷୟ ମିଥ୍ୟା ଓ ଅନାବଶ୍ୟକ।

ଏକଥା ବୁଝିପାରି ସୁଦ୍ଧା ସେସବୁକୁ ଛାଡିବାକୁ ସେ ଭୟ କରୁଛି। "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ"-ଏହି ଉକ୍ତିର ବିଶ୍ଳେଷଣ କରି ବୈରାଗୀ ମିଶ୍ର କହନ୍ତି - ମନୁଷ୍ୟକୃତ ସବୁପ୍ରକାର ଧର୍ମକୁ ଛାଡ଼ି ଭଗବାନଙ୍କର ଶରଣ ନିଅ। ମନୁଷ୍ୟକୁ ତାହାର ଆବଶ୍ୟକୀୟ ଶକ୍ତି ଭଗବାନ ଦେଇଛନ୍ତି। ସେ ସବୁ ଶକ୍ତିର ସଦ୍‌ବ୍ୟବହାର କରିବା ଉଚିତ୍। ଭଗବାନ ପ୍ରଦତ୍ତ ଶକ୍ତିର ହତାଦର ଏବଂ ମନୁଷ୍ୟକୃତ ସମସ୍ତ ପ୍ରକାର ନକଲି ଜିନିଷର ଆଦର ମନୁଷ୍ୟର ଭୟ ଓ ଦୁଃଖର କାରଣ। ଭୟ କରିବା, ଦୁଃଖ କରିବା ନାସ୍ତିକତାର ପରିଚୟ। ସବୁଛାଡି ଦେଇ ସତ୍ୟର ଶରଣ ନେବାକୁ, ସତ କହିବାକୁ ସେ ମନୁଷ୍ୟମାନଙ୍କୁ ନିବେଦନ କରିଥିଲେ। ଭଗବାନଙ୍କର ପରିଚୟ କିପରି ପାଇବି, ଭଗବାନଙ୍କୁ କିପରି ଦେଖିବି-ଏପରି ଗୋଟିଏ ପ୍ରବୃତ୍ତି ବା ଇଚ୍ଛା କେବଳ ମନୁଷ୍ୟର ଅଛି। ସେହି ଇଚ୍ଛା ମନୁଷ୍ୟ ନିଜ ଚେଷ୍ଟାରେ ନିଜେ ପୂରଣ କରୁ। ଏହା ସୃଷ୍ଟିର କୌଶଳ ବା ଭଗବାନଙ୍କର ଇଚ୍ଛା। ସେହି ପ୍ରବୃତ୍ତି ବା ସେହି ଇଚ୍ଛା ପୂରଣ କରିବା ପାଇଁ ହେଉ ବା ଅନ୍ୟ କାରଣରୁ ହେଉ, ମନୁଷ୍ୟ ବହୁକାଳ ଧରି ବହୁପ୍ରକାର ଚେଷ୍ଟା କରି ବେଦ, କୋରାନ୍, ବାଇବେଲ ଇତ୍ୟାଦି ଅଂସଖ୍ୟ ପ୍ରକାର ଧର୍ମଶାସ୍ତ୍ର ରଚନା କରିଅଛି। ଅସଂଖ୍ୟ ସମ୍ପ୍ରଦାୟ ସୃଷ୍ଟି କରିଅଛି। ଅସଂଖ୍ୟ ପ୍ରକାର ମନ୍ଦିର, ମସ୍‌ଜିଦ ଓ ଗୀର୍ଜା ସବୁ ପ୍ରସ୍ତୁତ କରିଅଛି। ଅସଂଖ୍ୟପ୍ରକାର ଠାକୁର ଠାକୁରାଣୀ ସୃଷ୍ଟି କରିଅଛି। ପୂଜା ଓ ଉପାସନା କରିବାର ଅସଂଖ୍ୟ ପ୍ରକାର ପ୍ରଣାଳୀ ସୃଷ୍ଟି କରିଅଛି। ଏତେ ପ୍ରକାର ଚେଷ୍ଟାକରି ସୁଦ୍ଧା ଭଗବାନଙ୍କର ପରିଚୟ ପାଇପାରିନାହିଁ। ଭଗବାନଙ୍କର ପରିଚୟ ପାଉ ବା ନପାଉ କିନ୍ତୁ ଏସବୁ ବ୍ୟବସ୍ଥା ସହିତ ବର୍ତ୍ତମାନ ମାନବ ସମାଜର କୌଣସି ସମ୍ବନ୍ଧ ନାହିଁ ଏବଂ ରହିବା ଅସମ୍ଭବ। ଅତୀତ ସହିତ କୌଣସି ସମ୍ବନ୍ଧ ରଖିବା ଅନାବଶ୍ୟକ, କାରଣ ଭଗବାନ ସର୍ବଦା ସମ୍ମୁଖରେ, କଦାଚ ପଛରେ ନାହାନ୍ତି।

ଧର୍ମ ସମସ୍ତ ବିଶ୍ୱର ସତ୍ୟସ୍ୱରୂପ ବା ଚରମସତ୍ୟ, ଜ୍ଞାନସ୍ୱରୂପ ବା ଚରମ ଜ୍ଞାନ ଏବଂ ଆନନ୍ଦସ୍ୱରୂପ ବା ଚରମ ଆନନ୍ଦ। ସ୍ୱଧର୍ମ ମଧ୍ୟ ସେହିପରି ପ୍ରତ୍ୟେକ ମନୁଷ୍ୟର ସତ୍ୟସ୍ୱରୂପ, ଜ୍ଞାନସ୍ୱରୂପ ଏବଂ ଆନନ୍ଦସ୍ୱରୂପ। ଏହି ସ୍ୱଧର୍ମର ସାହାଯ୍ୟରେ

Digitized by srujanika@gmail.com

ପ୍ରତ୍ୟେକ ମନୁଷ୍ୟକୁ ଧର୍ମ ଆଡକୁ ବା ଭଗବାନଙ୍କ ନିକଟକୁ ଅଗ୍ରସର ହେବାକୁ ହୁଏ। ଭଗବାନ ମନୁଷ୍ୟ ଠାରୁ ଦୂରରେ ନଥାନ୍ତି। ବରଂ ମନୁଷ୍ୟର ଖୁବ ନିକଟରେ। ମନୁଷ୍ୟର ଭଗବାନଙ୍କ ନିକଟକୁ ଅଗ୍ରସର ହେବାର ଅର୍ଥ ଜୀବର କ୍ରମବିକାଶ ବା ଉତ୍ତରୋତ୍ତର ଉନ୍ନତି। ଜୀବନର ଏହି କ୍ରମବିକାଶ ବା କ୍ରମୋନ୍ନତି ସୃଷ୍ଟିର ନିୟମ ବା କୌଶଳ। ଏହି କୌଶଳରେ ଭଗବାନ ମାନବସମାଜ ସୃଷ୍ଟି କରିଛନ୍ତି। ପ୍ରତ୍ୟେକ ମନୁଷ୍ୟର ଏକମାତ୍ର ଭିତ୍ତି ହେଉଛି ତାର ନିଜର ବ୍ୟକ୍ତିଗତ ସରଳ ସତ୍ୟ, ଆନନ୍ଦ ତାହାର ଏକମାତ୍ର ଲକ୍ଷ୍ୟ ଏବଂ ଜ୍ଞାନ ତାହାର ଏକମାତ୍ର ସ୍ୱଭାବ। ସେ ତାହାର ସେହି ସରଳ ସତ୍ୟକୁ ଜୀବନର ଭିତ୍ତିକରି ସେହି ଭିତ୍ତି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ତାହାର ସେହି ସରଳ ଜ୍ଞାନ ବା ସାମାନ୍ୟ ଜ୍ଞାନର ଆଶ୍ରୟ ନେଇ ସାଂସାରିକ ସୁଖ ସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ସାମାନ୍ୟ ଆନନ୍ଦ ଭୋଗ କରି କରି ପୂର୍ଣ୍ଣ ଆନନ୍ଦ ପାଇବା ପାଇଁ ଅର୍ଥାତ୍ ଆନନ୍ଦର ଶେଷ ସୀମାରେ ଉପସ୍ଥିତ ହେବାପାଇଁ ଜନ୍ମ ଜନ୍ମାନ୍ତର ମଧ୍ୟଦେଇ ପ୍ରତ୍ୟେକ ଜନ୍ମରେ ଭିନ୍ନ ଭିନ୍ନ ଶିକ୍ଷା ଓ ଭିନ୍ନ ଭିନ୍ନ ବହୁଦର୍ଶିତା ଲାଭ କରି କରି ଉନ୍ନତତର ଅବସ୍ଥାକୁ ଅଗ୍ରସର ହେଉଥାଏ। ଜୀବ ଯେତେଯେତେ ଉନ୍ନତତର ଅବସ୍ଥା ଲାଭ କରୁଥାଏ, ତାହାର ସେହି ବ୍ୟକ୍ତିଗତ ସରଳ ସତ୍ୟ, ସରଳଆନନ୍ଦ ଓ ସରଳଜ୍ଞାନର କ୍ରମେ କ୍ରମେ ବିକାଶ ହେଉଥାଏ। ଏହିପରି ଅଗ୍ରସର ହେବାର ନାମ ଜୀବର କ୍ରମୋନ୍ନତି ବା କ୍ରମବିକାଶ। ଜନ୍ମ ଜନ୍ମାନ୍ତର ମଧ୍ୟଦେଇ ଜୀବ ଧର୍ମ ଆଡକୁ ଅଗ୍ରସର ହୁଏ-ଏହା ସାଧାରଣ ଲୋକଙ୍କର ଶାସ୍ତ୍ରର କଥା, ବିଶ୍ୱାସର କଥା, ଅନୁଭୂତିର କଥା ନୁହେଁ। ଯାହା ଅନୁଭୂତିର ବହିର୍ଭୂତ, ଯାହା କେବଳ ଶାସ୍ତ୍ରର କଥା, ବିଶ୍ୱାସର କଥା-ତାହା ସତ୍ୟ ନୁହେଁ। ବିଶ୍ୱାସ ଉପରେ ନିର୍ଭର କରିବା ସ୍ୱଧର୍ମର ବିରୋଧୀ।

ମାନବ ସମାଜ ତାହାର ସରଳ ସତ୍ୟକୁ ଜୀବନର ଭିତ୍ତି ନକରି ଭଗବାନ ପ୍ରଦତ୍ତ ସେହି ଏକମାତ୍ର ଭିତ୍ତି ଉପରେ ନିର୍ଭର ନକରି ନିର୍ଭର କରିଅଛି ମନୁଷ୍ୟ ସୃଷ୍ଟ ଅସଂଖ୍ୟ ପ୍ରକାର ଜଟିଳ ବିଶ୍ୱାସ ଉପରେ ବା କଳ୍ପନା ଉପରେ ବା ମିଥ୍ୟା ଉପରେ ଏବଂ ସେଥିପାଇଁ ସେ ଭୟ ପାଏ। ଏହି ଭୟ ତାହାର କ୍ରମବିକାଶ ପଥରେ ପ୍ରଧାନ ଅନ୍ତରାୟ। ସତ୍ୟଉପରେ ନିର୍ଭର ନକରିବା ପର୍ଯ୍ୟନ୍ତ ଭୟ ଛାଡିବା ଅସମ୍ଭବ ଏବଂ ଭୟ ନଛାଡିବା ପର୍ଯ୍ୟନ୍ତ କେବଳ କ୍ରମବିକାଶ ପଥରେ କାହିଁକି, କୌଣସି କାର୍ଯ୍ୟରେ ଅଗ୍ରସର ହେବା ଅସମ୍ଭବ।

ଅତୀତ ସଭ୍ୟତାର ଅନ୍ଧ ଅନୁସରଣରେ ଅଭ୍ୟସ୍ତ ଏବଂ ଆଧୁନିକ ସଭ୍ୟତାର ଅନୁକରଣ ପ୍ରିୟ, ନୈତିକ ଦୁର୍ଗତିର ଶେଷସୀମାରେ ଉପନୀତ, ବିବେକଶୂନ୍ୟ ସମାଜ

Digitized by srujanika@gmail.com

ନିକଟରେ ସ୍ୱଧର୍ମର ଆଧ୍ୟାତ୍ମିକ ଆଲୋଚନା ଅରଣ୍ୟରୋଦନ ବୋଲି ଜାଣି ନ୍ୟାୟନିମିତ୍ତରେ ସର୍ବସ୍ୱାନ୍ତ ହୋଇ ହା-ଅନ୍ନ, ହା-ଅନ୍ନ ବୋଲି କାଳାତିପାତ କରୁଥିବା ଗ୍ରାମବାସୀମାନଙ୍କ ପାଇଁ ସ୍ୱଧର୍ମ କଥାଟିର ଅର୍ଥ ବୁଝାଇବାକୁ ବୈରାଗୀ ମିଶ୍ର ଭାଗବତରୁ ଉଦ୍ଧାର କରିଥିଲେ-

ବୁଦ୍ଧି ବିବେକ ଜ୍ଞାନ ବଳେ
ମରଣ ଜିଣି ପାରେ ହେଳେ

"ସ୍ୱଧର୍ମ"ବୈରାଗୀ ମିଶ୍ରଙ୍କର ଓଡ଼ିଶାର ସହଜ ସାହିତ୍ୟର ଦେଶରେ ଏକ ଚିନ୍ତାଶୀଳ ପ୍ରବନ୍ଧ। ଗୋପୀନାଥ ମହାନ୍ତି ଏହାର ମହତ୍ତ୍ୱ ବୁଝିପାରି ସହକାର ପତ୍ରିକାର (ଊନବିଂଶ ଭାଗ, ଦ୍ୱିତୀୟ ସଂଖ୍ୟା, ୧୯୩୮)ରେ ଏ ସମ୍ପର୍କରେ ଆଲୋଚନା ପ୍ରକାଶ କରିଥିଲେ। ପ୍ରବନ୍ଧ ଭିତରେ ବୟସ୍କ ଲୋକର ବିଦ୍ରୋହ ଦେଖି ସେ ଆନନ୍ଦିତ ହୋଇଥିଲେ। ତାଙ୍କ ମତରେ ସ୍ୱଧର୍ମ ପ୍ରବନ୍ଧ ଚିନ୍ତାଶୀଳ। ଏଥିରେ ଥିଲା ଦାର୍ଶନିକ ବୈଜ୍ଞାନିକର ବିଶ୍ଳେଷଣ ଏବଂ ଅତି ଉଦାର, ଅତି ଆଧୁନିକ ମତବାଦ। ଲେଖକ କାହାରିକୁ ଅନୁକରଣ କରିନାହାଁନ୍ତି। ତର୍କ ଓ ବିନ୍ୟାସର ଶୈଳୀ ଭିତରୁ ତାଙ୍କର ମୌଳିକତା ଫୁଟିଉଠିଛି। ଅତିରିକ୍ତ ଚିନ୍ତାଫଳରେ ସେ ଯେତେଗୁଡିଏ ପ୍ରଶ୍ନ ପାଖରେ ପହଞ୍ଚିଛନ୍ତି, କାହାରିକୁ ନଡରି ଯଥେଷ୍ଟ ସାହସ ଧରି ନିଜର ସ୍ୱଧର୍ମ ଅନୁଯାୟୀ ତାହାର ସମାଧାନ କରିବାକୁ ଚେଷ୍ଟା କରିଛନ୍ତି। ଯେଉଁମାନରେ ସେ ତାଙ୍କର ସ୍ୱଧର୍ମ ମତ ପ୍ରଚାର କରିଛନ୍ତି, ତହିଁରେ ନିହିତ ସ୍ୱାର୍ଥ, ରକ୍ଷଣଶୀଳତା, ଦାମ୍ଭିକତା ବା Dogmatism କିଛିର ଲେଶ ମାତ୍ର ଗନ୍ଧ ନାହିଁ। ବରଂ ସେ ମନ ଓ ସେ ଧାରଣା ଭିତରେ ମିଳେ ସ୍ୱାଧୀନ ଆଦର୍ଶବାଦ। ଯାହା ଭାରତର ଅତି ଆଦିମ ପ୍ରାଣ, ଯାହା କାହାରିକୁ ଡରେ ନାହିଁ ବା କାହାରିକୁ ଅପେକ୍ଷା ରଖେ ନାହିଁ। ଯାହା ଜୀବର ବୁଦ୍ଧି ବିବେକ ଜ୍ଞାନକୁ ଆଶ୍ରୟକରି ମରଣକୁ ସୁଦ୍ଧା ଉପହାସକରି ରୁଦ୍ର ଭୈରବଙ୍କର ପ୍ରକାଶ ଛଳରେ ସ୍ୱାଧୀନ ଭାବରେ ଅସୀମକୁ ଗତିକରେ। ସ୍ୱାଧୀନତା ଓ ନିର୍ଭୀକତା ଏ ଦୁଇଟି ତାଙ୍କର ଅସ୍ତ୍ର। ଲୌକିକତାର ବନ୍ଧାଗତରେ ଯାହା କୃତ୍ରିମ ହୋଇ ସୁଦ୍ଧା ସତ୍ୟବୋଲି ଆମର ବିଶ୍ୱାସ ଆଣିଛି, ତାହା ପ୍ରତି ତାଙ୍କର ବିଶ୍ୱାସ ବା ସମ୍ମାନ ନାହିଁ। ଅତୀତ ସହିତ କୌଣସି ସମ୍ବନ୍ଧ ରଖିବା ଅନାବଶ୍ୟକ, ଭଗବାନ ସର୍ବଦା ସମ୍ମୁଖରେ କଦାପି ପଛରେ ନାହାଁନ୍ତି ବୋଲି ସେ ବିଶ୍ୱାସ କରନ୍ତି। ସେ ପ୍ରଗତି ଓ ଜୀବନର କ୍ରମୋନ୍ନତି ବା Evolutionରେ ବିଶ୍ୱାସ କରନ୍ତି। ସେ ଭାବନ୍ତି ଆସନ୍ତା ଯୁଗ ସବୁ ଅତୀତ ଯୁଗର କ୍ରମବିକାଶ ଫଳରେ ଅତୀତ ଯୁଗଠାରୁ ଉନ୍ନତତର ହେଉଛି। ତେଣୁ ବୃଦ୍ଧ ଅପେକ୍ଷା ତରୁଣଠାରେ ସେ ବେଶୀ

Digitized by srujanika@gmail.com

ବିଶ୍ୱାସ ରଖନ୍ତି ଓ ତରୁଣ ବୃଦ୍ଧର ଉନ୍ନତତର ବିକାଶ ହେବ ବୋଲି ସେ ତରୁଣଙ୍କୁ ସମ୍ମାନ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ। ସେ ପୁସ୍ତକଗତ ଧର୍ମ ବା ସଂସ୍କାରଗତ ମତବାଦକୁ ସମ୍ମାନ କରନ୍ତି ନାହିଁ। ନିଜର ସରଳ ସତ୍ୟର ଅନୁଶୀଳନ କରିବାକୁ ହେବ, ନିଜର ବ୍ୟକ୍ତିତ୍ୱ ଅକ୍ଷୁଣ୍ଣ ରଖିବାକୁ ହେବ, ସେଥିରେ ବିପଦ ଆସିଲେ ସୁଦ୍ଧା ତାହା କାମ୍ୟ, ଏହା ସେ ମୁକ୍ତକଣ୍ଠରେ ପ୍ରକାଶ କରିଛନ୍ତି।

ଏପରି ଧାରଣା ପ୍ରକୃତରେ, ଗୋପୀନାଥଙ୍କ ଭାଷାରେ, ବିଂଶ ଶତାବ୍ଦୀର ଆଧୁନିକବାଦ, ଯାହା ଆଦର୍ଶ ଐକିକତାର ସ୍ୱାଧୀନ ସ୍ରୋତରେ ବିପ୍ଳବକୁ ବରିନେଇଛି ପନ୍ଥାକରି। ଏ ସେହି ଆତ୍ମନିର୍ଦ୍ଧାରଣ, ଯାହାର ମୋହ ଊନବିଂଶ ଶତାବ୍ଦୀର ସୃଷ୍ଟିବାଦୀମାନେ ବୁଝିପାରନ୍ତି ନାହିଁ। ଯାହାର କ୍ରମବିକାଶ ଏ ଯୁଗର ସାମାଜିକ ରାଜନୈତିକ ପ୍ରତ୍ୟେକ କ୍ଷେତ୍ରରେ ଆଣିଛି ବିପ୍ଳବ। ଯାହା ସନ୍ଦେହର ବାଣରେ ଅତୀତର ସବୁ ପ୍ରତିଷ୍ଠାନ, ସବୁ ସ୍ଥିତିମାନ ଧାରଣାକୁ ଜାଳିଦେଇ ମଣିଷକୁ କରିଦେଇଛି ରିକ୍ତ ଓ ମୁକ୍ତ; ଅଥଚ ସ୍ୱଧର୍ମ କାହାରି ଅନୁକରଣ ନୁହେଁ, ଏହା ଜଣେ ସ୍ୱାଧୀନଚେତାଙ୍କର ସ୍ୱାଧୀନ ଚିନ୍ତା। ଏଥିରେ ବଡ଼ମଣିଷ ନିଜେ ତାର ନିଜର ସ୍ୱାଧୀନ ଚିନ୍ତା, ତାର ନିଜର ସ୍ୱାଧୀନ ଗତିପଥରେ ସେ କୌଣସି ପ୍ରତିବନ୍ଧକ ମାନି ନେବାକୁ ପ୍ରସ୍ତୁତ ନୁହେଁ। ବାହାରୁ ଦେଖିବାକୁ ଗଲେ ଏହା ଏକ ପ୍ରକାର ନିରୀଶ୍ୱରବାଦ; କିନ୍ତୁ ଏହାର ପ୍ରତ୍ୟେକ କଣା ଈଶ୍ୱର-ରସରେ ସିକ୍ତ, କାରଣ ଏହା ଈଶ୍ୱରଙ୍କୁ ମନୁଷ୍ୟ ସହିତ ଅଭିନ୍ନ କରି ଦେଖୁଛି। ଭଗବାନଙ୍କ ପରିଚୟ ପାଇବା ଅର୍ଥ ନିଜର ପରିଚୟ ପାଇବା।

ପ୍ରସଙ୍ଗର ଅଧିକ ଆଲୋଚନା କରି ଗୋପୀନାଥ ମହାନ୍ତି କହନ୍ତି - ସାମ୍ପ୍ରଦାୟିକ ମତ ଧର୍ମ ନୁହେଁ ବା ସ୍ୱଧର୍ମ ନୁହେଁ। ଧର୍ମ ନୁହେଁ - କାରଣ ଭଗବାନ ଏକ; ତେଣୁ ଏତେପ୍ରକାର ଭଗବାନ ରହିବା ଅଯୌକ୍ତିକ। ସ୍ୱଧର୍ମ ନୁହେଁ - କାରଣ ପ୍ରତ୍ୟେକ ମନୁଷ୍ୟ ଅପର ପ୍ରତ୍ୟେକଠାରୁ ପୃଥକ। ମନୁଷ୍ୟେତର ଜୀବମାନଙ୍କର ସାମ୍ପ୍ରଦାୟିକ ସ୍ୱଧର୍ମ ଅଛି। ସେମାନଙ୍କ ସାମ୍ପ୍ରଦାୟିକ ସ୍ୱଧର୍ମ ସ୍ୱାଭାବିକ, ଈଶ୍ୱରଦତ୍ତ; କିନ୍ତୁ ମନୁଷ୍ୟର ସାମ୍ପ୍ରଦାୟିକ ସ୍ୱଧର୍ମ କୃତ୍ରିମ; ତେଣୁ ଧର୍ମ ନୁହେଁ। ଅତଏବ ସମ୍ପ୍ରଦାୟଗୁଡ଼ିକୁ ଅପରିବର୍ତ୍ତନୀୟ ବୋଲି ମାନିନେବା ମଧ୍ୟ ମୂର୍ଖତା। ସମ୍ପ୍ରଦାୟଗୁଡିକୁ ବିଧାତା ବୋଲି ମାନିନେବା ମଧ୍ୟ ମୂର୍ଖତା। ସମ୍ପ୍ରଦାୟଭୁକ୍ତ ହୋଇ ରହିବା ଭଲ ; କିନ୍ତୁ ସମ୍ପ୍ରଦାୟ ଭିତରେ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ରଖିବା ଉଚିତ। ସମସ୍ତଙ୍କୁ ସାମ୍ପ୍ରଦାୟିକ ବନ୍ଧନରେ ଆବଦ୍ଧ କରିବା ଅର୍ଥ ନିଜ ନିଜ ମତର ଅହମିକା ପ୍ରତିଷ୍ଠା କରିବା।

ଗୋପୀନାଥ ଏହି ପ୍ରସଙ୍ଗରେ ଅଧିକ ଆଲୋଚନା କରି କହିଥିଲେ - ସମ୍ପ୍ରଦାୟ

Digitized by srujanika@gmail.com

ଯେତେବେଳେ ଗଢ଼ା ହେଲା, କାହାପାଇଁ ଗଢ଼ାହେଲା ? ମନୁଷ୍ୟ ପାଇଁ ତ ? ଅତଏବ ବ୍ୟକ୍ତିପାଇଁ ସମ୍ପ୍ରଦାୟ, ସମ୍ପ୍ରଦାୟ ପାଇଁ ବ୍ୟକ୍ତିନୁହେଁ। ସାଧାରଣଙ୍କ ମଙ୍ଗଳ ପାଇଁ ଓ ପରସ୍ପରର ମଙ୍ଗଳ ପାଇଁ ଅନେକ ସମୟରେ ବ୍ୟକ୍ତିକୁ ସମ୍ପ୍ରଦାୟ ସହିତ ସାଲିସ୍ କରିବାକୁ ପଡ଼େ। ତା ନୋହିଲେ ଯେ ବ୍ୟକ୍ତିର ଅସ୍ତିତ୍ୱ ସନ୍ଦିହାନ ହେବ, ଏକଥା ମିଶ୍ର ମହାଶୟ ବୋଧହୁଏ ସ୍ୱୀକାର କରିବେ। କିନ୍ତୁ ଆମ୍ଭମାନଙ୍କର ମଧ୍ୟ ସ୍ୱୀକାର କରିବା ଉଚିତ୍ ଯେ ଯେତେବେଳେ ଏ ସାଲିସ୍‌ର ବୋଝ ବଳିପଡ଼େ, ଯେତେବେଳେ ଏ କୃତ୍ରିମ ସମ୍ପ୍ରଦାୟ ଧର୍ମ ବ୍ୟକ୍ତିଗତ ସ୍ୱାଧୀନତାକୁ ଧ୍ୱଂସକରେ, ସେତେବେଳେ ବ୍ୟକ୍ତିର ବିପ୍ଳବ କରିବା ଆବଶ୍ୟକ, ତାର ସ୍ୱାଧୀନତାକୁ ପ୍ରତିଷ୍ଠା କରିବା ପାଇଁ। କାରଣ ସମ୍ପ୍ରଦାୟଗୁଡ଼ିକର ଏ ଗୋଟିଏ ସାଧାରଣ ଦୋଷ। ହୁଏତ ଯୁଗ ପରମ୍ପରାର ନିରର୍ଥକ ସଂସ୍କାର, ନୋହିଲେ ବ୍ୟକ୍ତିବିଶେଷର ଅହମିକା ଅନେକ ସମୟରେ ସମ୍ପ୍ରଦାୟକୁ ନିୟନ୍ତିତ କରି ସମ୍ପ୍ରଦାୟଗତ ବ୍ୟକ୍ତିମାନଙ୍କର ସ୍ୱାତନ୍ତ୍ୟ ଅପହରଣ କରିଥାଏ। କେବଳ ଯାହା ନୋହିଲେ ନଚଳେ, ବ୍ୟବହାରରେ ଏହିପରି କେତେକ ସାଂପ୍ରଦାୟିକ ମତ ସହିତ ଚଳିଯାଇ ମୂଳରେ ପ୍ରତ୍ୟେକ ମନୁଷ୍ୟର ନିଜର ବ୍ୟକ୍ତିଗତ ସ୍ୱାଧୀନତା ବଜାୟ ରଖିବା ଉଚିତ୍। କିନ୍ତୁ ତହିଁରେ ସୁଦ୍ଧା ଆଦର୍ଶବାଦୀ ମିଶ୍ର ମହାଶୟଙ୍କର ମନରେ ଖର୍ବତା ଆସିବ। ତାଙ୍କ ମତରେ ସମ୍ପ୍ରଦାୟ ଗୌଣ ବ୍ୟକ୍ତି ମୁଖ୍ୟ; ତେଣୁ ସମ୍ପ୍ରଦାୟ ଏପରି ହେବା ଉଚିତ, ଯହିଁରେ ପ୍ରତ୍ୟେକ ମନୁଷ୍ୟର, ଈଶ୍ୱରଦତ୍ତ ବ୍ୟକ୍ତିଗତ ସ୍ୱାତନ୍ତ୍ୟ, ବ୍ୟକ୍ତିଗତ ସ୍ୱାଧୀନତା ଓ ବ୍ୟକ୍ତିଗତ କର୍ମଫଳ ଉପରେ ଆଘାତ ନ ଆସିବ। କାରଣ ତାହା ନୋହିଲେ ବାହାରକୁ ସମ୍ପ୍ରଦାୟ ଅକ୍ଷୁଣ୍ଣ ରହିଲେ ହେଁ ସାମ୍ପ୍ରଦାୟିକ ପ୍ରତି ପ୍ରତ୍ୟେକ ବ୍ୟକ୍ତି ଦାସ ହୋଇ ରହିବେ ଏବଂ ପ୍ରତ୍ୟେକ ବ୍ୟକ୍ତି ଅଶାନ୍ତି ଭୋଗିବେ। ସେପରି ସମ୍ପ୍ରଦାୟକୁ ସମ୍ମାନ କରିବା ତ ଦୂରର କଥା, ତାହା ସହିତ ସମ୍ପର୍କ ରଖିବା ମୂର୍ଖତା। ରୋମାଁ ରୋଲାଁଙ୍କ ଏହିପରି ଗୋଟିଏ କଥା ମନେପଡ଼େ-ପ୍ରତ୍ୟେକ ମନୁଷ୍ୟର ନିଜର ମନର କଥା କହିବାର ଅଧିକାର ଅଛି। ପ୍ରତ୍ୟେକ ଅପର ମନୁଷ୍ୟର ତାହାକୁ ସ୍ୱେଚ୍ଛା ପ୍ରଣୋଦିତ ହୋଇ ଆଘାତ କରିବାର ଅଧିକାର ଅଛି।

ବୈରାଗୀ ମିଶ୍ରଙ୍କର ୧୯୩୦ଦଶକରେ ଅନ୍ୟ ଏକ ଯୁକ୍ତିନିଷ୍ଠ ଆଲୋଚନା ଥିଲା ଧର୍ମ। ତାଙ୍କ ମତରେ ଧର୍ମ ବ୍ୟାଖ୍ୟା କରିବାର ବିଷୟ ନୁହେଁ କିମ୍ବା କାହାରିକୁ ବୁଝାଇ ଦେବାର ବିଷୟ ନୁହେଁ, ଏହା ନିଜର ସଦିଚ୍ଛା ଓ ଅନୁଭୂତିର ସାହାଯ୍ୟରେ ଉପଲବ୍ଧି କରିବାର ବିଷୟ। କିନ୍ତୁ ବୈରାଗୀ ବାବୁ ବ୍ୟକ୍ତିକୁ ସଦିଚ୍ଛା, ଅନୁଭୂତି ଓ ଉପଲବ୍ଧି ବିଷୟରେ ପ୍ରଥମେ ସୂଚନା ଦେଇଥିଲେ। କାରଣ ବ୍ୟକ୍ତି ଏ ତିନୋଟି

Digitized by srujanika@gmail.com

ବିଷୟର କିଛି ନଜାଣି କୌଣସି ବିଷୟର ସତ୍ୟାସତ୍ୟ ଓ ନ୍ୟାୟାନ୍ୟାୟ ବିଚାର କରିବାପାଇଁ ଧର୍ମଶାସ୍ତ୍ର କିମ୍ବା ବଡ଼ ବଡ଼ ମହାପୁରୁଷଙ୍କ ମତାମତ ଉପରେ ଅର୍ଥାତ୍ ଅନ୍ୟ ଉପରେ ନିର୍ଭର କରେ। ଅଧିକାଂଶ ସ୍ଥଳରେ ସତ୍ୟାସତ୍ୟର କୌଣସି ବିଚାର ନକରି ଗତାନୁଗତିକ ପନ୍ଥାର ଅନ୍ଧାନୁସରଣ କରେ। ଗୁରୁ, ପୁରୋହିତ, ବ୍ୟବସ୍ଥାଦାତା ପ୍ରଭୃତି ବ୍ୟବସାୟୀମାନଙ୍କ ଇଚ୍ଛାଉପରେ ସେ ନିର୍ଭର କରେ। ଏହା ସତ୍ୟାନୁସନ୍ଧାନରେ ସହାୟକ ହୋଇନପାରେ। ସଦିଚ୍ଛା ହେଉଛି ହୃଦୟର କର୍ମ, ଅନୁଭୂତି ମନର କର୍ମ। ସଦିଚ୍ଛା ଓ ଅନୁଭୂତି ସାହାଯ୍ୟରେ କୌଣସି ବିଷୟକୁ ସତ୍ୟରେ ପରିଣତ କରିବା କିମ୍ବା ନିଜର କରିବା କିମ୍ବା ଉପଲବ୍ଧି କରିବା ଆମର ନିଜର କର୍ମ। ସାଧକ ପକ୍ଷରେ ସଦିଚ୍ଛା ସର୍ବପ୍ରଥମ ଏବଂ ସର୍ବପ୍ରଧାନ କଥା। ମନୁଷ୍ୟର ସ୍ଥୂଳଦେହ କାମଦେହ ବା ହୃଦୟ ଏବଂ ମନୋମୟ ଦେହ ବା ମନ ଅଛି। ମନୁଷ୍ୟ ଏହି ତିନୋଟି ଦେହର ମାଲିକ ଏବଂ ଏମାନେ ସାହାଯ୍ୟଦାତା ବା ଚାକର। ଏମାନଙ୍କ ସହିତ ବ୍ୟକ୍ତିର ଘନିଷ୍ଠ ସମ୍ପର୍କ ଅଛି। ଏମାନଙ୍କ ସାହାଯ୍ୟରେ ଯାବତୀୟ କାର୍ଯ୍ୟ କରିବାକୁ ହୁଏ। ଯେଉଁ କର୍ମରେ ହୃଦୟ ଓ ମନର ସମ୍ବନ୍ଧନାହିଁ, ତାହା ଅକର୍ମ ବା ମିଥ୍ୟା। ହୃଦୟ ଓ ମନ ସହିତ ସମ୍ବନ୍ଧଶୂନ୍ୟ ଅତୀତର ଅନ୍ଧ ଅନୁସରଣ ମିଥ୍ୟା।

ତାଙ୍କ ମତରେ ଧର୍ମ ସମସ୍ତଙ୍କ ନିକଟରେ ସମାନ। ଧର୍ମ କଣ ତାହା ଉପଲବ୍ଧି କରିବାର ଆବଶ୍ୟକତା ଅନୁଭବ କଲେ ମନରୁ ସମସ୍ତ ପ୍ରକାର ପାଣ୍ଡିତ୍ୟ ବା ବଦ୍ଧମୂଳ ଜଟିଳ ଧାରଣା ଦୂର କରି ସରଳତାର ଆଶ୍ରୟ ନେବାକୁ ହେବ। ମନୁଷ୍ୟ ସୃଷ୍ଟ ଯାବତୀୟ କୃତିମ ବିଷୟ ସହିତ କୌଣସି ସମ୍ବନ୍ଧ ରଖିବାକୁ ହେବ ନାହିଁ। ମନୁଷ୍ୟ ପ୍ରଣିତ ବେଦ, ପୁରାଣ, କୋରାନ, ବାଇବେଲ ଆଦି ଧର୍ମଶାସ୍ତ୍ର ଏବଂ ମନୁଷ୍ୟ ସୃଷ୍ଟ ମନ୍ଦିର ମସ୍‌ଜିଦ୍, ଠାକୁର ଠାକୁରାଣୀ, ପୂଜା ବା କଳ୍ପନା ଉପରେ ବା ମିଥ୍ୟା ଉପରେ ନିର୍ଭର ନକରି ନିଜ ନିଜ ବୁଝିବା ଉପରେ, ଅନୁଭୂତି ଓ ବହୁଦର୍ଶିତା ଉପରେ ନିଜ ନିଜର ବ୍ୟକ୍ତିଗତ ସରଳ ସତ୍ୟ ଉପରେ ଭଗବାନଙ୍କ ସୃଷ୍ଟି କୌଶଳର ନିୟମ ଉପଲବ୍ଧି କରିପାରିଥିଲେ ସେହି ନିୟମ ଉପରେ ନିର୍ଭର କରି ଭଗବାନଙ୍କ ପ୍ରଦତ୍ତ ବିବେକ ଶକ୍ତିର ଏକମାତ୍ର ଆଶ୍ରୟ ନେଇ ଜୀବନଯାତ୍ରା ଆରମ୍ଭ କରିବାକୁ ହେବ-ଏହା ଥିଲା ତାଙ୍କର ହେତୁବାଦୀ ଚିନ୍ତାଧାରାର ପରିପ୍ରକାଶ। ତାଙ୍କମତରେ ଭଗବାନଙ୍କ ଉପରେ ସୁଦ୍ଧା ନିର୍ଭର କରିବା ଅନାବଶ୍ୟକ, କାରଣ ସ୍ୱୟଂ ଭଗବାନ ମଧ୍ୟ ସାଧକ ପକ୍ଷରେ କେବଳ କଳ୍ପନାର କଥା, ବିଶ୍ୱାସର କଥା, ବ୍ୟକ୍ତିଗତ ସତ୍ୟ ନୁହେଁ କି ଅନୁଭୂତିର କଥା ନୁହେଁ।

Digitized by srujanika@gmail.com

ଗଛଟି ଯେପରି ପ୍ରତିବର୍ଷ ପୁରୁଣା, ଶୁଖିଲା, ମଲା ଡାଳପତ୍ର ସବୁକୁ ନିର୍ମମ ଭାବରେ ପରିତ୍ୟାଗ କରେ, ପ୍ରତ୍ୟେକ ମନୁଷ୍ୟ ପ୍ରତ୍ୟେକ ଜାତି ସେହିପରି ବୈରାଗୀ ମିଶ୍ରଙ୍କ ମତାନୁସାରେ, ପ୍ରତିଦିନ ନୂଆ ନୂଆ ବିଷୟ ସଂଗ୍ରହ କରିବା ସଙ୍ଗେ ସଙ୍ଗେ ଅତୀତର ଅର୍ଥଶୂନ୍ୟ ଅନାବଶ୍ୟକ ମୃତ ବିଷୟସବୁକୁ ନିର୍ମମ ଭାବରେ ପରିତ୍ୟାଗ କରିବା ଉଚିତ। ତାଙ୍କର ନିମ୍ନୋକ୍ତ ଉକ୍ତିଟି ଏକାନ୍ତ ସ୍ମରଣୀୟ-

ଆଜିର ଶୁଖିଲା ଡାଳପତ୍ର ଦିନେ ଜୀବନ୍ତ ଥିଲା - ଦିନେ ସେହି ଗଛର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିଲା ବୋଲି ଆଜି ସେଥିପ୍ରତି ମମତା ରଖିବା ଯେପରି ଶ୍ରେୟସ୍କର ନୁହେଁ, ବରଂ କ୍ଷତିକାରକ; ଆଜିର ଅର୍ଥଶୂନ୍ୟ, ମୃତ ଦେଶାଚାର, କୁଳାଚାର, ଲୋକାଚାର ଇତ୍ୟାଦି ଦିନେ ଜୀବନ୍ତ ଥିଲା - ଦିନେ ସମାଜ ପକ୍ଷରେ ମଙ୍ଗଳ ପ୍ରଦ ହୋଇଥିଲା ବୋଲି ସେହିସବୁ ଅତୀତ ପ୍ରତି ମମତା କିମ୍ବା ଅତୀତର ଅନ୍ଧାନୁସରଣ କରିବା ଫଳରୁ ନିଜ ନିଜର ବର୍ତ୍ତମାନ କର୍ମକ୍ଷେତ୍ରରେ ଉଦାସୀନତା ଦେଖାଇବା, ଉପସ୍ଥିତ ଯୁଗର ସ୍ୱାଧୀନତା ପ୍ରିୟ, ସତ୍ୟପ୍ରିୟ, ମାନବସମାଜ ପକ୍ଷରେ କଦାଚ ଶ୍ରେୟସ୍କର ନୁହେଁ। ଆମ୍ଭମାନଙ୍କର ବର୍ତ୍ତମାନ କର୍ମକ୍ଷେତ୍ର ସେହି ଅତୀତ ବହୁଦର୍ଶିତା ଉପରେ ପ୍ରତିଷ୍ଠିତ। ତେଣୁ ଅତୀତ ସହିତ ସମ୍ବନ୍ଧ ରଖିବା ସମ୍ପୂର୍ଣ୍ଣ ଅନାବଶ୍ୟକ।

ଗୋଟିଏ ଗଛର ଉଦାହରଣ ଦେଇ ସେ କହିଥିଲେ-ଗଛଟି ଯେପରି ସ୍ୱାଭାବିକ ନିୟମରେ ବୃଦ୍ଧି ପାଇ ପାଇ ପରିଶେଷରେ ଫୁଲଫଳରେ ଜୀବନକୁ ସାର୍ଥକ କରେ, ନିଃସ୍ୱାର୍ଥ ହୋଇ ଅନ୍ୟକୁ ସୁଗନ୍ଧ ବିତରଣ କରେ-ଅନ୍ୟର କ୍ଷୁଧା ନିବାରଣ କରେ- ପ୍ରତ୍ୟେକ ମନୁଷ୍ୟ ସେହିପରି ପ୍ରତିଦିନ ନୂଆ ନୂଆ ବିଷୟ ଶିକ୍ଷାକରି - ନୂଆ ନୂଆ ବହୁଦର୍ଶିତା ସଂଗ୍ରହ କରି ପରିଶେଷରେ ଧର୍ମ କଣ ତାହା ଉପଲବ୍ଧି କରୁ-ଭଗବାନ କିଏ ତାହା ବୁଝିପାରୁ। ମାନବ ସମାଜର ଦୁଃଖ ଦୁରବସ୍ଥାର କାରଣ ଦୂରକରି, ଭଗବାନଙ୍କ ଇଚ୍ଛା ପୂରଣ କରୁ। ଜୀବନକୁ ସଫଳ କରୁ, ସୁନ୍ଦର କରୁ, ଓ ସାର୍ଥକ କରୁ - ଏହାହିଁ ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ପାଇଁ ଭଗବତ ନିର୍ଦ୍ଦିଷ୍ଟ ଏକମାତ୍ର ସହଜ ଓ ସରଳ ପଥ। ଏହି ସରଳ ସହଜ ପଥ ଅବଲମ୍ବନ କରିବାକୁ ବଳବତୀ ଇଚ୍ଛା, ବ୍ୟକ୍ତିଗତ ସରଳ ସତ୍ୟ ବା ସରଳତାର ଆଶ୍ରୟ ଆବଶ୍ୟକ।

ସେ କହନ୍ତି-ଇଚ୍ଛାର କିମ୍ବା ମନର ପ୍ରରୋଚନା-ବିବେକର ଆଦେଶ ନୁହେଁ। ବିବେକର ଆଦେଶ ଭଗବାନଙ୍କର ଆଦେଶ। ବିବେକାନୁମୋଦିତ କାର୍ଯ୍ୟ କରିବାରେ ନିର୍ଭୀକତାର ନାମ-ସ୍ୱଧର୍ମ। ଧର୍ମ ରାଜ୍ୟରେ ବ୍ୟକ୍ତିଗତ ପୂର୍ଣ୍ଣ ସ୍ୱାଧୀନତାର ନାମ ସ୍ୱଧର୍ମ। ଏହି ସ୍ୱଧର୍ମ ପାଳନ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତି କ୍ରମେ କ୍ରମେ ଧର୍ମ ଆଡ଼କୁ ବା ସତ୍ୟ ଆଡ଼କୁ ବା ଭଗବାନଙ୍କ ନିକଟକୁ ଅଗ୍ରସର ହୁଏ। ଏହିପରି ଅଗ୍ରସର ହେବାର

Digitized by srujanika@gmail.com

ନାମକୁ ସେ ଜୀବର କ୍ରମବିକାଶ ବୋଲି କହନ୍ତି। ଜୀବର ଏହି କ୍ରମବିକାଶ ଭଗବାନଙ୍କ ସୃଷ୍ଟିର ଏକମାତ୍ର କୌଶଳ। ଏହି କୌଶଳ କାର୍ଯ୍ୟକାରୀ କରିବା ପାଇଁ ଭଗବାନ ଯୋଡ଼ିଏ ପ୍ରଧାନ ନିୟମ ସୃଷ୍ଟି କରିଛନ୍ତି। ତାହା କର୍ମବାଦ ଓ ଜନ୍ମାନ୍ତର। ଭାରତର ମହାପୁରୁଷମାନେ ଗଭୀର ଚିନ୍ତା ଓ ଗବେଷଣା ଦ୍ୱାରା ଏହି ନିୟମ ଦୁଇଟି ଉଦ୍ଭାବନ କରିଛନ୍ତି। ପ୍ରତ୍ୟେକ ମାନବ ଦିନେ ସମସ୍ତ ପ୍ରକାର ବନ୍ଧନରୁ ମୁକ୍ତ ହୋଇ ସ୍ୱାଧୀନତାର ଆନନ୍ଦ ଉପଲବ୍ଧି କରିବେ ବୋଲି ସେ ମତବ୍ୟକ୍ତ କରିଥିଲେ। ନିଜକୁ ପରମପିତା ଭଗବାନଙ୍କର ସନ୍ତାନ ବୋଲି ସ୍ୱୀକାର କରି ଯୁଗର ବୃଥାଭିମାନରୁ ଉତ୍ପନ୍ନ ହିଂସା, ଈର୍ଷା, ଘୃଣା, ପରଶ୍ରୀକାତରତାପୂର୍ଣ୍ଣ ସଂସାରରେ ବିଶ୍ୱଭ୍ରାତୃତ୍ୱ ସ୍ଥାପନ କରାଯାଇ ପାରିବ, ଏହା ଥିଲା ତାଙ୍କର ସ୍ୱର।

ବିବେକ ଶକ୍ତିର ପରିଚୟ ପାଇବାକୁ ଯେଉଁମାନେ ନିଜକୁ ଅକ୍ଷମବୋଧ କରନ୍ତି, ସେମାନେ ଧର୍ମଶାସ୍ତ୍ରର ବ୍ୟବସ୍ଥାନୁସାରେ ଜୀବନ ଗଠନ କରିପାରିଲେ କରନ୍ତୁ, ଅତୀତର ଅନ୍ଧ ଅନୁସରଣ କରିପାରିଲେ କରନ୍ତୁ, ଇତଃସ୍ତତଃ ହୁଅନ୍ତୁ ନାହିଁ କିମ୍ବା ଦେଶାଚାର, କୁଳାଚାର, ଇତ୍ୟାଦି ନାମରେ ପ୍ରଚଳିତ ପ୍ରଥା ସବୁର ବିଶେଷତଃ ପ୍ରଚଳିତ ଅନିଷ୍ଟକାରୀ ପ୍ରଥା ସବୁର ଅନ୍ଧ ଅନୁସରଣ କରି ଯନ୍ତ୍ରଣା ବରଣ କରନ୍ତୁ ନାହିଁ ବୋଲି ସେ ଜଣାଇଥିଲେ। ସେମାନଙ୍କୁ ଛାଡି ଦେଲେ ଅନ୍ୟମାନେ ଭଗବାନ ପ୍ରଦତ୍ତ ବିବେକ ଚକ୍ଷୁ ଖୋଲିବା ଉଚିତ୍। ଧର୍ମଶାସ୍ତ୍ର ପ୍ରତ୍ୟେକ ସମାଜର ଚକ୍ଷୁ; ମାତ୍ର ବିବେକ ପ୍ରତ୍ୟେକ ବ୍ୟକ୍ତିର ଚକ୍ଷୁ। ଧର୍ମଶାସ୍ତ୍ରର ଆଦେଶ ମନୁଷ୍ୟର ଆଦେଶ, ବିବେକର ଆଦେଶ, ଭଗବାନଙ୍କର ଆଦେଶ। ସତ୍ୟର ପ୍ରତିଷ୍ଠା କରିବାକୁ ହେଲେ ସମସ୍ତ ପ୍ରକାର ଅନ୍ଧ ଅନୁସରଣ ବିରୁଦ୍ଧରେ ସଂଗ୍ରାମ କରିବାକୁ ହେବ-ଏହାକୁ ଗ୍ରହଣ କରିବା ପାଇଁ ବୈରାଗୀ ମିଶ୍ର ଗୀତାର ଶ୍ଳୋକ ଉଦ୍ଧାର କରିଥିଲେ -

"ତସ୍ମାତ୍ ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧୀ ଚ।"

"ନାରୀମଙ୍ଗଳ ସମିତିଦ୍ୱାରା ପ୍ରକାଶିତ ବୈରାଗୀ ମିଶ୍ରଙ୍କର **ଅନ୍ଧ ଅନୁସରଣ ଓ ଉପନୟନ**" ପୁସ୍ତିକା ସମାଜ ସଂସ୍କାର କ୍ଷେତ୍ରରେ ଏକ ଅନବଦ୍ୟ ଅବଦାନ। ଲେଖକ ଆରମ୍ଭରେ ସୂଚାଇଥିଲେ: ଅର୍ଥଶୂନ୍ୟ ପ୍ରାଣଶୂନ୍ୟ ପ୍ରଚଳିତ ପ୍ରଥାସବୁର ଅନ୍ଧ ଅନୁସରଣରେ ସମୟ ଓ ଅର୍ଥର ଅପବ୍ୟୟ କରି ଦାରିଦ୍ର୍ୟ ଦୁଃଖ ବରଣ କରନ୍ତୁ ନାହିଁ। ପଶୁତ୍ୱକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ, ପୁତ୍ର କନ୍ୟାଙ୍କୁ ଅନ୍ଧ କରନ୍ତୁ ନାହିଁ। ଅନ୍ଧ ଅନୁସରଣ ସ୍ୱଧର୍ମର ପ୍ରଧାନ ଅନ୍ତରାୟ-ଏକଥା ଭଲ କରି ବୁଝନ୍ତୁ। ଏହି ଉପଦେଶ ସଂସ୍କାରକ ବୈରାଗୀ ମିଶ୍ର ଜୀର୍ଣ୍ଣ ପରମ୍ପରାବଦ୍ଧ ସମାଜଆଡ଼କୁ ଦୃଷ୍ଟି ରଖି ପ୍ରକାଶ କରିଥିଲେ। ତାଙ୍କ ସମୟର ସମସ୍ତ ହିନ୍ଦୁଜାତିର ଦୁରବସ୍ଥାର କାରଣ ନିର୍ଦ୍ଦେଶ କରି ମିଶ୍ର କହିଥିଲେ-

Digitized by srujanika@gmail.com

ଏହାର କାରଣ ଅନ୍ଧତା, ଅମନୁଷ୍ୟତା ବା ବିବେକଶୂନ୍ୟତା। କି ବ୍ରାହ୍ମଣ, କି କରଣ, କୌଣସି ବ୍ୟକ୍ତିଙ୍କର କୌଣସି କାର୍ଯ୍ୟର ମୂଳରେ ସେହି ବ୍ୟକ୍ତିଙ୍କର ବିବେକ ବା ଯୁକ୍ତିଯୁକ୍ତ ବିଚାର ନାହିଁ। "ଅଧିକାଂଶ ଲୋକେ କରୁଅଛନ୍ତି," "ଅନେକ ଦିନରୁ ଚଳିଆସୁଛି" "ଆଜିକାଲି ଚଳିଗଲାଣି," ଏହିପରି କେତୋଟି କଥା ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରତ୍ୟେକ କାର୍ଯ୍ୟର ଏକମାତ୍ର କାରଣ। ସେ "ଏତେ ଲୋକଙ୍କ ବହୁକାଳର ଏହି ଅନ୍ଧତା ଦୋଷ ଦୂର ହେବା ଅସମ୍ଭବ" ପରି ଦୁର୍ବଳ ଭାବନା ପରିତ୍ୟାଗ କରିବାକୁ ଉପଦେଶ ଦେଇଥିଲେ। ଇତରଜାତିଙ୍କ ପରି ଦେଶାଚାର, ଲୋକାଚାର, କୁଳାଚାର ଇତ୍ୟାଦିର ଅନ୍ଧ ଅନୁସରଣ ସବୁକୁ ନିର୍ମମ ଭାବରେ ପରିତ୍ୟାଗ କରିବାକୁ ତାଙ୍କ ସମୟର ଲୋକମାନଙ୍କୁ ବାରମ୍ବାର ପ୍ରବର୍ତ୍ତାଇ ଥିଲେ। ସେଥିପାଇଁ ସେ ଲେଖିଥିଲେ - ନିଜର ବ୍ୟକ୍ତିଗତ ଜୀବନ ଗଠନ ପାଇଁ ଯାହା ପ୍ରକୃତରେ ମଙ୍ଗଳପ୍ରଦ ଏବଂ ପାରିବାରିକ ଜୀବନରେ ଯାହା ପ୍ରକୃତରେ ଆବଶ୍ୟକ ତାହା କାର୍ଯ୍ୟରେ ପରିଣତ କରନ୍ତୁ। ଏଥିପାଇଁ ଅଜ୍ଞ ଲୋକେ ଯାହା କହିବେ ତାହା ଧୈର୍ଯ୍ୟ ସହିତ ସହ୍ୟ କରନ୍ତୁ। ଲୋକଙ୍କ ଠାରୁ ବା ଏହି ଅନ୍ଧଙ୍କ ଠାରୁ ପ୍ରଶଂସା ପାଇବାର ଇଚ୍ଛା ଓ ନିନ୍ଦା ପାଇବାର ଭୟ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରନ୍ତୁ। ମୁଁ ଭଗବାନଙ୍କ ସନ୍ତାନ- ସତ୍ୟର ସନ୍ତାନ-ଅମୃତର ସନ୍ତାନ-ଜ୍ଞାନର ସନ୍ତାନ-ଆନନ୍ଦର ସନ୍ତାନ-ବେଦର ଏହି ସତ୍ୟକୁ ଜୀବନର ମୂଳଭିତ୍ତି କରି ନିଜର ଅନ୍ଧତା ଦୋଷ ଦୂରକରିବା ଅଭିପ୍ରାୟରେ ସିଂହ ବିକ୍ରମରେ କର୍ମକ୍ଷେତ୍ରରେ ଅଗ୍ରସର ହୁଅନ୍ତୁ। ମନୁଷ୍ୟୋଚିତ ନିର୍ଭୀକତା ଓ ସତ୍ସାହସ ସହିତ ଦୁର୍ଦ୍ଦଶାଗ୍ରସ୍ତ ଅନ୍ଧସମାଜର ଅଗ୍ରଣୀ ଓ ପଥପ୍ରଦର୍ଶକ ହେବାକୁ କର୍ତ୍ତବ୍ୟବୋଧ କଲେ ତାଙ୍କ ମତରେ ଅତି ଅଳ୍ପକାଳ ମଧ୍ୟରେ ଏହି ମୁମୂର୍ଷୁ ଜାତି ପୁନର୍ଜୀବନ ଲାଭ କରି ମନୁଷ୍ୟତାର ନିର୍ମଳ ଆନନ୍ଦ ଉପଭୋଗ କରିବ।

ବର୍ଣ୍ଣାଶ୍ରମଧର୍ମ ଓ ସନାତନଧର୍ମ ମଧ୍ୟରେ ସମ୍ବନ୍ଧ ବିଷୟରେ ଆଲୋଚନା କରି ବୈରାଗୀ ମିଶ୍ର ଏକ ସୁଚିନ୍ତିତ ମତ ଦେଇଥିଲେ। ତାଙ୍କମତରେ ପ୍ରତ୍ୟେକ ମନୁଷ୍ୟ ଜୀବର ବ୍ୟକ୍ତିଗତ ସତ୍ୟ ଉପରେ ପ୍ରତିଷ୍ଠିତ ଧର୍ମର ନାମ ବର୍ଣ୍ଣାଶ୍ରମ ଧର୍ମ ଏବଂ ସମସ୍ତ ମାନବ ସମାଜର ବିଶ୍ୱଜନୀନ ସତ୍ୟ ଉପରେ ପ୍ରତିଷ୍ଠିତ ଧର୍ମର ନାମ ସନାତନ ଧର୍ମ। ଜୀବ ଓ ଭଗବାନଙ୍କ ମଧ୍ୟରେ ଯେଉଁ ସମ୍ବନ୍ଧ, ସ୍ୱଧର୍ମ ଓ ଧର୍ମ ମଧ୍ୟରେ ଯେଉଁ ସମ୍ବନ୍ଧ, ବର୍ଣ୍ଣାଶ୍ରମ ଧର୍ମ ଓ ସନାତନ ଧର୍ମ ମଧ୍ୟରେ ସେହି ସମ୍ବନ୍ଧ। ଅନ୍ଧ ଅନୁସରଣକୁ ଧର୍ମ ଓ ସ୍ୱଧର୍ମ ମନେ କରିଥିବାରୁ ପ୍ରକୃତ ବୁଝିବା ସହିତ ଆମ୍ଭମାନଙ୍କର କୌଣସି ସମ୍ବନ୍ଧ ନାହିଁ ବୋଲି ସେ ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ନିଜ ନିଜର କ୍ରିୟାକଳାପକୁ ବା ଅନ୍ଧ ଅନୁସରଣକୁ ସମର୍ଥନ କରିବା ଅଭିପ୍ରାୟରେ କିମ୍ବା ପାଣ୍ଡିତ୍ୟ ଦେଖାଇବା

Digitized by srujanika@gmail.com

ଅଭିପ୍ରାୟରେ ଯେଉଁ ବୁଝିବା କଥାକୁ ଆମ୍ଭେମାନେ ବୁଝିବା ବୋଲି ମନେ କରିଅଛୁଁ, ସେପରି ବୁଝିବା ପ୍ରକୃତ ବୁଝିବା ନୁହେଁ। ଧର୍ମ ଓ ସ୍ୱଧର୍ମ ବୁଝିବାରେ କି ସଭ୍ୟ, କି ଅସଭ୍ୟ, କି ପୁରୁଷ, କି ସ୍ତ୍ରୀ ପ୍ରତ୍ୟେକ ବ୍ୟକ୍ତିଙ୍କର ସମାନ ଅଧିକାର ଅଛି।

କେବଳ ସଂସ୍କୃତ ପଢୁଆ ପଣ୍ଡିତମାନେ ବୁଝି କିଏ ବ୍ୟବସ୍ଥାଦାତା ହେବେ, କିଏ ଗୁରୁଗିରି, କିଏ ପୁରୋହିତଗିରି କରିବେ, ଆଉ ସମସ୍ତେ ତାଙ୍କରି କଥା ମାନି ମାଙ୍କଡ଼ ହୋଇ ରହିଥିବେ; ଏପରି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ବୋଲି ସେ ବିବେଚନା କରିଥିଲେ। କେବଳ ପୁରୁଷଜାତି ବୁଝିପାରିବେ ଏବଂ ସ୍ତ୍ରୀ ଜାତି ପୁରୁଷଜାତିର ଦାସୀ ଓ ଖେଳନା କଣ୍ଢେଇ ହୋଇ ରହିଥିବେ, ଏହା ମଧ୍ୟ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅନିଷ୍ଟପ୍ରଦ।

ଧର୍ମ ଓ ସ୍ୱଧର୍ମ ମଧ୍ୟରେ ସମ୍ବନ୍ଧକୁ ବିଚାର କରିବା ପାଇଁ ସେ ଗୀତାର ତୃତୀୟ ଅଧ୍ୟାୟ ୩୫ ଶ୍ଲୋକ ଏବଂ ଅଷ୍ଟାଦଶ ଅଧ୍ୟାୟ ୬୬ ଶ୍ଳୋକର ଉଦ୍ଧାର କରିଥିଲେ।

ପ୍ରଥମ ଶ୍ଲୋକ - ଶ୍ରେୟାନ୍ ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ ସ୍ୱନୁଷ୍ଠିତାତ୍
ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ

ଏହାର ଅର୍ଥ ବୈରାଗୀ ମିଶ୍ରଙ୍କ ଭାଷାରେ-ପ୍ରତ୍ୟେକ ବ୍ୟକ୍ତିର କ୍ରମବିକାଶ ପଥରେ ସ୍ୱଧର୍ମ ପାଳନ ଏକମାତ୍ର ଅବଲମ୍ବନ ଏବଂ ପରଧର୍ମର ଅନ୍ଧ ଅନୁସରଣ ଏକମାତ୍ର ଅନ୍ତରାୟ। ସେଥିପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଲେ, ଉତ୍ତମରୂପେ ଅନୁଷ୍ଠିତ ପରଧର୍ମର ଅନ୍ଧ ଅନୁସରଣ ଅପେକ୍ଷା ନିଜର ବିଗୁଣ ବା ଦୋଷଯୁକ୍ତ ସ୍ୱଧର୍ମର ପାଳନ ଶ୍ରେୟସ୍କର। ମାତ୍ର ପରଧର୍ମ ଭୟାବହ। ଆପଣା ବୁଦ୍ଧିରେ ଘାସ କାଟିବା ଭଲ, କିନ୍ତୁ ପରବୁଦ୍ଧିରେ ଘୋଡ଼ା ଚଢ଼ିବାକୁ ଇଚ୍ଛାକରିବା ଉଚିତ ନୁହେଁ।

ଦ୍ୱିତୀୟ ଶ୍ଲୋକ - ସର୍ବଧର୍ମାନ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମାଶୁଚଃ।

ଦ୍ୱିତୀୟ ଶ୍ଳୋକର ଅର୍ଥ - ମନୁଷ୍ୟ ସୃଷ୍ଟ ସବୁ ଧର୍ମର ଅନ୍ଧ ଅନୁସରଣ ପରିତ୍ୟାଗ କରି ଏକମାତ୍ର ମୋର ଶରଣ ନିଅ। ଅନ୍ଧ ଅନୁସରଣ ପରିତ୍ୟାଗ କଲେ କାଳେ ପାପ ହେବ, ଏଥିପାଇଁ ଦୁଃଖ ନ କର। ମୁଁ ତୁମ୍ଭକୁ ସବୁପାପରୁ ମୁକ୍ତ କରିବି। ବୈରାଗୀ ମିଶ୍ରଙ୍କ ମତରେ ସ୍ୱଧର୍ମ ଦୁଇ ପ୍ରକାର - ଜାତିଗତ ବା ସମଷ୍ଟିଗତ ସ୍ୱଧର୍ମ ଓ ବ୍ୟକ୍ତିଗତ ସ୍ୱଧର୍ମ। ଶିଶୁମାନଙ୍କ ପକ୍ଷରେ ତଥା ଅନୁନ୍ନତ ସମାଜ ପକ୍ଷରେ ଜାତିଗତ ସ୍ୱଧର୍ମ ଏବଂ ବୟସ୍କମାନଙ୍କ ପକ୍ଷରେ ତଥା ଉନ୍ନତ ମାନବସମାଜ ପକ୍ଷରେ ବ୍ୟକ୍ତିଗତ ସ୍ୱଧର୍ମ ପାଳନୀୟ। ବୈରାଗୀ ମିଶ୍ର ବ୍ୟକ୍ତିଗତ ସ୍ୱଧର୍ମ ବ୍ୟତିରେକେ ପରଧର୍ମ ସବୁର ଅନ୍ଧ

Digitized by srujanika@gmail.com

ଅନୁସରଣ ପରିତ୍ୟାଗ ନ କରି ସତ୍ୟ ସ୍ୱରୂପ ଏକମାତ୍ର ଭଗବାନଙ୍କ ଶରଣ ନେଇ ହେବ ନାହିଁ ବୋଲି ମତ ଉଲ୍ଲେଖ କରିଛନ୍ତି। ଭଗବତ ଗୀତା ଅଷ୍ଟାଦଶ ଅଧ୍ୟାୟ ୪୮ ଶ୍ଲୋକକୁ ଉଦ୍ଧାର କରି ସେ ଏ ପ୍ରସଙ୍ଗରେ ଲେଖିଥିଲେ - ନିଜ ନିଜର ସ୍ୱଭାବ ଅନୁସାରେ କର୍ମ କରିବାରେ କୌଣସି ପାପ ନାହିଁ। ନିଜର ସେହି ସ୍ୱଭାବ ନିୟତ କର୍ମ ବା ସ୍ୱଧର୍ମ ଦୋଷଯୁକ୍ତ ହେଲେ ମଧ୍ୟ ତାହା ପରିତ୍ୟାଗ କରିବା ଉଚିତ ନୁହେଁ। ଏକ ଉଦାହରଣ ଦେଇ ସେ କହିଥିଲେ - କଂସେଇ ସ୍ୱଭାବର ଲୋକ ପକ୍ଷରେ ଜୀବହିଂସା ସ୍ୱଧର୍ମ, କାରଣ ତାହା ତା ପକ୍ଷରେ ସ୍ୱାଭାବିକ। ମାତ୍ର ବାପ ଅଜାଙ୍କ କାର୍ଯ୍ୟର ଅନ୍ଧ ଅନୁସରଣ ଫଳରେ ଗୋରୁ ମାରିବା ପରଧର୍ମ ଓ ଅନିଷ୍ଟପ୍ରଦ। କୌଣସି ବିଷୟରେ ନିଜେ ବୁଝି ତଦନୁସାରେ କାର୍ଯ୍ୟ କରିବାର ନାମ ସ୍ୱଧର୍ମ। ବ୍ରାହ୍ମଣ ସ୍ୱଭାବର ଲୋକଙ୍କ ପକ୍ଷରେ ଆଖିବୁଜି ଆତ୍ମଚିନ୍ତା କରିବା ସ୍ୱଧର୍ମ। କିନ୍ତୁ ଶାସ୍ତ୍ରରେ ଲେଖାଅଛି ବୋଲି କିମ୍ବା ବାପ ଅଜା ଆଖିବୁଜି ବସୁଥିଲେ ବୋଲି ସେହି ବାପ ଅଜାଙ୍କ କାର୍ଯ୍ୟର ଅନ୍ଧ ଅନୁସରଣ କରି ଆଖି ବୁଜି ନାକ କାନ ଛୁଇଁ ସମୟ ଓ ଅର୍ଥର ଅପବ୍ୟୟ କରିବାର ନାମ ପରଧର୍ମ।

ଶୂଦ୍ର ଓ ଦ୍ୱିଜ ମଧ୍ୟରେ ପାର୍ଥକ୍ୟର ଆଲୋଚନା ବୈରାଗୀ ମିଶ୍ରଙ୍କର ଯୁକ୍ତିନିଷ୍ଠ ବିବରଣୀର ଏକ ଅବିସ୍ମରଣୀୟ ଅଙ୍ଗ। ବର୍ଣ୍ଣାଶ୍ରମ ଧର୍ମର ବ୍ୟବସ୍ଥା ଅନୁସାରେ ସମସ୍ତ ମାନବସମାଜ ଶୂଦ୍ର ଓ ଦ୍ୱିଜ ଏହି ଦୁଇଭାଗରେ ବିଭକ୍ତ। କେଉଁ କେଉଁ ଜାତି ଶୂଦ୍ର ଓ କେଉଁ କେଉଁ ଜାତି ଦ୍ୱିଜ, ଏକଥା ବର୍ଣ୍ଣାଶ୍ରମ ଧର୍ମର କୌଣସି କୌଣସି ଗ୍ରନ୍ଥରେ ଲେଖା ନାହିଁ ବୋଲି ବୈରାଗୀ ମିଶ୍ର ସ୍ପଷ୍ଟଭାବରେ ଲେଖିଯାଇଛନ୍ତି। ତାଙ୍କ ମତରେ କଂସେଇ, ପାଣ, ହାଡ଼ି ଇତ୍ୟାଦି ଜାତିର ଲୋକଙ୍କୁ ଏବଂ ପାହାଡ଼ିଆ ଅନାର୍ଯ୍ୟମାନଙ୍କୁ ଶୂଦ୍ର ନାମରେ ଗ୍ରହଣ କରାଯାଇପାରେ। ଏତଦ୍‌ବ୍ୟତୀତ ଅନ୍ୟ ଜାତିକୁ ସେ ଦ୍ୱିଜ ବୋଲି ଗ୍ରହଣ କରନ୍ତି।

ଦ୍ୱିଜର ଅର୍ଥ - ଯାହାର ଦୁଇଥର ଜନ୍ମ। ପ୍ରଥମଥର ମାତୃଗର୍ଭରୁ ଦେହ ଭାବରେ ଜନ୍ମ। ଦ୍ୱିତୀୟବାର ପ୍ରକୃତି ଗର୍ଭରୁ ଭଗବାନଙ୍କ ସନ୍ତାନ ଭାବରେ ବା ଜୀବଭାବରେ ଜନ୍ମ। ଏହି ଦ୍ୱିତୀୟବାର ଜନ୍ମ ହେବାର ନାମ ଦ୍ୱିଜତ୍ୱ। ଏହି ସ୍ଥୁଳଦେହ (କାମଦେହ, ମନୋମୟ ଦେହ) ବାପର ସନ୍ତାନ। ମାତ୍ର ଜୀବ ବା ପ୍ରକୃତ ମନୁଷ୍ୟ ସେହି ଏକ ଭଗବାନଙ୍କର ସନ୍ତାନ। ଏକଥା ଯେଉଁ ଅବସ୍ଥାରେ ମନୁଷ୍ୟ ଅନୁଭବ କରେ ସେହି ଅବସ୍ଥାର ନାମ ଦ୍ୱିଜତ୍ୱ ବା ଜୀବର ପ୍ରକୃତ ବ୍ୟକ୍ତିତ୍ୱ। ଏହାହିଁ ପ୍ରକୃତ ମନୁଷ୍ୟର ଧର୍ମ ଜୀବନର ମୂଳଭିତ୍ତି, ବର୍ଣ୍ଣାଶ୍ରମ ଧର୍ମର ମୂଳକଥା ଏବଂ ଭାରତର ବିଶେଷତ୍ୱ। ବୈରାଗୀ ମିଶ୍ରଙ୍କ ଭାଷାରେ-"ଯେଉଁ ଦିନୁ ଭାରତର ଲୋକେ ଏହି ଦ୍ୱିଜତ୍ୱ ହରାଇ ବସିଲେ ସେହିଦିନୁ ଭାରତର ଅଧୋଗତି ଆରମ୍ଭ ହେଲା। ଆଜି ଭାରତର ଲୋକେ ସମସ୍ତ ଶୂଦ୍ର, ଏକଥା କହିଲେ ଅତ୍ୟୁକ୍ତି ହେବନାହିଁ।" (ଅନ୍ଧ

Digitized by srujanika@gmail.com

ଅନୁସରଣ ଓ ଉପନୟନ, ନାରୀମଙ୍ଗଳ ସମିତି, କଟକ, ୧୯୪୧) ଜୀବର ବ୍ୟକ୍ତିତ୍ୱ, ଜୀବର କ୍ରମବିକାଶ, ସହିତ ବର୍ଣ୍ଣାଶ୍ରମ ଧର୍ମର ସମ୍ବନ୍ଧ ଯେଉଁମାନେ ବୁଝିବାକୁ ଅକ୍ଷମ ସେମାନେ ଶୂଦ୍ର - ଏହା ଏକ ଚମତ୍କାର ବିଶ୍ଳେଷଣ। ଦ୍ୱିଜ ବା ଉଚ୍ଚଜାତୀୟ ଲୋକମାନଙ୍କୁ ବ୍ରାହ୍ମଣ କ୍ଷତ୍ରିୟ, ବୈଶ୍ୟ ଏହି ତିନି ଶ୍ରେଣୀରେ କାହିଁକି ବିଭକ୍ତ କରାଗଲା ତାହା ବୁଝାଇବାକୁ ଯାଇ ସେ ଗୀତାରୁ ଶ୍ଳୋକଟିଏ ଉଦ୍ଧାର କରିଛନ୍ତି -

ବ୍ରାହ୍ମଣୋ ଅସ୍ୟ ମୁଖମାସିଦ୍ ବାହୂ ରାଜନ୍ୟଃ କୃତଃ
ଉରୁତଦସ୍ୟ ଯତ୍ ବୈଶ୍ୟଃ ପଦ୍ ଭ୍ୟାଗୁଁ ଶୂଦ୍ରୋ ଅଜାୟତ।

ଏହି ମନ୍ତ୍ରଟି ବୁଝିବାକୁ ଗଲେ ବେଦର ଗୋଟିଏ ବିଶେଷ କଥା ବୁଝିବା ଆବଶ୍ୟକ। ତାହା ହେଉଛି - "ଏକୋଽହଂ ବହୁସ୍ୟାମ୍" - ଅର୍ଥାତ୍ ମୁ ଜଣେ ଅଛି- ମୁଁ ବହୁତ ହେବି-ଏହି କଥାଟି କହି ଭଗବାନ୍ ଜୀବ ସୃଷ୍ଟି ଆରମ୍ଭ କରିଥିଲେ। ବେଦର ଏହି ସତ୍ୟ ଅନୁସାରେ ଆଚାଣ୍ଡାଳ ବ୍ରାହ୍ମଣ ପ୍ରତ୍ୟେକ ଜୀବ ସେହି ଏକ ଭଗବାନଙ୍କର ଅଂଶ ବା ପରମପିତା ଭଗବାନଙ୍କ ସନ୍ତାନ। ତେଣୁ ଜୀବସୃଷ୍ଟିର ପ୍ରତ୍ୟେକଜୀବ ପରସ୍ପର ସହିତ ଭ୍ରାତୃପ୍ରେମରେ ଆବଦ୍ଧ। ବୈରାଗୀ ମିଶ୍ର ବେଦର ଏହି ସତ୍ୟକୁ ଗ୍ରହଣ କରି ଜୀବର ପୂଜା ପ୍ରକୃତ ଭଗବାନଙ୍କର ପୂଜା, ଜୀବର ପୂଜା ବା ଜୀବର ପ୍ରକୃତ ମଙ୍ଗଳ ବା ଜୀବର କ୍ରମବିକାଶ ପ୍ରତି ଉଦାସୀନ ରହି କଳ୍ପନା ଉପରେ ପ୍ରତିଷ୍ଠିତ ଭଗବାନଙ୍କର ପୂଜା, ଆରାଧନା, ପ୍ରାର୍ଥନା ଇତ୍ୟାଦି ନିଷ୍ପ୍ରୟୋଜନ ବୋଲି କହିଥିଲେ। ଏହି ସତ୍ୟ ଅନୁସାରେ ସମସ୍ତ ଜୀବ ସୃଷ୍ଟିର ନାମ ବିରାଟ ପୁରୁଷ - ଭଗବାନ। ବ୍ରାହ୍ମଣ ସେହି ବିରାଟ ପୁରୁଷଙ୍କର ମୁଖସ୍ୱରୂପ। କ୍ଷତ୍ରିୟ ବାହୁସ୍ୱରୂପ, ବୈଶ୍ୟ ଉରୁ ସ୍ୱରୂପ ଏବଂ ଶୂଦ୍ର ପାଦସ୍ୱରୂପ। ଦ୍ୱିଜମାନଙ୍କ ପକ୍ଷରେ ଶୂଦ୍ରର ପୂଜା କରିବା ଓ ଭଗବାନଙ୍କ ପାଦପୂଜା କରିବା ଏକ କଥା। ଏହିପରି ଯୁକ୍ତିନିଷ୍ଠ ଆଲୋଚନା ଖୁବ କମ୍ ସଂସ୍କାରକଙ୍କ ଠାରୁ ଆଶା କରାଯାଇପାରେ।

ବୈରାଗୀ ମିଶ୍ର ଜନ୍ମାନ୍ତର ଓ କର୍ମର ନିୟମ ଉପରେ ଖୁବ୍ ଗୁରୁତ୍ୱ ଦେଇଥିଲେ। ବୃଦ୍ଧ ଦିନେ ଶିଶୁ ଥିଲା ଓ ଶିଶୁ ଦିନେ ବୃଦ୍ଧ ହେବ। ସେହିପରି ଯେଉଁ ବ୍ୟକ୍ତି ବ୍ରାହ୍ମଣ ନାମରେ ପରିଚିତ, ସେହିବ୍ୟକ୍ତି ଦିନେ ଶୂଦ୍ର ଜାତିରେ, କଂସେଇ ଘରେ ବା ହାଡ଼ିଘରେ ଜନ୍ମଗ୍ରହଣ କରିଥିଲେ ଏବଂ ଯେଉଁ ବ୍ୟକ୍ତି ଶୂଦ୍ର ବୋଲି ଘୃଣ୍ୟ, ସେ ଦିନେ ବ୍ରାହ୍ମଣ ଗୃହରେ ଜନ୍ମଗ୍ରହଣ କରିବେ। ସେହି ଦୃଷ୍ଟିକୋଣରୁ ବିଚାର କରି ସଂସ୍କାରକ ମିଶ୍ର ବର୍ଣ୍ଣାଶ୍ରମ ଧର୍ମରେ ଲିଖିତ ଜାତିଗତ ପାର୍ଥକ୍ୟ ବୁଝିବା ପାଇଁ ଜନ୍ମାନ୍ତର ଓ କର୍ମର ନିୟମ ଉପରେ ଗୁରୁତ୍ୱ ଦେଇଥିଲେ।

Digitized by srujanika@gmail.com

ଜନ୍ମାନ୍ତର ଓ କର୍ମର ନିୟମ ଉପରେ ସମସ୍ତ ଜୀବସୃଷ୍ଟି ପ୍ରତିଷ୍ଠିତ। ଜାତିଗତ ପାର୍ଥକ୍ୟ ପ୍ରକୃତରେ ବ୍ୟକ୍ତିଗତ ପାର୍ଥକ୍ୟ। ପ୍ରତ୍ୟେକ ବ୍ୟକ୍ତିର ଭିନ୍ନ ଭିନ୍ନ ଅବସ୍ଥାକୁ ମଧ୍ୟ ଶୂଦ୍ରତ୍ୱ ଓ ଦ୍ୱିଜତ୍ୱ ଏହି ଦୁଇଭାଗରେ ବିଭକ୍ତ କରାଯାଇଛି। ବ୍ୟକ୍ତିଗତ ଅବସ୍ଥାର ପାର୍ଥକ୍ୟ ବୁଝିବା ପାଇଁ ସେ ନିମ୍ନୋକ୍ତ ଶ୍ଳୋକଟିକୁ ଉଦ୍ଧାର କରିଛନ୍ତି -

ଜନ୍ମନା ଜାୟତେ ଶୂଦ୍ରଃ ସଂସ୍କାରାତ୍ ଦ୍ୱିଜ ଉଚ୍ୟତେ,
ବେଦାଭ୍ୟାସାତ୍ ଭବେତ୍ ବିପ୍ରଃ ବ୍ରହ୍ମ ଜାନାତି ବ୍ରାହ୍ମଣଃ।

ଏହାର ଅର୍ଥ - ଜାତିଗତ ଭାବରେ ପ୍ରତ୍ୟେକ ମନୁଷ୍ୟ ଯେପରି ପ୍ରଥମେ ଶୂଦ୍ର ହୋଇ ଜନ୍ମଗ୍ରହଣ କରେ, ବ୍ୟକ୍ତିଗତ ଭାବରେ ପ୍ରତ୍ୟେକ ଶିଶୁ ସେହିପରି ଶୂଦ୍ର ବା ଦେହସର୍ବସ୍ୱ ହୋଇ ଜନ୍ମ ହୁଏ। ସଂସ୍କାର ଅନୁସାରେ ବା ପ୍ରକୃତ ଶିକ୍ଷାଲାଭ କରି ସେହି ଶୂଦ୍ର ବା ଶିଶୁ ପରେ ଦ୍ୱିଜତ୍ୱ ଲାଭକରେ।

ଗୃହସ୍ଥାଶ୍ରମ ସର୍ବଶ୍ରେଷ୍ଠ ଆଶ୍ରମ। ସେଥିସକାଶେ ବର୍ଣ୍ଣାଶ୍ରମ ଧର୍ମରେ ବ୍ୟବସ୍ଥା ରହିଲା "ସସ୍ତ୍ରୀକୋ ଧର୍ମମାଚରେତ୍" ଅର୍ଥାତ୍ ସସ୍ତ୍ରୀକ ହୋଇ ଧର୍ମକାର୍ଯ୍ୟ କରିବା ଆବଶ୍ୟକ। ଏହି କଥାର ପ୍ରକୃତ ଅର୍ଥ ନ ବୁଝି ଅନ୍ଧତାର ବଶବର୍ତ୍ତୀ ହୋଇ କିମ୍ବା ଛଳନାରେ ପଣ୍ଡିତମାନେ ତିନି ତିନି ଥର ବିବାହ କରି ମୃତ୍ୟୁ ପର୍ଯ୍ୟନ୍ତ ଗୃହସ୍ଥାଶ୍ରମରେ ରହିଲେ। ଏପରି ପଦ୍ଧତିକୁ ସମାଲୋଚନା କରି ସଂସ୍କାରକ ମିଶ୍ର ବାନପ୍ରସ୍ଥ ଓ ସନ୍ୟାସକୁ କଠିନ ହେବାରୁ କିପରି ସମାଜରୁ ଲୋପପାଇଲା ତାହା ସୂଚାଇଛନ୍ତି।ତାଙ୍କ ମତରେ ବାନପ୍ରସ୍ଥ ଓ ସନ୍ୟାସାଶ୍ରମ ରହିଲା ଭଣ୍ଡ ପ୍ରତାରକମାନଙ୍କ ବେଶରେ, ବର୍ଣ୍ଣାଶ୍ରମ ଧର୍ମ ରହିଲା କେତେ ଗୁଡ଼ିଏ ଅର୍ଥଶୂନ୍ୟ ମନ୍ତ୍ର ଉଚ୍ଚାରଣରେ, ବାଧ୍ୟତାମୂଳକ କଠୋର ବ୍ରହ୍ମଚର୍ଯ୍ୟ ରହିଲା ବିବାହକାମୀ ଯୁବତୀ ବିଧବାମାନଙ୍କ ପାଇଁ ଓ ସ୍ୱାମୀସମ୍ବନ୍ଧଶୂନ୍ୟ ନାବାଳିକା କନ୍ୟାଟିମାନଙ୍କ ପାଇଁ ଏବଂ ଉପନୟନ ସଂସ୍କାର ରହିଲା ଗୋଟିଏ ପ୍ରହସନର ଅଭିନୟରେ। ସଂକ୍ଷେପରେ ସେ କହିଥିଲେ - ବ୍ରହ୍ମଚର୍ଯ୍ୟାଶ୍ରମରେ ଦ୍ୱିଜତ୍ୱ ଲାଭକରି ଗୃହସ୍ଥାଶ୍ରମ ଓ ବାନପ୍ରସ୍ଥ ମଧ୍ୟଦେଇ ସନ୍ୟାସାଶ୍ରମ ବା ମନୁଷ୍ୟତା ଆଡକୁ ଅଗ୍ରସର ହେବା କଠିନ ହେଲା, ସହଜ ହେଲା - କେବଳ ମାଙ୍କଡ଼ ପରି ଅନୁକରଣ କରିବା ଓ ଅନ୍ଧ ଅନୁସରଣ କରିବା। ତାଙ୍କ ଆଲୋଚନାର ଶେଷରେ ସେ ଆଧୁନିକ ଦ୍ୱିଜସମାଜର ଜଣେ ବ୍ୟକ୍ତିଙ୍କ ମନରେ ଆଜିକାଲି ପ୍ରଚଳିତ ଅନ୍ଧ ଅଭିନୟ ପ୍ରତି ବିତୃଷ୍ଣା ଏହି ସନ୍ଦର୍ଭ ପାଠ କରି ଯଦି ଆସେ ଏବଂ ତାହା ଫଳରେ ସେ ଆପଣାର ବିବେକାନୁମୋଦିତ କର୍ମାଚରଣ କରି ଓ ନିନ୍ଦାସ୍ତୁତିକୁ ଭ୍ରୂକ୍ଷେପ ନକରି ସତ୍ସାହସ ସହିତ କର୍ମକ୍ଷେତ୍ରରେ ଅଗ୍ରସର ହୁଅନ୍ତି; ତେବେ ତାଙ୍କର ପରିଶ୍ରମ ସାର୍ଥକ ହେବ ବୋଲି ମତ ଦେଇଥିଲେ। ***

Digitized by srujanika@gmail.com

।। ୪ ।।

ନାରୀମଙ୍ଗଳ ସମିତି ମାଧ୍ୟମରେ ବୈରାଗୀ ମିଶ୍ର ବିବାହ ଉପରେ ବହୁ ଆଲୋଚନା ପ୍ରକାଶ କରିଥିଲେ। ତତ୍କାଳୀନ ପାରିବାରିକ ଜୀବନରେ ବିବାହ ଏତେ ଗୁରୁତ୍ୱପୂର୍ଣ୍ଣ ଥିଲା ଯେ ମିଶ୍ର ମହାଶୟ ଏହି ପ୍ରସଙ୍ଗରେ ବିସ୍ତାରିତ ଚର୍ଚ୍ଚା କରିଥିଲେ। ସେଥିପାଇଁ ୧୯୩୦ ରୁ ୧୯୫୦ ମଧ୍ୟରେ ବିଧବା ବିବାହ, ଅପକୃତ ବିଧବାର ପ୍ରକୃତ ବିବାହ, ବିବରା ବିବାହ, ବିବାହ, ପୁନର୍ବିବାହ ଏବଂ ବାଳବିଧବା ବିବାହ - ଏହିପରି କେତେକ ବିଶ୍ଳେଷଣାତ୍ମକ ପୁସ୍ତିକା ପ୍ରକାଶ କରିଥିଲେ। ସେହିସବୁ ପୁସ୍ତିକା ଓଡ଼ିଶାରେ ଘରେ ଘରେ ପ୍ରବେଶ କରିଥିଲା। ୧୯୪୦ ଦଶକରେ ସଂସ୍କାରକ ମିଶ୍ର ନାରୀମଙ୍ଗଳ ସମିତି ସହିତ ବିଶ୍ୱକଲ୍ୟାଣ ସମିତି ସହିତ ସଂଶ୍ଳିଷ୍ଟ ଥିଲେ। ବିଶ୍ୱକଲ୍ୟାଣ ସମିତି ମାଧ୍ୟମରେ ସମାଜର ଅନ୍ୟାନ୍ୟ ସଂସ୍କାର ପାଇଁ ସେ ଆଗେଇ ଯାଇଥିଲେ। ଏହାଥିଲା ତାଙ୍କର ସଂସ୍କାରକ ଜୀବନର ଦ୍ୱିତୀୟ ମଞ୍ଚ। ଏହି ପର୍ଯ୍ୟାୟରେ ସେ ଭଗବତ୍ ଗୀତାର ବିଚାର ଆଲୋଚନା ଜଣେ ସଂସ୍କାରକ ଦୃଷ୍ଟିକୋଣରୁ ଲେଖି ପ୍ରକାଶ କରିଥିଲେ।

ସେ ଗୀତାର ସାରକଥା, ଗୀତା ବୁଝିବାର ଏକମାତ୍ର ପ୍ରଣାଳୀ, ସଙ୍କରରୁ ବର୍ଣ୍ଣସଙ୍କର, ସିକ୍ରେଟସ୍ ଅଫ୍ ଦି ଗୀତା, ଗୀତା ପରିଚୟ, ଗୀତାର ଗୁହ୍ୟକଥା ଓ ଗୀତା ଅନୁବାଦ ପ୍ରଭୃତି ପୁସ୍ତିକା ଲେଖି ପ୍ରକାଶ କରିଥିଲେ। ବିଶ୍ୱକଲ୍ୟାଣ ସମିତି ମାଧ୍ୟମରେ ସେ ଗାୟତ୍ରୀତତ୍ତ୍ୱ, ପ୍ରତିଜ୍ଞାପତ୍ରର ବିଶ୍ଳେଷଣ, ଭଗବାନ ଓ ଭବିଷ୍ୟତ, ଆଦର୍ଶ ଉପବୀତ ଗ୍ରହଣ, ଫଳିତ ଜ୍ୟୋତିଷ ଓ ମିଥ୍ୟା ପ୍ରଚାର, ବ୍ୟକ୍ତି ଓ ସମାଜ ପରି ସଂସ୍କାରଧର୍ମୀ ପୁସ୍ତିକା ଲେଖି ପ୍ରସାର କରିଥିଲେ। ଏ ଦୃଷ୍ଟିରୁ ବିଶ୍ୱକଲ୍ୟାଣ ସମିତିର ଗଠନ ସମ୍ପର୍କରେ ପ୍ରଥମେ ଆଲୋଚନା କରାଯାଇପାରେ। ଏହି ସମିତି ଗଠନ ସମ୍ପର୍କରେ ସେ ଏକ ଇଂରାଜୀ ପୁସ୍ତିକା ପ୍ରକାଶ କରିଥିଲେ। ତାହା ନିମ୍ନରେ ଉଦ୍ଧାର କରାଯାଇଛି। – The word samiti has been so much misused and corrupted and the existing innumerable Samities have brought so much confusion and misery to the world that one will be naturally unwilling to hear again the name of a Samiti. The sense in which I use this term is quite different from what you mean and this you will come to know later on. Let us first understand the significance of the term Vishwakalyana which is of primary importance. We have long been talking about and

Digitized by srujanika@gmail.com

hearing the terms - Universal love, Universal brotherhood, World peace and so on. But instead of establishing any of these, have we not brought about universal hatred, universal envy, universal wars and so on which are just the opposites of these terms ? In the midst of all these opposites which we see every where in the present world is it possible to establish Vishwakalyana or to bring peace and happiness to the whole world ? The plain answer from almost all of you will surely be "No" and you will therefore rightly say why shall I bother about such a vague thing like Vishwakalyana instead of trying to bring my own Kalyana? Before I give you an answer let me ask you one question more. Are you not ever trying your best to bring your own Kalyana ? But have you succeeded in doing so ? Do not you see that the dog of the magistrate saheb is living more peacefully and happily than the magistrate ? you may say that the magistrate has the happiness of being proud of his possessions and power over others which his dog has not. Is it then the peace and happiness of a dog or of a magistrate which you are ever trying to have ? The peace and happiness meant for a man is certainly quite different from and much higher than that of a dog or of a magistrate. Let me now ask you again - Inspite of your constant effort do you live peacefully and happily as a man ? certainly not. This is because you donot know that your own Kalyana and Vishwakalyana are so inter related that without the one you cannot get the other. Without the thought of good will for all, in all your actions, you cannot bring your own Kalyana and without the thought of your own Kalyana you cannot bring Vishwakalyana. you donot therefore know the way in which you are to think and act so that you can bring your own kalyana which is not separate from Vishwakalyana. I will therefore not only tell you the way in which you are to think and act but will also show the simple and direct way to your own Kalyana through Vishwakalyana and also to Vishwakalyana through your own Kalyana. But I regret to say that to hear from me will be a very difficult task for you, because I am not even a learned personage whom you are long accustomed to hear. In hearing from them you are not required to verify the truth of what they say. You know that they will think for you and even work for you and you can very easily get your Kalyana by following and obeying them and even merely by copying them. But in hearing from me you will have to verify the truth of what I say, to think independently for yourself and to act according to your own decision. This is certainly a troublesome and difficult task for you. However, I must tell you only a few wards as I am impelled to do it.

The word "Vishwa" means the whole world and "Kalyana" means real good. Viswa Kalyana, therefore, means real good of the whole

Digitized by srujanika@gmail.com

world. But the whole world is beyond your conception and to bring real good to the whole world is beyond your capacity. So Vishwa kalyana as you understand or misunderstand the term has practically no meaning at all. It will not be out of place to say that the freedom or Kalyana of a country or of a nation has practically no meaning at all if it does not mean the freedom or Kalyana of each individual of the country or nation. By the term Vishwa Kalyana, I therefore mean the Kalyana of each individual of the whole world and because you are an individual of the world by Vishwa Kalyana, I mean your own Kalyana. But I regret to say that you refuse to be an individual of the world. On the other hand you claim to be an individual of your sect, your country, your own province, your own caste, your own belief and your innumerable "isms" and narrow divisions created by you. So long you remain divided in this way and keep yourself separated from the whole mankind no Guru, no leader, no Government and even no God can give you your own Kalyana, because you are not worthy of it. The moment you break down these narrow divisions created by you and live in this Undivided World as one with the whole mankind your own Kalyana will naturally come to you. Vishwa Kalyana is, therefore not a problem of the whole world. It is the problem of each individual of the world and so it is your own problem. You and I make the whole world and you and I have therefore brought about the misery of the whole world. If you and I join together as individuals of his undivided world or as human beings in the true sense we are sure to bring Kalyana to ourselves and to the whole world.

ଏହି ବିଶ୍ୱକଲ୍ୟାଣ ସମ୍ପର୍କରେ ଓଡ଼ିଆରେ ସେ ଅତି ସରଳ ଭାବରେ ବୁଝାଇ ଲେଖିଥିଲେ। ତାଙ୍କ ମତରେ ବିଶ୍ୱ କଥାଟିର ଅର୍ଥ ସମସ୍ତ ସଂସାର, ତେଣୁ ବିଶ୍ୱକଲ୍ୟାଣର ଅର୍ଥ ସମସ୍ତ ସଂସାରର କଲ୍ୟାଣ କିମ୍ବା ଅନ୍ତତଃ ସମସ୍ତ ମାନବ ସମାଜର କଲ୍ୟାଣ। ସମସ୍ତ ସଂସାରକୁ ବା ସମସ୍ତ ମାନବ ସମାଜକୁ ଦେଖିବା ବା ଅନୁଭବ କରିବା ମନୁଷ୍ୟର ସାଧ୍ୟାତୀତ। ବିଶ୍ୱକଲ୍ୟାଣ ସାଧନ କରିବା କିମ୍ବା ସମସ୍ତ ମାନବସମାଜର କଲ୍ୟାଣ ସାଧନ କରିବା ମନୁଷ୍ୟ ପକ୍ଷରେ ଅସମ୍ଭବ। ଏହା କେବଳ ଭଗବାନଙ୍କ ପକ୍ଷରେ ସମ୍ଭବ ଏବଂ ଏହା ତାଙ୍କର କାର୍ଯ୍ୟ। ବିଶ୍ୱକଲ୍ୟାଣ କହିବାରେ ବୈରାଗୀ ମିଶ୍ରଙ୍କର ଅଭିପ୍ରାୟ ଥିଲା-ଯେଉଁ ବ୍ୟକ୍ତି ଯେତିକି ଦେଖିପାରୁଛି ଓ ଅନୁଭବ କରିପାରୁଛି, ସେତିକିର ସମସ୍ତ ହେଉଛି ସେହି ବ୍ୟକ୍ତି ପକ୍ଷରେ ସମସ୍ତ ବିଶ୍ୱ। ଯେଉଁ କଥାଟିରେ କୌଣସି ପ୍ରକାର ସ୍ୱାର୍ଥପରତା, ସାମ୍ପ୍ରଦାୟିକତା କିମ୍ବା ସଂକୀର୍ଣ୍ଣତାର ସ୍ଥାନ ନାହିଁ, ବୈରାଗୀ ମିଶ୍ର ତାକୁ "ବିଶ୍ୱ" ଏହି ନାମ ଦେଇଛନ୍ତି। ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତି, ସେହି ଏକ ପରମପିତା

Digitized by srujanika@gmail.com

ପରମେଶ୍ୱରଙ୍କର ସନ୍ତାନ ବୋଲି ହୃଦୟଙ୍ଗମ କରି ନିଜର ଗ୍ରାମବାସୀମାନଙ୍କର ସଙ୍ଗେ କିମ୍ୱା ପ୍ରତିବେଶୀମାନଙ୍କ ସଙ୍ଗେ ସ୍ନେହ ସଦ୍‌ଭାବ ରଖି ସମସ୍ତେ ଆନନ୍ଦରେ ରୁହନ୍ତୁ ଏହି ମନୋଭାବ ପୋଷଣ କରି ଯେଉଁ ଲୋକ ଯେତିକି ଦେଖିପାରୁଛି ଓ ଅନୁଭବ କରିପାରୁଛି ସେତିକିର କଲ୍ୟାଣ ସାଧନ ପାଇଁ କର୍ତ୍ତବ୍ୟବୋଧ କରିବାକୁ ସେ ବିଶ୍ୱକଲ୍ୟାଣ ନାମ ଦେଇଥିଲେ ।

୧୯୪୯ ମସିହା ଏପ୍ରିଲ ୧୮ ତାରିଖରେ ବୈରାଗୀ ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱକଲ୍ୟାଣ ସମିତି ପାଇଁ ଏକ କାର୍ଯ୍ୟନିର୍ବାହୀ କମିଟି ଲକ୍ଷ୍ମୀନାରାୟଣ ସାହୁଙ୍କ ସଭାପତିତ୍ୱରେ ଗଠିତ ହୋଇଥିଲା । ଏଥିରେ ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ସଦସ୍ୟ ରୂପେ ଗ୍ରହଣ କରାଯାଇଥିଲା ।

୧. ସଚ୍ଚିଦାନନ୍ଦ ମିଶ୍ର
୨. ସ୍ୱାମୀ ବିଚିତ୍ରାନନ୍ଦ ଦାସ
୩. ବୈରାଗୀ ଚରଣ ମିଶ୍ର
୪. ରଘୁନାଥ ଶାସ୍ତ୍ରୀ
୫. ଅନନ୍ତ ପ୍ରସାଦ ପଣ୍ଡା
୬. ଶରତ ଚନ୍ଦ୍ର ମିଶ୍ର
୭. ବିଭୂତି ଭୂଷଣ ତ୍ରିପାଠୀ
୮. ଗଣେଷ ପ୍ରସାଦ ଭଗତ
୯. ଭୀମ ଚରଣ ଚୌଧୁରୀ
୧୦. ସୀତାଦେବୀ ଖାଡ଼ଙ୍ଗା
୧୧. ଶରତପ୍ରିୟା ଦେବୀ

ଏହାର ସମ୍ପାଦକ ହିସାବରେ କାର୍ଯ୍ୟ କରୁଥିଲେ ବୈରାଗୀ ମିଶ୍ର । ବାସ୍ତବରେ ମିଶ୍ର ଥିଲେ ଏହାର ନିର୍ଦ୍ଦେଶକ ଏବଂ ପ୍ରାଣ ପ୍ରତିଷ୍ଠାତା । ଏହି ସମିତି କଟକର ବକ୍ସିବଜାର ଠାରେ କାର୍ଯ୍ୟ କରୁଥିଲା । ସମିତି ବହୁମୁଖୀ କାର୍ଯ୍ୟକ୍ରମ ନେଇ ଆଗେଇ ଯାଇଥିଲା । ଗୋଟିଏ ଦିଗରେ ବିଭିନ୍ନ ସ୍ଥାନରେ ଆଶ୍ରମମାନ ସ୍ଥାପନ କରି ଅସହାୟ ବିଧବା, ଅନାଥ ବାଳକ ଏବଂ ଅକ୍ଷମ ଅକର୍ମଣ୍ୟ ଲୋକମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ ଥିଲା ଏହି ବିଶ୍ୱକଲ୍ୟାଣ ସମିତିର ଏକ ଉଦ୍ଦେଶ୍ୟ । ଏହାର ଅନ୍ୟ ଏକ ଲକ୍ଷ୍ୟ ଥିଲା ସାଧାରଣ ଲୋକମାନେ ଗୀତାର ମୌଳିକ ତତ୍ତ୍ୱକୁ କିପରି ବୁଝିପାରିବେ ତାହାର ସରଳ ଆଲୋଚନା ଉପସ୍ଥାପନ । ଭଗବତ ଗୀତା ସମସ୍ତ ଜାତି, ଧର୍ମ ଓ

Digitized by srujanika@gmail.com

ସମ୍ପ୍ରଦାୟ ନିର୍ବିଶେଷରେ ମାନବ କଲ୍ୟାଣ ପାଇଁ ଉଦ୍ଦିଷ୍ଟ - ଏହା ମିଶ୍ର ବିଶ୍ୱକଲ୍ୟାଣ ସମିତି ମାଧ୍ୟମରେ ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ । ବିଶ୍ୱକଲ୍ୟାଣ ସମିତି ସମ୍ପର୍କରେ ମିଶ୍ର କହିଥିଲେ - ବିଶ୍ୱକଲ୍ୟାଣ ସମିତି ଓ ବିଶ୍ୱକଲ୍ୟାଣ ଆଶ୍ରମ ମୋର କାର୍ଯ୍ୟ ନୁହେଁ କିମ୍ବା ଅନ୍ୟକାହାରି କାର୍ଯ୍ୟ ନୁହେଁ । ଯାହା ଭଗବାନଙ୍କର କାର୍ଯ୍ୟ ତାହା ପ୍ରତ୍ୟେକ ବ୍ୟକ୍ତିଙ୍କର କାର୍ଯ୍ୟ ଏ କଥା ଯେଉଁ ଅଳ୍ପ କେତେଜଣ ଉପଲବ୍ଧି କରିଛନ୍ତି ସେହିମାନଙ୍କର ସମବେତ ଚେଷ୍ଟାରେ ପ୍ରତ୍ୟେକ ଗ୍ରାମର ପ୍ରତି ପରିବାର ସଂସ୍କାର କରାଯାଉ । ଲୋକଙ୍କୁ ଗଞ୍ଜେଇ ଖାଇବାରେ ପ୍ରବର୍ତ୍ତାଇବା ପାଇଁ ଏବଂ ମରଦ ପିଲାଙ୍କୁ ମାଇକିନିଆ ସଜେଇ ଠାକୁରଙ୍କ ପାଇଁ ଦୋଳଯାତ୍ରା, ଝୁଲଣ ଯାତ୍ରା ଇତ୍ୟାଦି କରିବା ପାଇଁ ଯେଉଁ ସବୁ ଆଶ୍ରମ ଓ ଧର୍ମ ମନ୍ଦିର ରହିଛି ସେ ସବୁ ଆଶ୍ରମ ଓ ମନ୍ଦିର ସଂସ୍କାର କରାଯାଉ । ସରଳ ସତ୍ୟ ଓ ବିଶ୍ୱକଲ୍ୟାଣ ମନୋଭାବ ଉପରେ ପ୍ରତିଷ୍ଠିତ ବ୍ୟକ୍ତିଗତ ସ୍ୱାଧୀନତାର ନିର୍ମଳ ଆନନ୍ଦ ଭଗବାନଙ୍କର ପ୍ରତ୍ୟେକ ସନ୍ତାନ ଉପଭୋଗ କରନ୍ତୁ ଏବଂ ଭଗବାନଙ୍କ ଇଚ୍ଛା ପୂର୍ଣ୍ଣ ହେଉ ।

ବିଶ୍ୱକଲ୍ୟାଣ ସମିତି ଶେଖ୍‌ବଜାର (କଟକ)ରେ କାର୍ଯ୍ୟ କରୁଥିବା ସମୟରେ ବୈରାଗୀ ମିଶ୍ର **ଗାୟତ୍ରୀ ତତ୍ତ୍ୱ** ନାମକ ପୁସ୍ତିକା ପ୍ରକାଶ କରିଥିଲେ । 'ସମାଜ' ସମ୍ବାଦପତ୍ରରେ ତା ୮/୧୦/୧୯୫୯, ୧୭/୧୦/୧୯୫୯ ଓ ୩୦/୧୦/୧୯୫୯ରେ ଗାୟତ୍ରୀ ତତ୍ତ୍ୱ ଶୀର୍ଷକ ଗୋଟିଏ ସୁଦୀର୍ଘ ପ୍ରବନ୍ଧ ପ୍ରକାଶ ପାଇଥିଲା । ସେଥିରେ ଗାୟତ୍ରୀ ସହିତ ସମ୍ବନ୍ଧ ନଥିବା ଅନେକ ଶାସ୍ତ୍ର ବାକ୍ୟ ଉଦ୍ଧାର କରାଯାଇ ଅନେକ ଅବୋଧଗମ୍ୟ କଥା ଲେଖିଥିବାର ଦେଖି ଗାୟତ୍ରୀର ସର୍ବଜନବୋଧ୍ୟ ଓ ସର୍ବଜନପ୍ରଯୁଜ୍ୟ ପ୍ରକୃତ ଅର୍ଥ ବୈରାଗୀ ମିଶ୍ର ନିଜର ଅନୁଭୂତି ଉପରେ ପ୍ରତିଷ୍ଠିତ ହୋଇଥିବାରୁ ସେହି ପୁସ୍ତିକା "ଗାୟତ୍ରୀ ତତ୍ତ୍ୱ" ପ୍ରକାଶ କରିଥିଲେ ।

ଜାତି-ଧର୍ମ, ମୂର୍ଖ-ପଣ୍ଡିତ ଓ ସ୍ତ୍ରୀ-ପୁରୁଷ ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତି ଗାୟତ୍ରୀର ପ୍ରକୃତ ଅର୍ଥ ଅନାୟାସରେ ବୁଝିପାରିବେ ଏବଂ ତାକୁ ବ୍ୟକ୍ତିଗତ ଜୀବନରେ ପ୍ରୟୋଗ କରି ବିଶେଷ ଉପକାର ଲାଭ କରିପାରିବେ, ଏହି ଉଦ୍ଦେଶ୍ୟରେ ତାଙ୍କର ଗାୟତ୍ରୀ ତତ୍ତ୍ୱ ଲେଖାଯାଇଥିଲା ।

କେବଳ ହିନ୍ଦୁ ସମ୍ପ୍ରଦାୟ ପାଇଁ କିମ୍ବା ବ୍ରାହ୍ମଣମାନେ ସ୍ନାନପରେ ଜପିବା ପାଇଁ କିମ୍ବା ପଣ୍ଡିତମାନେ ବିଭିନ୍ନ ପ୍ରକାର ପାଣ୍ଡିତ୍ୟପୂର୍ଣ୍ଣ ଅର୍ଥ କରିବା ପାଇଁ ଗାୟତ୍ରୀ ମନ୍ତ୍ର ସୃଷ୍ଟି ହୋଇନାହିଁ ବୋଲି ବୈରାଗୀ ମିଶ୍ର ମତ ଦେଇଥିଲେ । ଗାୟତ୍ରୀ ମନ୍ତ୍ରଟିକୁ ପ୍ରଥମେ ସେ ଉଦ୍ଧାର କରିଛନ୍ତି -

Digitized by srujanika@gmail.com

ଓଁ ଭୂର୍ଭୁବ ସ୍ୱଃ ତତ୍ ସବିତୁର୍ବରେଣ୍ୟମ୍, ଭର୍ଗୋଦେବସ୍ୟ ଧୀମହି,
ଧିୟୋ ଯୋ ନଃ ପ୍ରଚୋଦୟାତ୍।

ଓଁ ର ଅର୍ଥ ପ୍ରକାଶ କରି ମିଶ୍ର ମହାଶୟ କହିଥିଲେ ଗୀତା ସତର ଅଧ୍ୟାୟରେ ସୂଚିତ ଓଁ, ତତ୍ ଓ ସତ୍ ଏହି ତିନୋଟି ହେଉଛି କଳ୍ପନାତୀତ ବ୍ରହ୍ମରୁ ବା ଅଜଣା ଭଗବାନଙ୍କ ତିନି ପ୍ରକାର ନିର୍ଦ୍ଦେଶ ବା ନାମ। ଓଁ ଶବ୍ଦଟି ପୁରାକାଳରେ ସବୁ ମନ୍ତ୍ରର ଆରମ୍ଭରେ ଉଚ୍ଚାରଣ କରାଯାଉଥିବାରୁ ଆଧୁନିକ କାଳରେ ମଧ୍ୟ ଉଚ୍ଚାରଣ କରାଯାଉଛି। ଗୀତାର ୧୭ ଅଧ୍ୟାୟର ଦୁଇଟି ଶ୍ଳୋକ ଉଦ୍ଧାର କରି ତାହାର ଅର୍ଥ ପ୍ରକାଶ କରି ସେ ଲେଖିଛନ୍ତି - ଓଁ, ତତ୍ ଓ ସତ୍ ଏହି ତିନୋଟି ହେଉଛି ବ୍ରହ୍ମର ତିନିପ୍ରକାର ନିର୍ଦ୍ଦେଶ ବା ନାମ। ବ୍ରାହ୍ମଣମାନେ ବେଦସବୁ ଓ ଯଜ୍ଞସବୁ ଓଁ ତତ୍ ସତ୍ କଥାଟି ଦ୍ୱାରା ପୁରାକାଳରେ ବିହିତ ହେଉଥିଲେ। ସେହି କାରଣରୁ ଓଁ ଏହି କଥାଟି ଉଚ୍ଚାରଣ କରିବା ଦ୍ୱାରା ବ୍ରହ୍ମବାଦୀମାନଙ୍କର ଶାସ୍ତ୍ରୋକ୍ତ ଯଜ୍ଞ, ଦାନ ଓ ତପକ୍ରିୟା କରାଯାଏ। ଓଁ କଥାଟି ହେଉଛି ଅ, ଉ ଓ ମ ର ଏହି ତିନୋଟି ଅକ୍ଷର ର ସମଷ୍ଟି। ତେଣୁ ପଣ୍ଡିତମାନେ ଏହି ତିନୋଟି ଅକ୍ଷରକୁ ବିଭିନ୍ନ ପ୍ରକାର ଅର୍ଥ କରିବାରେ ଏବଂ ସାଧାରଣ ଲୋକେ ଏହି ସବୁ ଅର୍ଥ ମୁଖସ୍ଥ କରିବାରେ ଲାଗି ରହିଛନ୍ତି। ଗାୟତ୍ରୀର ଅନ୍ୱୟ କରି ସେ ଲେଖିଥିଲେ- ଓଁ ଭୂର୍ଭୂବସ୍ୱଃ ତତ୍ ସବିତୁଃ ଦେବସ୍ୟ ବରେଣ୍ୟମ୍ ଭର୍ଗଃ ଧୀମହୀ ; ଯଃ ନଃ ଧିୟଃ ପ୍ରଚୋଦୟାତ୍ ଏହାର ଅର୍ଥରେ ସେ ଲେଖିଥିଲେ - ଭୂର୍ଭୂବସ୍ୱଃ (ଶାସ୍ତ୍ରୋକ୍ତ ଭୂଲୋକ, ଭୁବର୍ଲୋକ ଓ ସ୍ୱର୍ଲୋକ ଏହି ତିନିଲୋକରେ ବା ତିନି ସଂସାରରେ ଗଠିତ ଆମର ଏହି ସଂସାର) ତତ୍ (ତାହାକୁ ଅର୍ଥାତ ଏହି ସଂସାରକୁ) ସବିତୁଃ ଦେବସ୍ୟ (ପ୍ରସବ କରିଥିବା ଅର୍ଥାତ୍ ସୃଷ୍ଟି କରିଥିବା ସବିତା ଦେବତାଙ୍କର ବା ସୂର୍ଯ୍ୟ ଦେବତାଙ୍କର) ବରେଣ୍ୟମ୍ (ସର୍ବୋତ୍କୃଷ୍ଟ) ଭର୍ଗଃ (ତେଜକୁ) ଧୀମହୀ (ଆମ୍ଭମାନେ ଧ୍ୟାନକରୁ) ଯଃ (ଯେଉଁ ଉତ୍କୃଷ୍ଟ ତେଜ) ନଃ (ଆମ୍ଭମାନଙ୍କର) ଧିୟଃ (ବୁଦ୍ଧିସବୁକୁ) ପ୍ରଚୋଦୟାତ୍ (ପରିଚାଳନା କରନ୍ତୁ)।

ଏହି ମନ୍ତ୍ରରେ ମୁଁ ଧ୍ୟାନକରୁଛି ଓ ମୋର ବୁଦ୍ଧିକୁ ପରିଚାଳନା କରନ୍ତୁ ଏକଥା କୁହାନଯାଇ ଆମ୍ଭେମାନେ ଧ୍ୟାନକରୁ ଓ ଆମ୍ଭମାନଙ୍କର ବୁଦ୍ଧିସବୁକୁ ପରିଚାଳନା କରନ୍ତୁ। ଏକଥା କହିବାର ବିଶେଷତ୍ୱ ହେଲା ଗାୟତ୍ରୀ ଜପ କରିବା ବ୍ୟକ୍ତି ନିଜର ସ୍ୱାର୍ଥସିଦ୍ଧି ପାଇଁ ଜପ ନକରି ସମସ୍ତ ମାନବ ଜାତିର ମଙ୍ଗଳପାଇଁ ଜପ କରିବା ଆବଶ୍ୟକ। ମାତ୍ର ସଂସ୍କାରକ ମିଶ୍ର ଦୁଃଖ ପ୍ରକାଶ କରି ଲେଖିଥିଲେ - ଲୋକେ ମନ୍ତ୍ରଟିର ଅର୍ଥପର୍ଯ୍ୟନ୍ତ ବୁଝିବାକୁ କର୍ତ୍ତବ୍ୟ ମନେ ନକରି କେବଳ ବାପ ଅଜା ଜପୁଥିଲେ ବୋଲି ଜପକରିବାର

Digitized by srujanika@gmail.com

ଅନୁସରଣ କରୁଛନ୍ତି। ଏପରି ଜପକରିବାର କୌଣସି ମୂଲ୍ୟ ନାହିଁ। ସୂର୍ଯ୍ୟଙ୍କର ମଧ୍ୟବର୍ତ୍ତୀ ସର୍ବୋତ୍କୃଷ୍ଟ ତେଜକୁ ଧ୍ୟାନକଲେ ଆମ୍ଭେମାନେ ପୂର୍ବପରି ନିସ୍ତେଜ ଓ ଭୀରୁ ନରହି ତେଜସ୍ୱୀ ଓ ନିର୍ଭୀକ ହୋଇପାରିବା। ସମସ୍ତ ମାନବ ଜାତିର ମଙ୍ଗଳ ପାଇଁ କାର୍ଯ୍ୟ କରିପାରିବା ଓ ଯାବତୀୟ ଅନ୍ଧବିଶ୍ୱାସ ଅନ୍ଧାନୁସରଣରୁ ମୁକ୍ତ ହୋଇ ନିଜେ ସ୍ୱାଧୀନ ଭାବରେ ଚିନ୍ତା କରିବା ଫଳରେ ନିଜ ନିଜର ପବିତ୍ର ବୁଦ୍ଧି ପରିଚାଳନା କରିପାରିବା। ପବିତ୍ର ବୁଦ୍ଧିର ମର୍ମ ପ୍ରକାଶ କରି ମିଶ୍ର ମହାଶୟ ଲେଖିଥିଲେ-ବିଭିନ୍ନ ଶାସ୍ତ୍ର ଓ ବହିସବୁ ପଢ଼ି ଆମେ ଯେଉଁ ଜ୍ଞାନଅର୍ଜନ କରିଅଛୁ ସେହି ଜ୍ଞାନକୁ ବୁଦ୍ଧି ମନେ କରିଅଛୁ। ମାତ୍ର ତାହା ମନୁଷ୍ୟୋଚିତ ପ୍ରକୃତ ବୁଦ୍ଧି ବା ପବିତ୍ର ବୁଦ୍ଧି ନୁହେଁ। ଏହି ତଥାକଥିତ ବୁଦ୍ଧିକୁ ବୁଦ୍ଧି ନ କହି ଚାଲାଖି କୁହାଯାଇପାରେ। ଏହା କେବଳ ଅର୍ଥ ଉପାର୍ଜ୍ଜନ ପାଇଁ ଏବଂ ଲୋକ ଚକ୍ଷୁରେ ପଣ୍ଡିତ ଓ ଧାର୍ମିକ ବୋଲାଇ ନିଜର ଅହମିକା ଓ ଆତ୍ମ ମର୍ଯ୍ୟାଦା ପ୍ରତିଷ୍ଠା କରିବା ପାଇଁ ଆବଶ୍ୟକ। ଏହି ଚାଲାଖି ହେତୁ ମାନବଜାତିର ଦୁରବସ୍ଥା।

ବିଶ୍ୱକଲ୍ୟାଣ ଆଶ୍ରମ ଶେଖ୍ ବଜାରରୁ ବୈରାଗୀ ମିଶ୍ର ପ୍ରତିଜ୍ଞାପତ୍ର ନାମକ ଖଣ୍ଡିଏ କାର୍ଡ ଛପାଇ ସେଥିରେ ପାଞ୍ଚୋଟି ମାତ୍ର ପ୍ରତିଜ୍ଞା ପାଳନ କରିବାକୁ ଉପଦେଶ ଦେଇଥିଲେ।

ପ୍ରଥମ ପ୍ରତିଜ୍ଞା - ମୋର ଆଦର୍ଶରୁ ଅନ୍ୟର ଯେପରି ଅମଙ୍ଗଳ ନହୋଇ ମଙ୍ଗଳ ହେବ, ସେଥିପ୍ରତି ନିରନ୍ତର ଦୃଷ୍ଟି ରଖିବି।

ଦ୍ୱିତୀୟ ପ୍ରତିଜ୍ଞା - ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡମ୍ବର ପରିତ୍ୟାଗ କରିବି ଏବଂ ଏସବୁ ଉପରେ ପ୍ରତିଷ୍ଠିତ ନ୍ୟାୟ ନିମିତ୍ତରେ କିମ୍ୱା ଅନ୍ୟ କୌଣସି ଅନୁଷ୍ଠାନରେ ଯୋଗଦେବି ନାହିଁ।

ତୃତୀୟ ପ୍ରତିଜ୍ଞା - ବନ୍ଧୁବେଭାର ଦେବିନାହିଁ ଓ ନେବିନାହିଁ। ନ୍ୟାୟନିମିତ୍ତରେ ବୃଥାଡମ୍ବରକୁ ପ୍ରଶ୍ରୟ ଦେବାଲାଗି ବନ୍ଧୁବେଭାର ଦେବା ନେବା ପ୍ରଥାର ସୃଷ୍ଟି। ବନ୍ଧୁମାନଙ୍କଠାରୁ ସାହାଯ୍ୟ ଆଣି ବୃଥାଡମ୍ବର ଦେଖାଇବା ନିନ୍ଦାର କଥା ନୁହେଁ କି ?

ଚତୁର୍ଥ ପ୍ରତିଜ୍ଞା - ଗହଣାରେ ଓ ନ୍ୟାୟନିମିତ୍ତରେ ଅର୍ଥର ଅପବ୍ୟୟ ନ କରି ସେହି ଅର୍ଥରେ ଦରିଦ୍ର ପ୍ରତିବେଶୀଙ୍କୁ ସାହାଯ୍ୟ କରିବି।

ପଞ୍ଚମ ପ୍ରତିଜ୍ଞା - ଲୋକନିନ୍ଦାକୁ ଭ୍ରୂକ୍ଷେପ ନକରି ଏବଂ ଲୋକଙ୍କ ଠାରୁ ପ୍ରଶଂସା ପାଇବା ଇଚ୍ଛାନକରି ନିଜର ମନ୍ଦଗୁଣପାଇଁ ନିଜକୁ ନିନ୍ଦାକରିବାକୁ ଏବଂ ଭଲଗୁଣ ପାଇଁ ନିଜକୁ ପ୍ରଶଂସା କରିବାକୁ ଅଭ୍ୟାସ କରିବି।

Digitized by srujanika@gmail.com

ଏହି ସମସ୍ତ ପ୍ରତିଜ୍ଞାକୁ ବୁଝାଇ ଦେଇ ଶେଷରେ କହିଥିଲେ - ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ଅଭ୍ୟସ୍ତ ରହିଥିବାରୁ ଆମ୍ଭେମାନେ ସତ୍ୟର ପରିଚୟ ପାଇନାହୁଁ ଏବଂ ସତ୍ୟର ପରିଚୟ ପାଇନଥିବାରୁ ବୃଥାଡମ୍ବରକୁ ପ୍ରଶ୍ରୟଦେଇ ଉପସ୍ଥିତ ଦୁଃଖ, ଦୁରବସ୍ଥା ଭୋଗକରୁଅଛୁ। ଅତଏବ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ସର୍ବପ୍ରଥମେ ପରିତ୍ୟାଗ କରି ସତ୍ୟର ପରିଚୟ ପାଆନ୍ତୁ ଏବଂ ଜୀବନଯାତ୍ରାକୁ ସ୍ୱଭାବନିୟତ କରନ୍ତୁ। ସତ୍ୟର ପରିଚୟ ପାଇ ଜୀବନଯାତ୍ରାକୁ ସ୍ୱଭାବନିୟତ କଲାପରେ ବୃଥାଡମ୍ବର ଆପେ ଆପେ ଉଠିଯିବ ଏବଂ ଜୀବନଜାତ୍ରାକୁ ଆଡମ୍ବରପୂର୍ଣ୍ଣ ନକରି ସରଳ କରିହେବ। ଅଜ୍ଞଲୋକମାନଙ୍କ ପକ୍ଷରେ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରୁ ମୁକ୍ତହେବା ଯେପରି କଠିନ ସମାଜରେ ଉଚ୍ଚସ୍ଥାନ ଅଧିକାର କରିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ପକ୍ଷରେ ବୃଥାଡମ୍ବରରୁ ମୁକ୍ତହେବା ସେହିପରି କଠିନ। ଅଶିକ୍ଷିତ ଓ ଅଜ୍ଞ ଲୋକମାନଙ୍କୁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରୁ ମୁକ୍ତ କରିବାରେ ଶିକ୍ଷିତ ଲୋକେ ସେମାନଙ୍କର ଆଦର୍ଶ ହେବା ଉଚିତ୍ ଏବଂ ଶିକ୍ଷିତ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବୃଥାଡମ୍ବରରୁ ମୁକ୍ତକରିବାରେ ଅଶିକ୍ଷିତ ଲୋକେ ସେମାନଙ୍କର ଆଦର୍ଶ ହେବା ଉଚିତ୍।

ଜୀବନଯାତ୍ରା ସହିତ ସମ୍ବନ୍ଧଶୂନ୍ୟ ଅସଂଖ୍ୟ ପ୍ରକାର ନ୍ୟାୟନିମିତ୍ତ, ପୂଜା, ପାର୍ବଣ, ଓଷାବାର ଇତ୍ୟାଦିର ଅନ୍ଧାନୁସରଣରେ ବୃଥାଡମ୍ବର ଓ ଅଯଥା ଅର୍ଥବ୍ୟୟ ଜନସାଧାରଣଙ୍କ ଅନ୍ନବସ୍ତ୍ର ଅଭାବର ମୂଳ କାରଣ। ନିଜର ଆଦର୍ଶରୁ ଜନସାଧାରଣଙ୍କୁ ଏହି ମୂଳକାରଣରୁ ମୁକ୍ତ କରିପାରିଲେ ଅନ୍ନବସ୍ତ୍ରର ଅଭାବ ରହିବ ନାହିଁ ବୋଲି ସେ ସ୍ପଷ୍ଟ ଭାବରେ ସିଦ୍ଧାନ୍ତ ନେଇଥିଲେ।

ବିଶ୍ୱକଲ୍ୟାଣ ସମିତି ସ୍ଥାପନ କରିବା ପରେ ବୈରାଗୀ ମିଶ୍ରଙ୍କୁ ପ୍ରଶ୍ନ କରାଯାଇ ଥିଲା - "ଆପଣ କଟକରେ ବସି ସେହି କଟକବାସୀଙ୍କର କିମ୍ବା ଖୁବ୍ ହେଲେ ଓଡ଼ିଶାବାସୀଙ୍କର କଲ୍ୟାଣ ସାଧନ କରିପାରନ୍ତି। ମାତ୍ର ବିଶ୍ୱକଲ୍ୟାଣ ନାମକ ସମିତିଟିଏ ସ୍ଥାପନ କରି ସମଗ୍ରବିଶ୍ୱର କଲ୍ୟାଣ ସାଧନ କରୁଅଛନ୍ତି କିମ୍ବା କରିବେ ବୋଲି ଦୁରାଶା ପୋଷଣ କରୁଅଛନ୍ତି କିପରି ? ଏହା ଉତ୍ତର ଦେଇ ବୈରାଗୀ ମିଶ୍ର କହିଥିଲେ - ପ୍ରତ୍ୟେକ ଦେଶକୁ ଯାଇ ପ୍ରତ୍ୟେକ ବ୍ୟକ୍ତିର କଲ୍ୟାଣ ସାଧନ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ଆଉ ମଧ୍ୟ ଅକଲ୍ୟାଣର ମୂଳକାରଣ ସ୍ଥିର ନକରି କେବଳ କଲ୍ୟାଣସାଧନ କରିବାକୁ ଇଚ୍ଛାକରିବା ନିର୍ବୋଧତାର ପରିଚୟ। ରୋଗର ମୂଳ କାରଣ ସ୍ଥିର ନକରି ଏବଂ ସେହି ମୂଳକାରଣ କିପରି ଦୂରହେବ ସେଥିପ୍ରତି ଦୃଷ୍ଟି ନ ରଖି ରୋଗ ଦୂରକରିବାକୁ ଔଷଧ ଦେଲେ ଅଳ୍ପସମୟ ପାଇଁ ରୋଗର ଉପଶମ ହୋଇପାରେ; ମାତ୍ର ରୋଗର

Digitized by srujanika@gmail.com

ମୂଳକାରଣ ଦୂର ନହେବା ଯାଏ ସେହିରୋଗ ବାରମ୍ବାର ଆକ୍ରମଣ କରୁଥିବ। ଗଛର ମୂଳକୁ ଉପାଡିନଦେଇ କେବଳ ଶାଖା ପ୍ରଶାଖା ସବୁ କାଟୁଥିଲେ ସେହିଗଛ ବାରମ୍ବାର ବଢୁଥିବ। ବହୁକାଳ ହେଲା ଆମ୍ଭେମାନେ କେବଳ ଶାଖା ପ୍ରଶାଖା ସବୁ କାଟିବାରେ ଲାଗିଥିଲୁ ଏବଂ ଏହାକୁ ସମାଜ ସଂସ୍କାର ନାମଦେଇ ନିଶ୍ଚିତ ରହିଥିଲୁ; ମାତ୍ର ଗଛର ମୂଳୋତ୍ପାଟନ କରିବା ଏକାନ୍ତ ଆବଶ୍ୟକ ଥିବାରୁ ଆଜି ଆଉ ଶାଖା ପ୍ରଶାଖା କାଟିବାକୁ ଚେଷ୍ଟା ନକରି ମୁଁ ଏହି ମୂଳୋତ୍ପାଟନ କରିବାରେ ଲାଗିଛି।" ସେ ଶେଷରେ ଲେଖିଥିଲେ - "ଆମ୍ଭମାନଙ୍କର ଯାବତୀୟ ଦୁଃଖ,ଦୁରବସ୍ଥାର ମୂଳକାରଣ ହେଉଛି ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ବା ଅନ୍ଧତା ଦୋଷ ଏବଂ ଏହି ଅନ୍ଧତା ବା ଅମନୁଷ୍ୟତା ଦୋଷରୁ ବୃଥାଡମ୍ବର। ଅଳ୍ପ କେତେଜଣଙ୍କୁ ଏହି ଅନ୍ଧତା ଦୋଷରୁ ମୁକ୍ତ କରିପାରିଲେ ସେହି ଅଳ୍ପ କେତେଜଣଙ୍କ ଆଦର୍ଶରୁ ସମସ୍ତ ବିଶ୍ୱର କଲ୍ୟାଣ ସାଧନ କରିହେବ। ଏହି ଧାରଣାର ବଶବର୍ତ୍ତୀ ହୋଇ ମୁଁ ଚିରଦିନ ଏହି ମୂଳକାରଣ ବିରୁଦ୍ଧରେ ସଂଗ୍ରାମ କରିଆସୁଅଛି।" (ପ୍ରତିଜ୍ଞାପତ୍ରର ବିଶ୍ଳେଷଣ, ବିଶ୍ୱକଲ୍ୟାଣ ଆଶ୍ରମ, ଶେଖ୍‌ବଜାର, କଟକ, ପୃ - ୩)

୧୯୬୦ ମସିହାରେ ବିଶ୍ୱକଲ୍ୟାଣ ଆଶ୍ରମ ଶେଖ୍ ବଜାରରେ ବୈରାଗୀ ମିଶ୍ରଙ୍କ ଉଗ୍ର ସଂସ୍କାର ଅଭିଯାନରେ ଅଗ୍ରଣୀ ଥିଲା। "ଭଗବାନ ଓ ଭବିଷ୍ୟତ" ବୋଲି ପୁସ୍ତିକାଟିଏ ପ୍ରକାଶ କରି ମିଶ୍ର ମହାଶୟ କୁସଂସ୍କାରର ଅତୁଆ କାଟିବାକୁ ଉଦ୍ୟମ କରିଥିଲେ। ପୁସ୍ତିକାର ନିବେଦନରେ ସେ ଲେଖିଥିଲେ - ଯେଉଁ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ହେତୁ ଭାରତବର୍ଷ ଏତେକାଳ ପରାଧୀନ ହୋଇ ରହିଥିଲା, ଦେଶ ସ୍ୱାଧୀନ ହେବାପରେ ସେହି ଅନ୍ଧତାଦୋଷ କ୍ରମେ କ୍ରମେ ଦୂର ହୋଇଯିବ ବୋଲି ବିଶେଷ ଆଶା କରାଯାଉଥିଲା। ଦେଶ ତେରବର୍ଷ ହେଲା ସ୍ୱାଧୀନ ହେଲାଣି, ମାତ୍ର ଦେଶବାସୀଙ୍କର ଅନ୍ଧତା ଦୋଷଦୂର ହେବା ପଛକୁ ଥାଉ, ତାହା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି। ଯେଉଁ ବିଶିଷ୍ଟ ବ୍ୟକ୍ତିମାନେ ଏହି ଅନ୍ଧତା ଦୋଷ ଦୂର କରନ୍ତେ ସେମାନେ ଏହି ଅନ୍ଧତାକୁ ଭାରତୀୟ ପରମ୍ପରା, ଭାରତୀୟ ସଂସ୍କୃତି ଓ ହିନ୍ଦୁ ସଂସ୍କୃତି ଇତ୍ୟାଦି କହି ଗର୍ବ ଅନୁଭବ କରୁଅଛନ୍ତି। ୨୫୦୦ ବର୍ଷ ପୂର୍ବେ ବୁଦ୍ଧଦେବ କହିଥିଲେ "ପ୍ରତ୍ୟେକ ବ୍ୟକ୍ତି ନିଜେ ଅର୍ଥାତ୍ ନିଜର ଆଲୋକ ହୁଅନ୍ତୁ" ମହାତ୍ମା ଗାନ୍ଧୀ ଏବେ କହିଗଲେ "ମୋର ସ୍ୱାଧୀନତାର ଅର୍ଥ ଏହି କି ପ୍ରତ୍ୟେକ ବ୍ୟକ୍ତି ନିଜେ ନିଜର ନେତା ଓ ନିଜେ ନିଜର ଗୁରୁ। ମାନବ ସମାଜରୁ ଯାବତୀୟ ଭେଦଭାବ ଦୂରକରି ସାମ୍ୟବାଦ ଓ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଏହି ଦୁଇଟି ଉପଦେଶର ସତ୍ୟତା ଉପଲବ୍ଧି କରି

Digitized by srujanika@gmail.com

ତଦନୁସାରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜେ ନିଜର ଜୀବନର ଗତି ପରିବର୍ତ୍ତନ କରିବାକୁ ହେବ। ଗୁରୁମାନଙ୍କ ଗୁରୁ ଗିରି ଓ ନେତାମାନଙ୍କର ନେତୃତ୍ୱ ବା କ୍ଷମତା କାଳେ ନଷ୍ଟ ହୋଇଯିବ ଏଥିପ୍ରତି ସେମାନେ ଏଥିପାଇଁ ଦୃଷ୍ଟି ଦେବେ ନାହିଁ। ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପ୍ରତ୍ୟେକ ବ୍ୟକ୍ତି ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଅଛି। ପ୍ରତ୍ୟେକ ବ୍ୟକ୍ତି ନିଜର ପ୍ରତ୍ୟେକ ସମସ୍ୟା ନିଜ ପାଇଁ ନିଜେ ସ୍ଥିର କରନ୍ତୁ ଏତିକି ମାତ୍ର ନିବେଦନ।"

ଭଗବାନଙ୍କ ସମ୍ବନ୍ଧରେ ଆଲୋଚନା କରି ଶାସ୍ତ୍ରକାରମାନଙ୍କ ମତକୁ ଉଦ୍ଧାର କରି ସେ ଅଜ୍ଞେୟ ଓ ଅଚିନ୍ତ୍ୟ ବୋଲି ସ୍ୱୀକାର କରିଥିଲେ। ଯାହା ଅଜ୍ଞେୟ ଅର୍ଥାତ୍ ଜାଣି ହେବନାହିଁ ତାହା ଜାଣିବାକୁ ଇଛାକରିବା ଏବଂ ଯାହା ଅଚିନ୍ତ୍ୟ ଅର୍ଥାତ୍ ଚିନ୍ତାକରିହେବ ନାହିଁ ତାହା ଚିନ୍ତା କରିବାକୁ ଇଛା କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ। ସେଥିପାଇଁ ଉପନିଷଦର ଋଷି କହିଗଲେ ତତ୍ତ୍ୱମସି। ଏହି "ମହାବାକ୍ୟ" ତତ୍, ତ୍ୱମ୍ ଓ ଅସି ଏହି ତିନୋଟି କଥାର ସମଷ୍ଟି। ତତ୍ (ତାହା ଅର୍ଥାତ୍ ସେହି ଅଜ୍ଞେୟ ଓ ଅଚିନ୍ତ୍ୟ ଭଗବାନ), ତ୍ୱମ୍ (ତୁମ୍ଭେ) ଅସି (ଅଟ) - ଅର୍ଥାତ୍ ତୁମ୍ଭେ ନିଜେ ସେହି ଭଗବାନ ଅଟ, ଉପନିଷଦର ଋଷି ଏପରି ଉପଦେଶ ଦେବାର ଅଭିପ୍ରାୟ ଏହି କି ଯାହା ଅଜ୍ଞେୟ ଓ ଅଚିନ୍ତ୍ୟ ସେଥିପ୍ରତି ଆସକ୍ତ ନରହି ପ୍ରତ୍ୟେକ ବ୍ୟକ୍ତି ନିଜକୁ ସମ୍ପୂର୍ଣ୍ଣ ରୂପେ ଜାଣନ୍ତୁ ଓ ବୁଝନ୍ତୁ ଏବଂ ତାହା ଭଗବାନଙ୍କୁ ଜାଣିବା ସଙ୍ଗେ ସମାନ। ଗୀତାକାର ମଧ୍ୟ ଏହି ଅଭିପ୍ରାୟରେ ଦ୍ୱିତୀୟ ଅଧ୍ୟାୟ ୪୫ଶ ଶ୍ଲୋକରେ ସର୍ବଦା ସତ୍ତ୍ୱସ୍ଥ ରହିବାକୁ ଅର୍ଥାତ୍ ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରହି ସେହି ପ୍ରକୃତ ଅବସ୍ଥାକୁ ଜାଣିବାକୁ ଓ ବୁଝିବାକୁ କହିଛନ୍ତି। ସର୍ବଦା ନିଜର ପ୍ରକୃତ ଅବସ୍ଥାରେ ରହି ସେହି ପ୍ରକୃତ ଅବସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଜାଣିବାକୁ ଓ ବୁଝିବାକୁ ହେଲେ ନିଜର ସ୍ତ୍ରୀ ସହିତ, ପୁତ୍ର କନ୍ୟାଙ୍କ ସହିତ, ବନ୍ଧୁମାନଙ୍କ ସହିତ, ନିଜର ଧନସମ୍ପତ୍ତି ସହିତ, ସମସ୍ତ ବିଶ୍ୱ ସହିତ, ସମସ୍ତ ମାନବ ସମାଜ ସହିତ ନିଜର ପ୍ରକୃତ ସମ୍ବନ୍ଧ କଅଣ ତାହା ସମ୍ପୂର୍ଣ୍ଣ ରୂପେ ଜାଣିବା ଓ ବୁଝିବା ଏକାନ୍ତ ଆବଶ୍ୟକ। ତାହାଛଡା ନିଜର ଇନ୍ଦ୍ରିୟ ସବୁ ସହିତ ନିଜର ମନ ଓ ମନୋଗତ କାମନା ସବୁ ସହିତ, ନିଜର ପବିତ୍ର ବିବେକ ବୁଦ୍ଧିସହିତ ନିଜର ସମ୍ବନ୍ଧ କଣ ତାହା ମଧ୍ୟ ସମ୍ପୂର୍ଣ୍ଣ ରୂପେ ଜାଣିବା ଓ ବୁଝିବା ଏକାନ୍ତ ଆବଶ୍ୟକ। ଜନସାଧାରଣଙ୍କ ଧାରଣା ଏହିକି ଶାସ୍ତ୍ରୋକ୍ତ ବିଭିନ୍ନ ପ୍ରଣାଳୀ ସବୁର ଅନ୍ଧାନୁସରଣ କରି ବିଭିନ୍ନ ପ୍ରକାର ଧ୍ୟାନ, ଧାରଣା ଓ ଯୋଗାଭ୍ୟାସ ଇତ୍ୟାଦି ଅଭ୍ୟାସ କରୁଥିବା ଅଳ୍ପ କେତେଜଣ ଶାସ୍ତ୍ରଜ୍ଞ ପଣ୍ଡିତ ବ୍ରାହ୍ମୀସ୍ଥିତି ଲାଭ କରିପାରିବେ।

ଭଗବାନ ବୋଲି ଜଣେ ଅଛନ୍ତି କି କେତେଜଣ ଅଛନ୍ତି ବା କଅଣ ଅଛି

Digitized by srujanika@gmail.com

ତାହା କୌଣସି ଧର୍ମଶାସ୍ତ୍ର ପ୍ରମାଣ କରିପାରି ନାହିଁ। ପ୍ରମାଣ କରି ନପାରିଲେ ମଧ୍ୟ ଭଗବାନ ବୋଲି ଜଣେ ଅଛନ୍ତି ଏକଥା ବିଶ୍ୱାସ କରିବାକୁ ପୂର୍ବାଚାର୍ଯ୍ୟମାନେ ଧର୍ମଶାସ୍ତ୍ର ମାନଙ୍କରେ ବିଭିନ୍ନ ପ୍ରକାର ଉପଦେଶ ଦେଇଥିଲେ। ବୈରାଗୀ ମିଶ୍ର ଏପରି ଉପଦେଶ ଦେବାର ଅଭିପ୍ରାୟକୁ ଆଲୋଚନା କରି କହନ୍ତି - ଭଗବାନ ବୋଲି କେହି ଅଛନ୍ତି ଏକଥା ଦୃଢ଼ଭାବରେ ବା ଅନ୍ଧଭାବରେ ବିଶ୍ୱାସ କରିନେଲେ ମନୁଷ୍ୟ ଗୋପନରେ ପାପାଚରଣ କରିବ ନାହିଁ; ମିଥ୍ୟା କହିପାରିବ ନାହିଁ, ମାନବ ସମାଜର ପ୍ରତ୍ୟେକଙ୍କୁ ସେହି ପରମପିତା ଭଗବାନଙ୍କ ସନ୍ତାନ ବୋଲି ଜାଣି କାହାରିକୁ ଘୃଣା ଚକ୍ଷୁରେ ଦେଖିବ ନାହିଁ। ମାତ୍ର ଲୋକମାନଙ୍କର କ୍ରିୟାକଳାପରୁ ଜଣାପଡୁଛି ସେମାନେ ଭଗବାନଙ୍କର ଅସ୍ତିତ୍ୱକୁ ଆଦୌ ସ୍ୱୀକାର ସୁଦ୍ଧା କରୁନାହାନ୍ତି। ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଇତ୍ୟାଦିକୁ ଯାଇ ଯେତେ ଉପାସନା ଇତ୍ୟାଦି କଲେ, ଯେତେ ମନ୍ତ୍ର ପଢ଼ିଲେ, ଯେତେ ମାଳି ଜପିଲେ ମଧ୍ୟ ସେମାନେ ପ୍ରକୃତରେ ନାସ୍ତିକ।

ଆଦର୍ଶ ଉପବୀତ ଗ୍ରହଣ ତତ୍ତ୍ୱ ବୈରାଗୀ ମିଶ୍ରଙ୍କର ୧୯୫୦ ଦଶକର ଏକ ବିଶିଷ୍ଟ ସାମାଜିକ ସଂସ୍କାର। ୧୯୫୪ ମସିହାରେ ବିଶ୍ୱକଲ୍ୟାଣ ସମିତି (ସେକ୍‌ବଜାର, କଟକ)ରେ ଥାଇ ଏହି ସମ୍ପର୍କିତ ଏକ ପୁସ୍ତକ ବୈରାଗୀ ମିଶ୍ର ଲେଖିଥିଲେ ଓ ପ୍ରକାଶ କରିଥିଲେ। ସେ ପ୍ରଥମେ ବର୍ଣ୍ଣାଶ୍ରମ ଧର୍ମ ବିଷୟରେ ଆଲୋଚନା କରିଥିଲେ। ହିନ୍ଦୁ ଧର୍ମର ଅନ୍ୟ ନାମ ବର୍ଣ୍ଣାଶ୍ରମ ଧର୍ମ। ଏହା ବର୍ଣ୍ଣ ଧର୍ମ ଓ ଆଶ୍ରମଧର୍ମ ଏହି ଦୁଇଟି ଧର୍ମର ସମଷ୍ଟି । ଏହା କୌଣସି ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ କିମ୍ବା ହିନ୍ଦୁ ସମ୍ପ୍ରଦାୟ ପାଇଁ ସୃଷ୍ଟି ହୋଇନଥିଲା। ସୃଷ୍ଟି ହୋଇଥିଲା ସମଗ୍ର ମାନବ ସମାଜ ପାଇଁ ତଥା ମାନବ ସମାଜର ପ୍ରତ୍ୟେକ ବ୍ୟକ୍ତିର ମଙ୍ଗଳପାଇଁ। ଶାସ୍ତ୍ର ମତରେ - ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରିବର୍ଣ୍ଣ ବ୍ୟତୀତ ପଞ୍ଚମ ବର୍ଣ୍ଣ ନାହିଁ। ଏହି ଚାରିବର୍ଣ୍ଣରୁ ପ୍ରତ୍ୟେକ ବର୍ଣ୍ଣ ଆଜି ଅସଂଖ୍ୟ ବର୍ଣ୍ଣରେ ବିଭକ୍ତ। ଏଣୁ ତାଙ୍କ ମତରେ ବର୍ଣ୍ଣଧର୍ମ ସମାଜରୁ ଆଜି ସମ୍ପୂର୍ଣ୍ଣ ରୂପେ ଲୁପ୍ତ ହୋଇସାରିଲାଣି। ବର୍ଣ୍ଣାଶ୍ରମ ଧର୍ମ ଅନୁସାରେ ପ୍ରତ୍ୟେକ ବ୍ୟକ୍ତିର ଜୀବନ କାଳ ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ୟାସ ଏହି ଚାରି ଆଶ୍ରମରେ ବା ଚାରିଭାଗରେ ବିଭକ୍ତ ଥିଲା। ଏହି ଚାରି ଆଶ୍ରମରୁ ପ୍ରଥମ, ତୃତୀୟ ଓ ଚତୁର୍ଥ ଏହି ତିନୋଟି ଆଶ୍ରମ ସମ୍ପୂର୍ଣ୍ଣ ରୂପେ ଲୁପ୍ତ ଏବଂ ରହିଛି କେବଳ କାମୋପଭୋଗ ଉପରେ ପ୍ରତିଷ୍ଠିତ ତଥାକଥିତ ଗୃହସ୍ଥାଶ୍ରମ ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଏକାଧିପତ୍ୟ ବିସ୍ତାର କରି ରହିଅଛି। ବର୍ଣ୍ଣାଶ୍ରମ ଧର୍ମ ଲୁପ୍ତ ହୋଇଥିଲେ ମଧ୍ୟ ପୂର୍ବପରି ତାହାକୁ ପ୍ରତିଷ୍ଠା କରିବା ପାଇଁ ବୈରାଗୀ ମିଶ୍ର ସ୍ପଷ୍ଟ ଭାବରେ ଇଛାପ୍ରକାଶ କରିଥିଲେ। ବର୍ଣ୍ଣାଶ୍ରମ

Digitized by srujanika@gmail.com

ଧର୍ମ ପୂର୍ବେ ଯେଉଁପରି ଥିଲା ଠିକ୍ ସେହିପରି ପ୍ରତିଷ୍ଠା ପାଇବ ଏହା ସେ କହିନଥିଲେ। ବର୍ଣ୍ଣାଶ୍ରମ ଧର୍ମକୁ ପୂର୍ବପରି ପ୍ରତିଷ୍ଠା କରିବାକୁ ହେବ, ଏକଥା କହିବାରେ ତାଙ୍କର ଅଭିପ୍ରାୟ ଥିଲା ବର୍ଣ୍ଣାଶ୍ରମଧର୍ମର ସାର୍ବଜନୀନତା ଓ ସନାତନତ୍ୱ ପୂର୍ବପରି ପ୍ରତିଷ୍ଠା କରିବାକୁ ହେବ। ବର୍ଣ୍ଣାଶ୍ରମ ଧର୍ମ ପ୍ରାଚୀନତମ ଧର୍ମ ଓ ସାର୍ବଜନୀନ ଧର୍ମ। ଏହାର ସାର୍ବଜନୀନତା ଲୁପ୍ତ ହେବାକୁ ଆରମ୍ଭ ହେବା ଦେଖି ନୂଆ ନୂଆ ଧର୍ମ ସଂସ୍ଥାପକମାନେ ନୂଆ ନୂଆ ଧର୍ମ ସବୁ ସୃଷ୍ଟି କରିଛନ୍ତି। ସେହି ଧର୍ମ ସଂସ୍ଥାପକମାନେ ମଧ୍ୟ ଭିନ୍ନ ଭିନ୍ନ ସମ୍ପ୍ରଦାୟ ପାଇଁ ସେହି ସବୁ ଧର୍ମ ସଂସ୍ଥାପନ କରିନାହାନ୍ତି। ସେମାନଙ୍କର ଅନ୍ଧାନୁସରଣକାରୀମାନେ ନିଜନିଜର ଧର୍ମ ସଂସ୍ଥାପକମାନଙ୍କ ନାମରେ ନୂଆ ନୂଆ ସମ୍ପ୍ରଦାୟ ସବୁ ସୃଷ୍ଟି କରି ବିଲୁଆ କୁକୁରଙ୍କ ପରି ଆପଣା ଆପଣା ମଧ୍ୟରେ ଯେପରି ବିଦ୍ୱେଷ ସୃଷ୍ଟି କରିଛନ୍ତି ତାହା ସମସ୍ତଙ୍କୁ ଅଜଣା ନାହିଁ ବୋଲି ସେ ମତ ଦେଇଥିଲେ।

ଅତୀତରେ ମହାପୁରୁଷମାନେ ସମସ୍ତ ସମାଜକୁ ସର୍ବପ୍ରଥମେ ଦ୍ୱିଜ ଓ ଶୂଦ୍ର ଏହି ଦୁଇ ଶ୍ରେଣୀରେ ବିଭକ୍ତ କରି ତାପରେ ଦ୍ୱିଜମାନଙ୍କୁ ଗୁଣ କର୍ମ ଅନୁସାରେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ଏହି ତିନି ଶ୍ରେଣୀରେ ବିଭକ୍ତ କରିଥିଲେ। ବୈରାଗୀ ମିଶ୍ର ଅସଂଖ୍ୟ ବର୍ଣ୍ଣରେ ବିଭକ୍ତ ହୋଇଥିବା ଉପସ୍ଥିତ ସମାଜକୁ ସର୍ବପ୍ରଥମେ ଦ୍ୱିଜ ଓ ଶୂଦ୍ର ଅର୍ଥାତ୍ ଉନ୍ନତ ଓ ଅନୁନ୍ନତ ଏହି ଦୁଇଶ୍ରେଣୀରେ ବିଭକ୍ତ କରିବାକୁ ଚାହିଁଥିଲେ। ଏହି ଦୁଇଶ୍ରେଣୀ ମଧ୍ୟରେ ଉଚ୍ଚ ଓ ନୀଚ ଭାବରେ କୌଣସି ପାର୍ଥକ୍ୟ ନାହିଁ ବୋଲି ସେ ମତ ଦେଇଥିଲେ।

ସେ ଲେଖିଥିଲେ - ଆମ୍ଭେମାନେ ଆଜି ଯାହାକୁ ଉନ୍ନତ ଅବସ୍ଥାରେ ଦେଖୁଅଛୁ କିମ୍ବା ଉନ୍ନତବୋଲି ମନେକରୁଅଛୁ ଦିନେ ସେ ନିଶ୍ଚୟ ଅନୁନ୍ନତ ଥିଲେ ଏବଂ ଆଜି ଯାହାକୁ ଆମ୍ଭେମାନେ ଅନୁନ୍ନତ ବୋଲି ଘୃଣା କରୁଅଛୁ ଦିନେ ସେ ନିଶ୍ଚୟ ଉନ୍ନତ ଅବସ୍ଥାରେ ଉପନୀତ ହେବେ। ବହିର୍ଜଗତରେ ଦୈନନ୍ଦିନ ଜୀବନରେ ଆମ୍ଭେମାନେ ଯାହାସବୁ ଦେଖୁଅଛୁ ଅନ୍ତର୍ଜଗତରେ ଠିକ୍ ସେହି ସବୁ କଥା ଅନ୍ୟଭାବରେ ରହିଅଛି। ସୃଷ୍ଟି କୌଶଳରଏସବୁ ନିୟମ ଉପଲବ୍ଧି କରିବା ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ। ଦ୍ୱିଜ ଓ ଶୂଦ୍ର ଅର୍ଥାତ୍ ଉନ୍ନତ ଓ ଅନୁନ୍ନତ ଏହି ଦୁଇଶ୍ରେଣୀରେ ବିଭକ୍ତ ହୋଇଥିବା ସମାଜ ଆଜି ଠକ ଓ ଅନ୍ଧ ଏହି ଦୁଇଶ୍ରେଣୀରେ ବିଭକ୍ତ ହୋଇଛି। ସତ୍ୟ, ସରଳତା, ତ୍ୟାଗ, ବିଶ୍ୱଭ୍ରାତୃତ୍ୱ, ବ୍ରହ୍ମଚର୍ଯ୍ୟ ଇତ୍ୟାଦି ଉପରେ ପ୍ରତିଷ୍ଠିତ ଧର୍ମସବୁ ଚିତା, ଚୁରୁକି, ଟୋପି, ଦାଢ଼ି, ଗେରୁଆ ଲୁଗା ଇତ୍ୟାଦି ବିଭିନ୍ନ ବେଶ ଉପରେ ପ୍ରତିଷ୍ଠିତ। ଏହି ଛଦ୍ମବେଶଧାରୀ ଠକମାନଙ୍କଠାରେ କିମ୍ବା ଅନ୍ଧମାନଙ୍କଠାରେ ଦୋଷାରୋପ କରି

Digitized by srujanika@gmail.com

ନିଜେ ନିଶ୍ଚେଷ୍ଟ ରହିବା ଉଚିତ ନୁହେଁ। ଆମ୍ଭେମାନେ ଅନ୍ଧହୋଇ ରହିଥିବାରୁ ଏହି ଠକମାନଙ୍କର ସୃଷ୍ଟି ଏବଂ ଆମ୍ଭେମାନେ ଅନ୍ଧହୋଇ ରହିଥିବା ଯାଏ ଠକମାନେ ରହୁଥିବେ। ଆମ୍ଭମାନଙ୍କର ପ୍ରତ୍ୟେକଙ୍କ ସର୍ବପ୍ରଧାନ କର୍ତ୍ତବ୍ୟ ହେଉଛି ନିଜ ନିଜର ଅନ୍ଧତା ଦୋଷ ଦୂରକରିବା।

ଦ୍ୱିଜଶବ୍ଦର ଅର୍ଥ ଦ୍ୱିତୀୟବାର ଜନ୍ମ। ଏହାକୁ ବୈରାଗୀ ମିଶ୍ର ପୂର୍ଣ୍ଣପ୍ରାଣରେ ସମର୍ଥନ କରିଥିଲେ। ପ୍ରଥମବାର ଜନ୍ମ ହେଉଛି ପିତାଙ୍କର ଔରସରେ ମାତୃଗର୍ଭରୁ ଦେହଭାବରେ ଏବଂ ଦ୍ୱିତୀୟବାର ଜନ୍ମ ହେଉଛି ପ୍ରକୃତିର ଗର୍ଭରୁ ଭଗବାନଙ୍କର ଅଂଶ ଭାବରେ ବା ସନ୍ତାନ ଭାବରେ ବା ଆତ୍ମାଭାବରେ। ଏହି ପରି ଅର୍ଥକୁ ଗ୍ରହଣକରି ବୈରାଗୀ ମିଶ୍ର ଲେଖିଥିଲେ - ଯେଉଁ ଅବସ୍ଥାରେ ଉପନୀତ ହେଲେ ମନୁଷ୍ୟ ନିଜକୁ ନିଜର ଦେହବୋଲି ନଜାଣି ନିଜକୁ ଭଗବାନଙ୍କର ସନ୍ତାନ ବା ଅଂଶ ବା ଆତ୍ମାବୋଲି ଉପଲବ୍ଧି କରେ, ସେହି ଅବସ୍ଥାର ନାମ ଶାସ୍ତ୍ରୋକ୍ତ ଦ୍ୱିଜତ୍ୱ ବା ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ। ଏହି ଦ୍ୱିଜତ୍ୱ ବା ବ୍ୟକ୍ତିତ୍ୱ ଉପଲବ୍ଧି କଲେ ଆମ୍ଭେମାନେ ନିଜକୁ ଅନ୍ୟଠାରୁ ଉଚ୍ଚ କିମ୍ବା ନୀଚ ମନେ ନକରି ଅନ୍ୟମାନଙ୍କ ସଙ୍ଗେ ସମାନ ବୋଲି ଜାଣିପାରିବୁ। ଏହି ସମତା ବା ଦ୍ୱିଜତ୍ୱ ଉପଲବ୍ଧି ନକରିବା ପର୍ଯ୍ୟନ୍ତ ମନୁଷ୍ୟ ଭଗବାନଙ୍କର ପୂଜା କରିପାରିବ ନାହିଁ। ଏହି ସମତା ବା ଦ୍ୱିଜତ୍ୱ ଉପଲବ୍ଧି କରିବା ଶାସ୍ତ୍ରୋକ୍ତ ଶୂଦ୍ର ପକ୍ଷରେ ବା ଅନୁନ୍ନତ ବ୍ୟକ୍ତି ପକ୍ଷରେ ସମ୍ଭବପର ନୁହେଁ। ଏହା ଶାସ୍ତ୍ରୋକ୍ତ ଅନ୍ୟ ତିନିବର୍ଣ୍ଣ ପକ୍ଷରେ ଅର୍ଥାତ୍ ଉନ୍ନତ ବ୍ୟକ୍ତି ପକ୍ଷରେ ସମ୍ଭବପର। ଶାସ୍ତ୍ରମାନଙ୍କରେ ଏପରି ଯୁକ୍ତିଯୁକ୍ତ ବ୍ୟବସ୍ଥା ରହିଥିଲେ ମଧ୍ୟ ବ୍ରାହ୍ମଣମାନେ ନିଜଜାତିଟିକୁ ଦ୍ୱିଜ ଜାତି କହି ଅନ୍ୟ ସମସ୍ତଙ୍କୁ ଶୂଦ୍ର ଶ୍ରେଣୀରେ ରଖିଛନ୍ତି। ବର୍ଣ୍ଣାଶ୍ରମଧର୍ମ ପ୍ରତିଷ୍ଠା କରିବାକୁ ହେଲେ ଅଂସଖ୍ୟବର୍ଣ୍ଣରେ ବିଭକ୍ତ ହୋଇଥିବା ସମାଜକୁ ସର୍ବପ୍ରଥମେ ଉନ୍ନତ ବା ଦ୍ୱିଜ ଓ ଅନୁନ୍ନତ ବା ଶୂଦ୍ର ଏହି ଦୁଇ ଶ୍ରେଣୀରେ ବିଭକ୍ତ କରିବାକୁ ହେବ ବୋଲି ସେ ମତ ଦେଇଥିଲେ। ଏଥିରୁ ବୈରାଗୀ ମିଶ୍ରଙ୍କର ସଂସ୍କାର ଜୀବନର ଏକ ଦିଗ ଆବିଷ୍କାର କରାଯାଇପାରେ। ତାହା ହେଲା ବୈରାଗୀ ମିଶ୍ର ଜାତିବିହୀନ ସମାଜ ପାଇଁ ଉଦ୍ୟମ କରିନଥିଲେ। ସେ ପୁଣି ଲେଖିଥିଲେ-ଦ୍ୱିଜ ସମାଜରେ ପ୍ରକୃତରେ କୌଣସି ସଂସ୍କାର ନାହିଁ, ଅଛି କେବଳ ବ୍ରାହ୍ମଣ ଜାତିର ପଇତା ପିନ୍ଧିବା କର୍ମର ଅନ୍ଧାନୁସରଣ, ସେହି ପଇତା ପିନ୍ଧିବା କର୍ମର ଅନ୍ଧାନୁସରଣ ଦିନ ଆଉ ୯ଟି କର୍ମର ମଧ୍ୟ ଅନ୍ଧାନୁସରଣ କରାଯାଉଛି। ଏହି ସବୁ ଅଶାସ୍ତ୍ରୀୟ, ଅଯୌକ୍ତିକ ଓ ହାସ୍ୟାସ୍ପଦ ଅନ୍ଧାନୁସରଣ ଓ ବୃଥାଡମ୍ବର ପୁତ୍ର କନ୍ୟାମାନଙ୍କର ପକ୍ଷରେ ବିଶେଷ ଅନିଷ୍ଟପ୍ରଦ।

Digitized by srujanika@gmail.com

ଶାସ୍ତ୍ର ଅନୁସାରେ ଉପନୟନ ସଂସ୍କାର କରିବାର ସମୟ ହେଉଛି ପିଲାଟିର ଅଷ୍ଟମ ବର୍ଷ । ଉପନୟନ ସଂସ୍କାରର ଅନ୍ଧାନୁସରଣ କରିବା ଯଦି ସମାଜ ପକ୍ଷରେ ମଙ୍ଗଳପ୍ରଦ ତେବେ ତାହା ଅଷ୍ଟମ ବର୍ଷରେ କରାନଯାଇ ପିଲାଟିର ବୟସ ୧୫,୧୬ ହେବା ଯାଏଁ ରଖାଯାଉଅଛି କାହିଁକି ?

ଏହାର ଦୁଇଟି କାରଣ ସେ ଦର୍ଶାଇଛନ୍ତି ।

୧. ସମାଜରେ ଗୁରୁ, ଗୁରୁଗୃହ, ବ୍ରହ୍ମଚର୍ଯ୍ୟ ଶିକ୍ଷା ଇତ୍ୟାଦି କିଛି ନଥିବାରୁ ଅଧିକାଂଶ ଲୋକେ ବୁଝିସାରିଲେଣି ଯେ ଉପନୟନ ସଂସ୍କାରର କୌଣସି ମୂଲ୍ୟନାହିଁ ।

୨. ନିଜର ଶକ୍ତି ଅନୁସାରେ କିମ୍ବା ସାମାଜିକ ମର୍ଯ୍ୟାଦା ଅନୁସାରେ ବୃଥାଡମ୍ବର ଦେଖାଇବା ପାଇଁ ଅର୍ଥାଭାବ । ତାଙ୍କ ମତାନୁସାରେ ସମାଜରେ ଗୁରୁ କିମ୍ବା ଗୁରୁଗୃହ କିମ୍ବା ବ୍ରହ୍ମଚର୍ଯ୍ୟ ଶିକ୍ଷା କିମ୍ବା ବେଦାଧ୍ୟୟନ ଇତ୍ୟାଦି କଛି ନଥିବାରୁ ଉପନୟନ, ବେଦାରମ୍ଭ; ସମାବର୍ତ୍ତନ ଇତ୍ୟାଦି ସଂସ୍କାର ସବୁର ଅନ୍ଧାନୁସରଣ ସମାଜରୁ ଉଠିଯିବା ଉଚିତ । ସବୁପ୍ରକାର ଅନ୍ଧାନୁସରଣ ଓ ବୃଥାଡମ୍ବର ବାଦ ଦିଆଯାଇ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ କେବଳ ଉପବୀତ ଗ୍ରହଣ କର୍ମଟି ସମ୍ପନ୍ନ କରାଯିବା ଉଚିତ । ଏହି କର୍ମପାଇଁ ଆବଶ୍ୟକୀୟ ମନ୍ତ୍ର, ଗାୟତ୍ରୀ ଏବଂ ଯଜ୍ଞ ବା ହୋମର ଅର୍ଥ ଓ ଆବଶ୍ୟକତା ପିତାମାତାଙ୍କୁ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବୁଝାଇ ଦିଆଯିବା ଉଚିତ କିମ୍ବା ସେମାନେ ନିଜେ ନିଜେ ବୁଝିବା ଉଚିତ । ପୁତ୍ର କନ୍ୟାମାନଙ୍କୁ ଓ ଛାତ୍ର ଛାତ୍ରୀମାନଙ୍କୁ ତଦନୁସାରେ ଜୀବନ ଗଠନ କରିବାକୁ ସେ ଉପଦେଶ ଦେଇଥିଲେ । ୧୯୪୧ ମସିହାରେ ପ୍ରକାଶିତ **ଅନ୍ଧ ଅନୁସରଣ ଓ ଉପନୟନ** ପୁସ୍ତକରେ ବୈରାଗୀ ମିଶ୍ର ଉପନୟନ ସଂସ୍କାର ଦିନ ନଅଟି କର୍ମର ଅନ୍ଧାନୁସରଣ କରିବା ଅଶାସ୍ତ୍ରୀୟ ଓ ଅଯୌକ୍ତିକ ବୋଲି ଦର୍ଶାଇଥିଲେ । ବ୍ରତଘର ଦିନ ଅନ୍ୟ ନଅଟି କର୍ମ କରାନଯାଇ କେବଳ ଉପନୟନ କର୍ମଟି କରାଯିବା ଉଚିତ ବୋଲି ସେ କହିଥିଲେ । ସେହି ବର୍ଷ ଦୁଇଟି ପିଲାଙ୍କର ଉପନୟନ କର୍ମ କରାଇଥିଲେ । ପରେ ସେ ବୁଝିଲେ ଯେ ଗୁରୁ, ଗୁରୁଗୃହ, ବେଦଶିକ୍ଷା ଇତ୍ୟାଦି କିଛି ନଥିବା ସ୍ଥଳେ ଉପନୟନ କର୍ମ ମଧ୍ୟ ସମ୍ପୂର୍ଣ୍ଣ ଅନାବଶ୍ୟକ । ସେଥିପାଇଁ ୧୯୫୩ ମସିହାରେ ପିଲାଙ୍କର ଉପବୀତ ଗ୍ରହଣ କର୍ମ ସେ ନିଜ ପୌରହିତ୍ୟରେ କରାଇଥିଲେ । ୧୯୫୪ ମସିହାରେ ୨୦ଟି ବ୍ରାହ୍ମଣ ପିଲାଙ୍କର ଉପବୀତ ଗ୍ରହଣ କର୍ମ ବିଶ୍ୱକଲ୍ୟାଣ ଆଶ୍ରମରେ କରାଯାଇଥିଲା । କେଉଁ ପ୍ରଣାଳୀରେ ଉପବୀତ ଗ୍ରହଣ କରାଯିବା ଉଚିତ ତାହା ସେ **ଆଦର୍ଶ ଉପବୀତ ଗ୍ରହଣ** ପୁସ୍ତକରେ ପ୍ରକାଶ କରିଥିଲେ । ସେ କହିଥିଲେ ସେହି ପଦ୍ଧତି ମନକୁ ଗଲେ ତାହା ଗ୍ରହଣ

Digitized by srujanika@gmail.com

କରାଯାଇ ପାରେ। ମନକୁ ନଗଲେ ଅନ୍ୟକୌଣସି ବିବେକାନୁମୋଦିତ ପ୍ରଣାଳୀ ଅବଲମ୍ବନ କରାଯିବା ପାଇଁ ସେ ପରାମର୍ଶ ଦେଇଥିଲେ। ମାତ୍ର ତାଙ୍କ ମତାନୁସାରେ ପୁଂସବନଠାରୁ ସମାବର୍ତ୍ତନ ପର୍ଯ୍ୟନ୍ତ ଦଶକର୍ମର ଅନ୍ଧାନୁସରଣ କରିବା ଅନୁଚିତ।

ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡମ୍ବର ବା ଅହମିକାରୁ ମୁକ୍ତ ନହେବା ଯାଏ, ଯେତେ ଉପାଧି ହାସଲ କଲେ ମଧ୍ୟ, ଯେତେ କ୍ଷମତା ଲାଭ କରିଥିଲେ ମଧ୍ୟ ଆମ୍ଭେମାନେ ମନୁଷ୍ୟ ନୋହୁଁ - ଏକଥା ବୈରାଗୀ ମିଶ୍ର ସ୍ପଷ୍ଟ ଭାବରେ ତାଙ୍କ **ଫଳିତ ଜ୍ୟୋତିଷ ଓ ମିଥ୍ୟା ପ୍ରଚାର** ପୁସ୍ତକରେ ଲେଖିଥିଲେ - ଅନେକ ଲୋକ ଅନେକ ଉପାଧି ହାସଲ କଲେ, ଅନେକ କ୍ଷମତା ଲାଭ କଲେ, ମାତ୍ର ଦେଶବାସୀଙ୍କର ଅନ୍ଧତାଦୋଷ ଦୂରହେବା ତେଣିକି ଥାଉ ବରଂ ବୃଦ୍ଧିପାଇବାରେ ଲାଗୁଛି। ଦେଶର ଉପାଧିଧାରୀ ତଥାକଥିତ ବିଶିଷ୍ଟ ବ୍ୟକ୍ତିମାନେ ଯଜ୍ଞ କରି ଘିଅ ପୋଡ଼ି ବିଶ୍ୱଶାନ୍ତି ଓ ବିଶ୍ୱଭ୍ରାତୃତ୍ୱ ସ୍ଥାପନ କରିବାରେ ଲାଗିଛନ୍ତି। ଘିଅ ପୋଡ଼ିଲେ ବର୍ଷାହେବ, ତିଳତର୍ପଣ କଲେ ପରଲୋକରେ ମୃତବ୍ୟକ୍ତିର ସଦ୍‌ଗତି ହେବ ଇତ୍ୟାଦି ଅସଂଖ୍ୟ ପ୍ରକାର ଅନ୍ଧବିଶ୍ୱାସ ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନଙ୍କ ଭିତରେ ଦେଖାଯାଉଛି। ଆମ୍ଭେମାନେ ଯେ ପ୍ରତିଦିନ ଧ୍ୱଂସପଥରେ ଅଗ୍ରସର ହୋଇ ଆଜି ଏହି ସଂକଟାପନ୍ନ ଅବସ୍ଥାରେ ଉପନୀତ ହେଲୁଣି ତାହା କାହାରିକୁ ଦେଖାଯାଉନାହିଁ। ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣରେ ବହୁକାଳରୁ ଅଭ୍ୟସ୍ତ ରହି ଆମ୍ଭେମାନେ ଆମ୍ଭମାନଙ୍କର ସ୍ୱାଧୀନ ଚିନ୍ତାରେ ଚାପି ଦେଇ ଅନ୍ଧଭାବରେ ଜୀବନଯାତ୍ରା ନିର୍ବାହ କରୁଅଛୁ। ଅନ୍ଧର ଯେଉଁ ଦୁରବସ୍ଥା, ଆମ୍ଭମାନଙ୍କର, ପ୍ରତ୍ୟେକଙ୍କର ତେଣୁ ସମସ୍ତ ମାନବସମାଜର ସେହି ଦୁରବସ୍ଥା। ହିନ୍ଦୁ, ମୁସଲମାନ, କମ୍ୟୁନିଷ୍ଟ, ସୋସିଆଲିଷ୍ଟ ଇତ୍ୟାଦି ବିଭିନ୍ନ ସମ୍ପ୍ରଦାୟରେ ଆବଦ୍ଧ ରହିଥିବାରୁ ଆମ୍ଭେମାନେ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିଗତ ସ୍ୱାଧୀନ ଚିନ୍ତା ହରାଇବସିଛୁ। ଏହି ଅନ୍ଧତା ଦୋଷରୁ ମୁକ୍ତ ନହେବା ଯାଏ ଆମର ସମସ୍ତ ଚେଷ୍ଟା ବିଫଳ ହୋଇଅଛି ଓ ହେଉଥିବ। ଅନ୍ଧତା ଦୋଷରୁ ମୁକ୍ତ ହେବା ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସର୍ବପ୍ରଧାନ ଓ ସର୍ବପ୍ରଥମ କର୍ତ୍ତବ୍ୟ। ଏଥିପାଇଁ କୌଣସି ଗୁରୁ କିମ୍ବା ନେତା କିମ୍ବା କୌଣସି ଶାସ୍ତ୍ରଜ୍ଞାନ ଉପରେ ନିର୍ଭର କରିବାକୁ ହେବନାହିଁ। ସମସ୍ତ ବିଶ୍ୱର ମଙ୍ଗଳ ପ୍ରତ୍ୟେକ ବ୍ୟକ୍ତିର ମଙ୍ଗଳ ଉପରେ, ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ଚିନ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ।

୧୯୬୨ ମସିହାରେ ବୈରାଗୀ ଚରଣ ମିଶ୍ର ବିଶ୍ୱକଲ୍ୟାଣ ସମିତି ଶେଖ୍ ବଜାର (କଟକ)ରୁ **ବ୍ୟକ୍ତି ଓ ସମାଜ** ଶୀର୍ଷକ ପୁସ୍ତକ ଲେଖି ପ୍ରକାଶ କରିଥିଲେ। ଏହା ତାଙ୍କର ହେତୁବାଦୀ ଦୃଷ୍ଟିକୋଣର ସର୍ବୋତ୍କୃଷ୍ଟ ଉଦାହରଣ। ଲେଖକ ସମାଜକୁ

Digitized by srujanika@gmail.com

ବ୍ୟକ୍ତିମାନଙ୍କର ସମଷ୍ଟି ବୋଲି ଗ୍ରହଣ କରନ୍ତି। ସମାଜକୁ ବ୍ୟକ୍ତି ସୃଷ୍ଟି କରିଛି ବୋଲି ସେ ଦୃଢ଼ଭାବରେ ଗ୍ରହଣ କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଭଲ ହେଲେ ସମସ୍ତ ସମାଜ ସେହି ପରିମାଣରେ ଭଲହେବ। ବ୍ୟକ୍ତିମାନେ ଖରାପହେଲେ ସମାଜ ମଧ୍ୟ ଖରାପ ହୋଇଯିବ। ସତ୍ୟାସତ୍ୟ, ନ୍ୟାୟାନ୍ୟାୟ, ଭଲମନ୍ଦ ଇତ୍ୟାଦି ବିଚାର କରି କର୍ମ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିର ବିବେକ ଶକ୍ତି ଅଛି। ସମାଜର ସେହି ବିବେକ ଶକ୍ତି ନାହିଁ। ସମାଜ ଅନ୍ଧତା ଦୋଷରେ ଏବଂ ମିଥ୍ୟା କପଟତା, ଈର୍ଷା, ହିଂସା ଇତ୍ୟାଦିରେ ପୂର୍ଣ୍ଣ ହେବାର କାରଣ ପ୍ରତ୍ୟେକ ବ୍ୟକ୍ତି ଏସବୁ ଦୋଷରେ ପୂର୍ଣ୍ଣ। ବ୍ୟକ୍ତିମାନେ ଏସବୁ ଦୋଷରୁ ମୁକ୍ତ ନହେବା ଯାଏ ସମାଜ ମୁକ୍ତ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ତାଙ୍କ ମତରେ ଆବହମାନ କାଳରୁ ସମାଜବଦ୍ଧ ହୋଇ ରହିଥିବାରୁ ଏବଂ ସମାଜର ଅଧିକାଂଶ ଲୋକ ଯାହା କରୁଛନ୍ତି ସେସବୁର ଅନ୍ଧାନୁସରଣରେ ଅଭ୍ୟସ୍ତ ରହିଥିବାରୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସ୍ୱାଧୀନ ଚିନ୍ତାରେ ଓ ବିବେକ ବୁଦ୍ଧିରେ ଚାବିଦେଇ ଅନ୍ଧଭାବରେ କାଳଯାପନ କରୁଛି। ସେଥିପାଇଁ ବ୍ୟକ୍ତିମାନଙ୍କର ଧାରଣା ଏହିକିଯେ ସମାଜ ଭଲ ହେଲେ କିମ୍ବା ସମାଜକୁ ଭଲ କରିପାରିଲେ ସମାଜର ଅନ୍ଧାନୁସରଣ କରି ପ୍ରତ୍ୟେକ ବ୍ୟକ୍ତି ଭଲ ହେବେ। ମାତ୍ର ବୈରାଗୀ ମିଶ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭ୍ରାନ୍ତ ଓ ଅଯୌକ୍ତିକ ବୋଲି ମନେ କରିଛନ୍ତି। ପ୍ରତ୍ୟେକ ବ୍ୟକ୍ତି ଭଲ ନହେବା ଯାଏ ସମାଜ ଭଲ ହୋଇପାରିବ ନାହିଁ। ଏକାଦିନକରେ ସମସ୍ତେ ଭଲ ହୋଇଯିବେ-ଏକଥା ମିଶ୍ର ମହାଶୟ କଦାପି ସ୍ୱୀକାର କରନ୍ତି ନାହିଁ। ତାଙ୍କ ମତରେ ଜଣେ ବ୍ୟକ୍ତି ଭଲହେଲେ ସମାଜ ସେହି ପରିମାଣରେ ଭଲହେବ ଏବଂ ସେହି ଜଣେ ବ୍ୟକ୍ତିର ଆଦର୍ଶରେ କ୍ରମେ ସମସ୍ତ ସମାଜ ଭଲ ହୋଇଯିବ। ମହାତ୍ମା ଗାନ୍ଧୀଙ୍କ ରାମରାଜ୍ୟ ସ୍ଥାପନର ଅର୍ଥ ଏହା ବୋଲି ସେ ଘୋଷଣା କରିଥିଲେ। ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡମ୍ବର ହିଁ ସାମାଜିକ ଅଶାନ୍ତିର ମୂଳ। ଲୋକେ କିପରି ଅନ୍ଧତା ଦୋଷରୁ ମୁକ୍ତ ହୋଇ ସତ୍ୟର ପରିଚୟ ପାଇବେ ଏବଂ ଗହଣା, ପୋଷାକ ପରିଛଦ ଓ ନ୍ୟାୟନିମିତ୍ତ ଇତ୍ୟାଦିରେ ବୃଥାଡମ୍ବର ପରିତ୍ୟାଗ କରି ଜୀବନ ଯାତ୍ରାକୁ ସରଳ ଓ ସୁଖମୟ କରିବେ ଏହି ଉଦ୍ଦେଶ୍ୟରେ ସମାଜର ବିଶିଷ୍ଟ ବ୍ୟକ୍ତିମାନେ ଯଦି ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡମ୍ବର ପରିତ୍ୟାଗ କରନ୍ତି ତେବେ ସେମାନଙ୍କର ଆଦର୍ଶରୁ ପ୍ରତ୍ୟେକ ବ୍ୟକ୍ତିଙ୍କର ଦୁରବସ୍ଥା ଦୂର ହୋଇଯିବ। ମାତ୍ର ସେମାନେ ନିଜର ଦୋଷ ବୁଝୁନାହାନ୍ତି କିମ୍ବା କ୍ଷମତାରେ ଅନ୍ଧହୋଇ ନିଜର ଦୋଷସବୁ ଛାଡିବାକୁ କର୍ତ୍ତବ୍ୟବୋଧ କରୁନାହାନ୍ତି ବୋଲି ବୈରାଗୀ ମିଶ୍ର ଅଭିଯୋଗ କରିଥିଲେ। ଲୋକେ ଯାବତୀୟ ଅନ୍ଧବିଶ୍ୱାସ, ଅନ୍ଧାନୁସରଣ ଓ ବୃଥାଡମ୍ବର ପରିତ୍ୟାଗ କରି ସମ୍ପୂର୍ଣ୍ଣ ନୂଆ ପ୍ରଣାଳୀରେ ଚିନ୍ତା କରିବା

Digitized by srujanika@gmail.com

ଉଚିତ ଏବଂ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ ଜୀବନ ଗଠନ କରିବା ଉଚିତ-ଏପରିକି ମହାତ୍ମା ଗାନ୍ଧୀ ଓ ପଣ୍ଡିତ ନେହେରୁଙ୍କ ଉପଦେଶ ଲୋକମାନେ ଗ୍ରହଣ କରିବା ଉଚିତ ବୋଲି ସେ ମନେ କରିଥିଲେ। ଅଭ୍ୟାସ ଦୋଷରୁ ଆଳସ୍ୟ ବୃଦ୍ଧିପାଇଛି। ତେଣୁ ନୂଆ ପ୍ରଣାଳୀରେ ଚିନ୍ତା କରିବା ଏବଂ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ କର୍ମ କରିବା କଷ୍ଟସାଧ୍ୟ ହୋଇପଡିଛି। ସମାଜ କିପରି ଭଲ ହେବ ଏଥିପାଇଁ ଦେଶର ନେତାମାନେ ଓ ବିଶିଷ୍ଟ ବ୍ୟକ୍ତିମାନେ ନାନାପ୍ରକାର ଭାଷଣ ଦେବାରେ ଓ ପତ୍ର ପତ୍ରିକାରେ ନାନା ପ୍ରକାର ଆଲୋଚନା କରିବାରେ ଲାଗିଛନ୍ତି। ମାତ୍ର ମିଶ୍ର ଅଭିଯୋଗ କରନ୍ତି ଯେ ପ୍ରତ୍ୟେକ ବ୍ୟକ୍ତି କିପରି ଅନ୍ଧତା ଦୋଷରୁ ଓ ବୃଥାଡମ୍ବର ଦୋଷରୁ ମୁକ୍ତ ହେବ, ଏଦିଗରେ ସେମାନଙ୍କର ଦୃଷ୍ଟିନାହିଁ। ଅନ୍ୟପକ୍ଷରେ ସେମାନେ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଲୋପ କରିବାରେ ଲାଗିଛନ୍ତି। ଦେଶ ପରାଧୀନ ଥିଲାବେଳେ ଦେଶର ଶାସକମାନଙ୍କର ଧାରଣା ଥିଲା ଯେ ଲୋକଙ୍କର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଲୋପକଲେ ଲୋକେ ସେମାନଙ୍କର ଆଦେଶ ମାନି ଚଳିବେ ଏବଂ ଏହା ଫଳରେ ସେମାନଙ୍କର ଶାସନ ଦୃଢ଼ ହେବ। ମାତ୍ର ବିଂଶ ଶତକର ଷଷ୍ଠ ଦଶନ୍ଧିରେ ମଧ୍ୟ ଦେଶର ନେତାମାନେ ସେହି ଶାସକମାନଙ୍କର କ୍ରିୟା କଳାପର ଅନ୍ଧାନୁସରଣ କରି ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟକୁ ଲୋପକରିବାରେ ଲାଗିଛନ୍ତି ବୋଲି ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ସେ ଏ ସମ୍ପର୍କରେ ଏକ ଉଦାହରଣ ଦେଇଥିଲେ। ପ୍ରେସିଡେଣ୍ଟ ରାଜେନ୍ଦ୍ର ପ୍ରସାଦ ଅସୁସ୍ଥ ଥିବାରୁ ସେତେବେଳର ଭାଇସ୍ ପ୍ରେସିଡେଣ୍ଟ ସାର୍ ରାଧାକୃଷ୍ଣନ୍ ନିର୍ଦ୍ଦେଶ ଦେଲେ ଯେ ତାଙ୍କର ଆରୋଗ୍ୟ ପାଇଁ ସମସ୍ତେ ଜୁଲାଇ ୨୬ ତାରିଖ ଦିନ ପ୍ରାର୍ଥନା କରିବେ ଏବଂ ଏହି ନିର୍ଦ୍ଦେଶ ଅନୁସାରେ ପ୍ରାର୍ଥନା ସଭାସବୁ ଦେଶରେ ପ୍ରାୟ ସର୍ବତ୍ର ଅନୁଷ୍ଠିତ ହୋଇଗଲା। ରାଜେନ୍ଦ୍ର ପ୍ରସାଦଙ୍କ ଆରୋଗ୍ୟ ପାଇଁ କାହାରି ଇଛା ଥାଉ ବା ନଥାଉ ସମସ୍ତେ ପ୍ରାର୍ଥନା ସଭାକରି ପ୍ରାର୍ଥନା କଲେ। ସରଳମତୀ ଛାତ୍ରଛାତ୍ରୀମାନେ ମଧ୍ୟ ପ୍ରାର୍ଥନାସଭା ସବୁ କରି ପ୍ରାର୍ଥନା କରିବାର ଅନ୍ଧାନୁସରଣ କଲେ। ମନ୍ଦିର, ମସ୍‌ଜିଦ୍, ଗୀର୍ଜା ଇତ୍ୟାଦିରେ ଗୀତା, କୋରାନ, ବାଇବେଲ ଇତ୍ୟାଦି ଧର୍ମଗ୍ରନ୍ଥ ପାରାୟଣ କରାଗଲା। ଏପରି ମିଥ୍ୟାଚାର, ଏପରି ବାଧ୍ୟତାମୂଳକ ପ୍ରାର୍ଥନା ଓ ଅନ୍ଧାନୁସରଣ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟରେ କିପରି ଭାବରେ କୁଠାରାଘାତ କରୁଛି ତାହା ବୈରାଗୀ ମିଶ୍ର ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ସେ କହିଥିଲେ- ପ୍ରାର୍ଥନା କରିବା ଫଳରେ ଅସୁସ୍ଥ ବ୍ୟକ୍ତି ରୋଗମୁକ୍ତ ହେବ, ଏପରି ଅନ୍ଧବିଶ୍ୱାସ ସମ୍ପୂର୍ଣ୍ଣ ଅଯୌକ୍ତିକ ଓ ଅନିଷ୍ଟପ୍ରଦ। ଏହି ଅନ୍ଧବିଶ୍ୱାସ ଯୋଗୁଁ ଲୋକେ ଉପଯୁକ୍ତ ଚିକିତ୍ସାରେ ଅବହେଳା କରନ୍ତି। ସେଥିପାଇଁ ଅର୍ଥବ୍ୟୟ ନକରି କିଏ ଗ୍ରହ ପୂଜା କରନ୍ତି, କିଏ

Digitized by srujanika@gmail.com

ଠାକୁରାଣୀଙ୍କୁ ବୋଦା ଯାଚନ୍ତି ଇତ୍ୟାଦି। କୌଣସି ସମ୍ପୂର୍ଣ୍ଣ ଅଜଣା ଓ ଅଚିନ୍ତ୍ୟ ସତ୍ତାକୁ ପ୍ରାର୍ଥନା କରିବା ସମ୍ପୂର୍ଣ୍ଣ ଅଯୌକ୍ତିକ ହେଲେ ମଧ୍ୟ ପୃଥିବୀର ସବୁ ସମ୍ପ୍ରଦାୟର ଲୋକେ ଆବହମାନ କାଳରୁ ବିଭିନ୍ନ ପ୍ରଣାଳୀରେ ପ୍ରାର୍ଥନା କରିବାର ଅନ୍ଧାନୁସରଣରେ ବ୍ୟସ୍ତ। ପ୍ରାର୍ଥନା କରିବାରେ କୌଣସି ମୂଲ୍ୟ ନାହିଁ। ବରଂ ପ୍ରାର୍ଥନା କରିବା ଦ୍ୱାରା ଆତ୍ମନିର୍ଭରଶୀଳତା ନଷ୍ଟ ହୁଏ। ପ୍ରାର୍ଥନା କରିବାରେ ସମୟ ନଷ୍ଟ ନକରି ସେହି ସମୟରେ ନିଜର କୌଣସି କର୍ତ୍ତବ୍ୟ କର୍ମ କରିବା ଉଚିତ୍। ସେ ଭଗବତ୍ ଗୀତାର ଯୁକ୍ତିନିଷ୍ଠ ବିଶ୍ଳେଷଣ ଉପରେ ସର୍ବଦା ଗୁରୁତ୍ୱ ଦେଇଥିଲେ। ତାଙ୍କମତରେ ଗୀତାର ନୂତନ ଶିକ୍ଷା ଗ୍ରହଣ କରିପାରିଲେ ଆମ୍ଭେମାନେ ଯାବତୀୟ ଅନ୍ଧବିଶ୍ୱାସ ଓ ଅନ୍ଧାନୁସରଣ ପରିତ୍ୟାଗ କରି ବ୍ୟକ୍ତିଗତ ସ୍ୱାତନ୍ତ୍ୟ, ବ୍ୟକ୍ତିଗତ ପୂର୍ଣ୍ଣତା, ବ୍ୟକ୍ତିଗତ ସ୍ୱାଧୀନତା ଓ ବ୍ୟକ୍ତିଗତ ସମତାର ମୂଲ୍ୟ ବୁଝିପାରିବା ଏବଂ ଅନ୍ଧତା ଦୋଷରୁ ମୁକ୍ତ ହୋଇ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ ଜୀବନ ଗଠନ କରିପାରିବା। ବିବେକ ବୁଦ୍ଧିହୀନ ବ୍ୟକ୍ତିକୁ ନେଇ ସମାଜକୁ ଦୃଢ଼ ଭାବରେ ଗଠନ କରିବାକୁ ଉଦ୍ୟମ କରିବା ଓ ଭଙ୍ଗାଇଟା ସବୁନେଇ ସୁଦୃଢ଼ କୋଠାଟିଏ ଗଠନ କରିବାକୁ ଉଦ୍ୟମ କରିବା ଏ ଦୁହେଁ ଏକା କଥା। ଗୀତାରେ ଅର୍ଜ୍ଜୁନ ନିଜର ସ୍ୱଭାବନିୟତ କର୍ତ୍ତବ୍ୟ କର୍ମରୁ ନିବୃତ୍ତ ହୋଇ କ୍ଳୀବତା ବା ଜଡ଼ତା ଅବଲମ୍ୱନ କରିଥିବାରୁ ଶ୍ରୀକୃଷ୍ଣ ତାଙ୍କୁ କହିଥିଲେ - ମା କ୍ଳୈବ୍ୟଂ ଗଚ୍ଛ କୌନ୍ତେୟ, ଅର୍ଥାତ୍ ହେ କୁନ୍ତିପୁତ୍ର ଅର୍ଜ୍ଜୁନ, ତୁମେ କ୍ଳୀବତା ଅବଲମ୍ୱନ କରନାହିଁ। ବୈରାଗୀ ମିଶ୍ର ଏହି ଶ୍ଳୋକ ଅବଲମ୍ୱନ କରି ଲେଖିଛନ୍ତି - ଅର୍ଜ୍ଜୁନଙ୍କ କ୍ଳୀବତା ଅବଲମ୍ୱନ କରିବାର ପ୍ରଧାନ କାରଣ ଏହିକି କୁଳଧର୍ମ, ଜାତିଧର୍ମ ଇତ୍ୟାଦି କୁଳାଚାର ଓ ଦେଶାଚାର ସବୁକୁ ସେ ସନାତନ ଓ ଶାଶ୍ୱତ ଧର୍ମ ମନେ କରିଥିଲେ ଏବଂ ସେହି ସବୁ ତଥାକଥିତ ଧର୍ମରେ ଆବଦ୍ଧ ରହି ନିଜର ବ୍ୟକ୍ତିଗତ ସ୍ୱାତନ୍ତ୍ୟ ଓ ପବିତ୍ର ବିବେକ ବୁଦ୍ଧିକୁ ହରାଇଥିଲେ। ଅର୍ଜ୍ଜୁନଙ୍କର ଯେଉଁ ଦୁରବସ୍ଥା, ଆମ୍ଭମାନଙ୍କର ପ୍ରତ୍ୟେକଙ୍କର ସେହି ସେହି ଦୁରବସ୍ଥା। ଆମ୍ଭେମାନେ ମଧ୍ୟ ଲୋକଙ୍କ ମୁଖରୁ ଓ ଶାସ୍ତ୍ରମାନଙ୍କରୁ ଶୁଣିଆସୁଥିବା କଥାକୁ ସତ୍ୟ ମନେକରି ସେହି ସବୁ ଶୁଣିବା କଥାର ଅନ୍ଧାନୁସରଣ ନକଲେ ନରକ ବାସ ହେବ ବୋଲି ଭୟ କରି ନିଜେ ନିଜର ସ୍ୱଭାବନିୟତ କର୍ତ୍ତବ୍ୟ କର୍ମରେ ଅଗ୍ରସର ହୋଇପାରୁ ନାହୁଁ।

***

Digitized by srujanika@gmail.com

॥ ୫ ॥

ସଂସ୍କାରକ ବୈରାଗୀ ମିଶ୍ର **ନାରୀମଙ୍ଗଳ ସମିତି** ଓ **ବିଶ୍ୱକଲ୍ୟାଣ ସମିତି** ମାଧ୍ୟମରେ ସମାଜ ସଂସ୍କାର କାର୍ଯ୍ୟରେ ମନ ଲଗାଇଥିଲେ। ସେତେବେଳେ ରକ୍ଷଣଶୀଳ ଚିନ୍ତାଧାରାର ପ୍ରସାର ପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ପଣ୍ଡିତ ପରୀକ୍ଷିତ ଦାଶଶର୍ମା। ପରୀକ୍ଷିତ ଦାଶ କଟକର ଚୌଧୁରୀବଜାରଠାରେ **ଜ୍ଞାନ ପ୍ରଚାର** ନାମକ ଅନୁଷ୍ଠାନ ଗଠନ କରି ଏହାର ସମ୍ପାଦକ ହିସାବରେ ଶ୍ରୀମଦ୍ ଭାଗବତର ଟୀକା ଓ ଅନୁବାଦ ପ୍ରକାଶ କରିଥିଲେ। ଏହାଥିଲା ରକ୍ଷଣଶୀଳ ହିନ୍ଦୁ ସଂସ୍କୃତିର ଏକ ଅନୁଷ୍ଠାନ। କିନ୍ତୁ ବୈରାଗୀ ମିଶ୍ର ଥିଲେ ସ୍ୱାଧୀନ ଓ ପ୍ରଗତିଶୀଳ ଚିନ୍ତାର ପ୍ରସାରକ। ସେ ମଧ୍ୟ ହିନ୍ଦୁଧର୍ମ ଓ ଶାସ୍ତ୍ରକୁ ସଂସ୍କାର କାର୍ଯ୍ୟକ୍ରମରେ ଭିତ୍ତିଭୂମି ରୂପେ ଗ୍ରହଣ କରିଥିଲେ। କିନ୍ତୁ ତାଙ୍କର ଶାସ୍ତ୍ରୀୟ ବିଚାର ବୈଜ୍ଞାନିକ ଦୃଷ୍ଟିଭଙ୍ଗୀନେଇ ଗଠିତ ହୋଇଥିଲା। ସେ ଶ୍ରୀମଦ୍ ଭାଗବତ ଗୀତାର ନାନା ପ୍ରକାର ବିଶ୍ଳେଷଣ କରିଥିଲେ।

୧. ଗୀତାର ଅକୃତ୍ରିମ ଅନୁବାଦ ଓ ଟିପ୍ପଣୀ
୨. ଗୀତାର ସାରକଥା
୩. ଗୀତାର ନୂତନ ସତ୍ୟ
୪. ଗୀତା ବୁଝିବାର ଏକମାତ୍ର ପ୍ରଣାଳୀ
୫. ଗୀତା ଧର୍ମର ବିଶେଷତ୍ୱ
୬. ସଙ୍କରରୁ ବର୍ଣ୍ଣସଙ୍କର
୭. ଗୀତାର ବ୍ରାହ୍ମୀସ୍ଥିତି
୮. ଗୀତାର ଅନୁଶ୍ରୁତ୍ରମ
୯. ଗୀତାର ପରିଚୟ ଓ ସ୍ୱଧର୍ମ
୧୦. ଗୀତାର ପ୍ରବେଶ

୧୯୬୨ ମସିହା ସୁଦ୍ଧା ଏହିସବୁ ଭଗବତ୍ ଗୀତା ସମ୍ପର୍କିତ ପୁସ୍ତକ ସେ ନାନା ଦିଗରେ ପ୍ରସାରିତ କରିଥିଲେ। ତାଙ୍କର ବିଶ୍ୱକଲ୍ୟାଣ ସମିତି ଏହି ଗୀତାର ବୈଜ୍ଞାନିକ ଆଲୋଚନାରେ ବିନିଯୋଗ ହୋଇପାରିଥିଲା। ଶ୍ରୀମଦ୍ ଭାଗବତରେ ଯାହା ଲେଖାଅଛି ତାହାକୁ ମାନିବାକୁ ହେବ ଏକଥା ବୈରାଗୀ ମିଶ୍ର ଆଦୌ କହି

Digitized by srujanika@gmail.com

ନଥିଲେ। ବର୍ଣ୍ଣାଶ୍ରମ ଧର୍ମ କାହାକୁ କହନ୍ତି ଓ ତାହା କେବଳ ଭାରତବର୍ଷରେ, କେବଳ ବ୍ରାହ୍ମଣ ଜାତିରେ, କେବଳ ପୁରୁଷମାନଙ୍କ ପାଇଁ ପ୍ରତିଷ୍ଠିତ ହେବ, କି ସମସ୍ତ ସଂସାରରେ କି ପୁରୁଷ କି ସ୍ତ୍ରୀ ପ୍ରତ୍ୟେକ ମନୁଷ୍ୟ ପାଇଁ ପ୍ରତିଷ୍ଠିତ ହେବ, ଏହାହିଁ ଆଲୋଚନାର ବିଷୟ ବୋଲି ସେ ମତ ଦେଇଥିଲେ। ଯାହା ସମସ୍ତ ବିଶ୍ୱରେ ପ୍ରତ୍ୟେକ ମନୁଷ୍ୟ ପାଇଁ ସବୁ ସମୟରେ ଓ ସବୁ ଅବସ୍ଥାରେ ପ୍ରଯୁଜ୍ୟ, ତାହାର ନାମ ସନାତନ ଧର୍ମ ଓ ବର୍ଣ୍ଣାଶ୍ରମ ଧର୍ମ। ସେତେବେଳେ କିନ୍ତୁ ପରୀକ୍ଷିତ ଦାଶଙ୍କ ଜ୍ଞାନ ପ୍ରଚାର ଅନୁଷ୍ଠାନ ତରଫରୁ ପ୍ରକାଶିତ ବିବାହ ମୀମାଂସାରେ ସନାତନ ଧର୍ମାବଲମ୍ବୀ ସମ୍ପର୍କରେ ଲେଖାଯାଇଥିଲା - ଯେଉଁମାନେ ବେଦ ଓ ସ୍ମୃତିବିହିତ ସଦାଚାରକୁ ମାନି ଚାଲନ୍ତି କିମ୍ବା ବ୍ୟକ୍ତିଗତ ଭାବରେ ବା ପେଟର ଦାୟରେ ବା ସଂସର୍ଗ ଦୋଷରେ ଗୋପନରେ ଲଂଘନ କଲେ ହେଁ ସଂଘ ଭାବରେ ମାନନ୍ତି ସେହିମାନେ ସନାତନ ଧର୍ମାବଲମ୍ବୀ। ମାତ୍ର ବୈରାଗୀ ମିଶ୍ର ଏପରି ଅନିଷ୍ଟପ୍ରଦ ଧାରଣା ବହୁକାଳରୁ ବଦ୍ଧମୂଳ ହୋଇ ସାଧାରଣ ଲୋକଙ୍କ ମନରେ ରହିଥିବାରୁ ପ୍ରକୃତ ସତ୍ୟର ନିକଟବର୍ତ୍ତୀ ହେବା କଷ୍ଟକର ବ୍ୟାପାର ବୋଲି ଚିନ୍ତା କରିଛନ୍ତି। ୧୯୪୧ ମସିହାରେ ଭାଷାକୋଷ ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜ ବୈରାଗୀ ମିଶ୍ରଙ୍କ ଆଲୋଚନାଗୁଡ଼ିକ ପଢ଼ି ତାଙ୍କର ଯୁକ୍ତିନିଷ୍ଠ ବିବରଣୀକୁ ଗ୍ରହଣ କରିଯାଇ ଥିଲେ। ଭଗବତ୍ ଗୀତା ମାଧ୍ୟମରେ ବିବେକାନୁମୋଦିତ କାର୍ଯ୍ୟପାଇଁ ଅନ୍ଧାନୁସରଣ ପରିହାର କରିବା ପାଇଁ ମିଶ୍ର ବାରମ୍ବାର ନିବେଦନ କରିଥିଲେ।

ବିବାହ ସମ୍ପର୍କରେ ବୈରାଗୀ ମିଶ୍ରଙ୍କର ବିଶ୍ଳେଷଣ ଓ କାର୍ଯ୍ୟକ୍ରମ ବାସ୍ତବିକ ଅନନ୍ୟ ସାଧାରଣ । ତତ୍କାଳୀନ ସଂସ୍କାରକ ବିଶ୍ୱନାଥ କର, ଶ୍ରୀବତ୍ସ ପଣ୍ଡା, ମୋହିନୀମୋହନ ସେନାପତି, ସରଳା ଦେବୀ, ଜଳନ୍ଧର ଦେବ ପ୍ରଭୃତି ବିବାହ ସମ୍ପର୍କରେ ବହୁ ଆଲୋଚନା ପ୍ରକାଶ କରିଥିଲେ। କିନ୍ତୁ ବୈରାଗୀ ମିଶ୍ର ସମ୍ପୂର୍ଣ୍ଣ ଭିନ୍ନ ଅଥଚ ଯୁକ୍ତିପୂର୍ଣ୍ଣ ତାଙ୍କ ବିବେକାନୁମୋଦିତ ଦୃଷ୍ଟିକୋଣରୁ ପ୍ରସଙ୍ଗଟିକୁ ବିଚାର କରିଥିଲେ।

ସଂସ୍କାରକ ବୈରାଗୀ ମିଶ୍ରଙ୍କ ସମ୍ପର୍କରେ ୧୯୬୮ ମସିହାରେ ତାଙ୍କର ଦ୍ୱିତୀୟ ସାମ୍ବତ୍ସରିକ ଉପଲକ୍ଷେ କବି ମାୟାଧର ମାନସିଂହ କଳିଙ୍ଗ ସମ୍ବାଦପତ୍ର (ଫେବୃଆରୀ ୧୯ ତାରିଖରେ) ଯାହା ଲେଖିଥିଲେ ତାହା ତାଙ୍କ ସଂସ୍କାରକ ମାନସର ଉତ୍କୃଷ୍ଟ ଆକଳନ ବୋଲି ମୁଁ ମନେକରେ। ତାଙ୍କ ମତରେ ବୈରାଗୀ ମିଶ୍ର ଓଡ଼ିଶାରେ ନ ଜନ୍ମି ଅନ୍ୟ ଯେକୌଣସି ପ୍ରଦେଶରେ ଜନ୍ମଗ୍ରହଣ କରିଥିଲେ ଅନ୍ତତଃ ଭାରତ ବିଖ୍ୟାତ ଲୋକ ହୋଇଥାନ୍ତେ ଓ ଯେପରି ଦୀନହୀନ ଭାବରେ ଶେଷଜୀବନ କଟାଇଥିଲେ ସେ ଦୁର୍ଦ୍ଦଶା ଦେଖିବାକୁ ହୋଇନଥାନ୍ତା। ଆନ୍ଧ୍ର ପ୍ରଦେଶରେ ବୀରେଶ ଲିଙ୍ଗମ୍ ପାନ୍ତଲୁ ଯାହା କରିଥିଲେ ଓଡ଼ିଶାରେ ବୈରାଗୀ ମିଶ୍ର ତାହା ହିଁ କରିଥିଲେ।

Digitized by srujanika@gmail.com

ବୀରେଶ ଲିଙ୍ଗମ୍ଙ୍କର ପ୍ରତିମୂର୍ତ୍ତି ଆମେ ଆନ୍ଧ୍ରପ୍ରଦେଶରେ ଅନେକାଞ୍ଚଳରେ ଦେଖିବାକୁ ପାଇବା। ସେ କାଳରେ ହାଇସ୍କୁଲ ପଣ୍ଡିତ ସେ ଦେଶରେ ଏକ ଜାତୀୟ ବୀର। ଓଡ଼ିଆମାନେ ନିଜର ହିତୈଷୀଲୋକଙ୍କୁ ଚିହ୍ନି ପାରିବାର ଓ ଜାଣି ଆଦର କରିବାର ଗୁଣଟିକୁ ଏ ପର୍ଯ୍ୟନ୍ତ ଆୟତ କରିଛନ୍ତି ବୋଲି ମନେ ହେଉନାହିଁ। ମିଶ୍ର ଯାହା କହୁଥିଲେ ବା କରୁଥିଲେ ତାହା ଏକାନ୍ତ ଭାବରେ ଯେ ଜନହିତୈଷୀ ପାଇଁ ଏଥିରେ ଦ୍ୱିମତ ନଥାଇପାରେ। ଗତ କେତେ ବର୍ଷ ଧରି ଆମେ ଏଦେଶରେ ସତ୍‌ପୁରୁଷର ଲକ୍ଷଣ ବୋଲି ଧରିଆସିଲୁ ଖଦଡ ପରିଧାନ ବା କାରାଗମନ ବା କେତେକ ସ୍ଲୋଗାନ୍ ଗାନ ଇତ୍ୟାଦି, କିନ୍ତୁ ମିଶ୍ରେ ଲେବୁଲ୍ ମରା ସତ୍ୟାଗ୍ରହୀ ନଥିଲେସତ, କିନ୍ତୁ ସେ ପ୍ରକୃତରେ ଥିଲେ ଏକ ଖାଣ୍ଟି ପୁରୁଷ ଓ ଅସାଧାରଣ ପୁରୁଷ। ଅସାଧାରଣ ନୁହେଁ ବା ସତ୍ ପୁରୁଷ ମଧ୍ୟ ନୁହେଁ, ଯିଏ ସ୍ଲୋଗାନ ଗାଇ ନାଚନ୍ତି। ସତ୍‌ପୁରୁଷ ସେହି ଯେ ସତ୍ୟଚିନ୍ତା କରିବାର ସତ୍‌ମାର୍ଗ ଅନୁସରଣ କରିବାର ଶକ୍ତି ଦେଖାଏ। ସାମାନ୍ୟ ଏକ କିଲଟରୀ ଅଫିସର କିରାଣୀ ବୈରାଗୀ ମିଶ୍ର। ସତ୍ୟଚିନ୍ତା କରିବା ଓ ସେହି ସତ୍ୟକୁ ନିଜ ଜୀବନରେ ଦେଖିବାର ଯେ ଦୂର୍ବାର ବ୍ୟାକୁଳତା ସେ ଦେଖାଇ ପାରିଲେ ତାହା ଭାବି ମାନସିଂହ ବିସ୍ମିତ ହୋଇଥିଲେ। ଯେଉଁ ନିର୍ଭୀକତା ଓ ଅନ୍ତର୍ଦୃଷ୍ଟି ନେଇ ବିଶ୍ୱର ପ୍ରସିଦ୍ଧ ନରନାରୀମାନେ ଆସିଥାନ୍ତି କିରାଣୀ ମିଶ୍ରେ ତାର ଏକ କଣିକା ନେଇ ଆସିଥିଲେ। ସଂଖ୍ୟାଗରିଷ୍ଠ ଜନତାର ମୁର୍ଖତା ବିରୁଦ୍ଧରେ ଅବିକଳ ଭାବରେ ଦଣ୍ଡାୟମାନ ହେବା ପାଇଁ ରଣଭୂମିରେ ବୀରଠାରୁ ଅଧିକ ସାହସ ଆବଶ୍ୟକ। ଏ ସଂସାରରେ କାବ୍ୟ ଚିତ୍ରଶିଳ୍ପ ରଚନା ରାଷ୍ଟ୍ରୀୟ ସମାରୋହ ବା ସାମାଜିକ ଆଡ଼ମ୍ବର ଅପେକ୍ଷା ଯେଉଁଠି ମନୁଷ୍ୟର ଦୁଃଖ ନିରାକୃତ ହେବାର ଦେଖିବା ତାହା ହିଁ ମହତ୍ତମ ଚିତ୍ର।

ଏହି କାରଣରୁ ହିଁ ବୁଦ୍ଧ, ଖ୍ରୀଷ୍ଟ, ଗାନ୍ଧୀଙ୍କୁ ସମଗ୍ର ମାନବ ଜାତି ନମସ୍କାର ଦେଉଛି। ବୈରାଗୀ ମିଶ୍ର ଶତଶତ ଦରିଦ୍ର ବ୍ରାହ୍ମଣ ପିଲାଙ୍କର ଦୀର୍ଘ ନିଶ୍ୱାସ ଘୁଞ୍ଚାଉଛନ୍ତି ଓ ଶତଶତ ଦରିଦ୍ର ବିଧବାର ଅଶ୍ରୁମୋଚନ ଦୂର କରି ଯାଇଅଛନ୍ତି ଓ ସମଗ୍ର ଜାତି କିପରି କୁସଂସ୍କାର ଶୂନ୍ୟ, ସରଳ ଜୀବନ, ଛାତିସୁଖ ଭୋଗ କରିବ ତାର ବାଣୀ ଓ ଆଦର୍ଶ ଦେଖାଇ ଯାଇଛନ୍ତି। ତେଣୁ ସେ ଜାତିର ଚିରନମସ୍ୟ। ଆମେ ଯେନେତେନ ପ୍ରକାରେଣ ଶିକ୍ଷ୍ୟ ଗ୍ରହଣ କରି ପଣ୍ଡିତର ସମ୍ମାନ ଦାବି କରିବାକୁ ଶିଖୁଛୁ। କିନ୍ତୁ ଏ ଭଣ୍ଡତା ବଜାରରେ ବିକା କିଣା ହେବ ସିନା ଆମର ଅନ୍ତଃଲୋକ ଏହାକୁ ସ୍ୱୀକୃତି ଦେଇନପାରେ। ପାଣ୍ଡିତ୍ୟ କେବଳ ଆସେ ସ୍ୱାଧୀନ ଚିନ୍ତାଶକ୍ତିରୁ, କିରାଣୀ ମିଶ୍ରେ ଏହି ଅସାଧାରଣ ଗୁଣରେ ଗୁଣୀ ଥିଲେ। ତେଣୁ ସଂସ୍କୃତରେ ବିଦ୍ୱାନ ନଥିଲେ ହେଁ ଗୀତାର ସ୍ୱତନ୍ତ୍ର Interpretation ସେ ଦେଇ ପାରିଛନ୍ତି। ସେ Interpretation ହସରେ

Digitized by srujanika@gmail.com

ଉଡ଼େଇ ଦେବାର କଥାନୁହେଁ, ତାହା ନିଶ୍ଚିତ ଭାବରେ ବିଚାରଣୀୟ। ସେହିପରି ବା ଅଧିକ ବିଚାରଣୀୟ ତାଙ୍କର କୁସଂସ୍କାରହୀନ ଜୀବନର ଆଦର୍ଶ ଓ ପ୍ରେରଣା। ତାହା ହିଁ ଆମର ପ୍ରକୃତ କଲ୍ୟାଣ। ବୈରାଗୀ ମିଶ୍ରେ ଚିରକାଳ କଲ୍ୟାଣର ପଥଦର୍ଶକ ଭାବରେ ଓଡ଼ିଆ ଜାତିର ସାଲ୍ୟୁଟ୍ ପାଉଥାନ୍ତୁ।

ପୁଣ୍ୟଶ୍ଳୋକ ବୈରାଗୀ ମିଶ୍ରଙ୍କ ମହିମାନ୍ୱିତ ବ୍ୟକ୍ତିତ୍ୱର ସମ୍ପୂର୍ଣ୍ଣ ଓ ଯଥାର୍ଥ ଅବବୋଧ କିଛି ସହଜ କଥା ନୁହେଁ ବୋଲି ପ୍ରଫେସର ଗଗନେନ୍ଦ୍ର ନାଥ ଦାଶ ତାଙ୍କ ପ୍ରବନ୍ଧରେ ସୂଚାଇଛନ୍ତି। (ଦାଶ ଗଗନେନ୍ଦ୍ର ନାଥ, ସ୍ମିତଧି, ସମାଜ ସଂସ୍କାରକ ବୈରାଗୀ ଚରଣ ମିଶ୍ରଙ୍କ ଆତ୍ମଜୀବନୀ, ଭୁବନେଶ୍ୱର, ୧୯୯୯,ପୃ-୧୪-୧୬) ତାଙ୍କର ବହୁ ଉଜ୍ଜଳ ଦିଗସମ୍ପନ୍ନ ମହିମାମୟ ବ୍ୟକ୍ତିସତ୍ତାର ଯଥାର୍ଥ, ପ୍ରକୃତ ଓ ସମ୍ପୂର୍ଣ୍ଣ ପରିଚୟ ଦେବାମଧ୍ୟ ସହଜ କଥା ନୁହେଁ। (ତତ୍ରୈବ) ପ୍ରଫେସର ଦାଶଙ୍କ ଭାଷାରେ-ଏଇ ଆମ ଚିହ୍ନା ପୃଥିବୀର ସାଧାରଣ ମଣିଷଟିଏ କିପରି ସାଧନା ବଳରେ ଜଣେ ଅସାଧାରଣ ବ୍ୟକ୍ତିରେ ପରିଣତ ହୋଇପାରେ, ସାଧାରଣ ମଣିଷଟିଏ ଭିତରେ କିପରି ଏକ ଅସାଧାରଣ ବ୍ୟକ୍ତିସତ୍ତା ଆତ୍ମଗୋପନ କରିଥାଇପାରେ ଆଉ ଦୁର୍ଦ୍ଦମନୀୟ ସଂକଳ୍ପର ଆଗ୍ନେୟ ସ୍ପର୍ଶରେ ହିଁ ତାହାର ଆତ୍ମଜାଗରଣ ଓ ପରିପ୍ରକାଶ ସମ୍ଭବ ହୋଇପାରେ- ଏ ସତ୍ୟର ପ୍ରକୃଷ୍ଟ ଉଦାହରଣ ଥିଲେ ସିଏ। ସମାଜରେ ନାରୀ ଜାତିକୁ ପରଦା ଓ ଓଢ଼ଣାର ଆଢୁଆଳରେ ରଖାଯାଇ ସେମାନଙ୍କ ବ୍ୟକ୍ତିସତ୍ତାକୁ କ୍ଷୁଣ୍ଣ ଓ ଖର୍ବୀୟିତ କରାଯାଉଥିବାରୁ ସେମାନଙ୍କର ବ୍ୟକ୍ତିସତ୍ତା ବିକାଶର ସୁଯୋଗକୁ ପ୍ରତି ପଦେ ପଦେ ପ୍ରତିହତ ପ୍ରତିରୋଧ କରାଯାଉଥିବାରୁ ସେମାନଙ୍କୁ ଶିକ୍ଷାଲାଭରୁ ବଞ୍ଚିତକରି ଅଜ୍ଞାନତାର ଅନ୍ଧକାର ମଧ୍ୟରେ ଆବଦ୍ଧକରି ରଖାଯାଉଥିବାରୁ ସେ ସବୁର ନିରାକରଣ ଉଦ୍ଦେଶ୍ୟରେ ସେ ନାରୀମାନଙ୍କୁ ସଚେତନ କରାଇବା ସହ ସେ ଦିଗରେ ଆହୁରି ଅନେକ ପଦକ୍ଷେପ ତ ନେଇଥିଲେ; ପୁଣି ବିଧବା, ବିଶେଷ ଭାବରେ ବାଳୁତ ବିଧବା-ବା ତାଙ୍କରି ଭାଷାରେ ବିବରାମାନଙ୍କ ବିବାହ ଓ ପୁନର୍ବିବାହ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣପୂର୍ବକ ଏକ ବଡ଼ ସାମାଜିକ ଆନ୍ଦୋଳନର ସୂତ୍ରପାତ ମଧ୍ୟ କରିଥିଲେ। ପ୍ରଫେସର ଦାଶଙ୍କର ଏହି ଆକଳନ ଓଡ଼ିଶାରେ ସମାଜ ସଂସ୍କାର ଚର୍ଚ୍ଚାର ଏକ ବିଶିଷ୍ଟ ଦିଗ। ଆମ ପାରମ୍ପରିକ ସମାଜର ମୌଳିକ ପ୍ରକୃତିକୁ ତାର ସଂରଚନା (Structure) କୁ ମୋଟା ମୋଟି ବା ଊଣା ଅଧିକେ ଅକ୍ଷୁଣ୍ଣ ରଖି ସେଥିରେ କାଳକ୍ରମେ ସୃଷ୍ଟି ହୋଇଥିବା ମୂଲ୍ୟବୋଧର ଅବକ୍ଷୟଜନିତ ବିକୃତିକୁ ଧୋଇ ପୋଛି ସଫା କରିଦେବାର ଉଦ୍ୟମ ସେ କରିଥିଲେ। ସେହି ଉଦ୍ୟମ ପଛରେ ସେ ଶାସ୍ତ୍ରର ନୂତନ ମୂଲ୍ୟାୟନ ଉପସ୍ଥାପନ କରିଥିଲେ ମଧ୍ୟ ତାହା ପ୍ରାଚୀନପନ୍ଥୀମାନଙ୍କୁ ବୁଝିବାକୁ ଯଥେଷ୍ଟ ଉପାଦାନ ଯୋଗାଇନଥିଲା।

Digitized by srujanika@gmail.com

ଉପାଦାନ ପଞ୍ଜିକା

।। କ ।।

ବୈରାଗୀ ମିଶ୍ରଙ୍କ ମୂଳ ରଚନାମାଳା

୧. ନାରୀମଙ୍ଗଳ, ୧୯୪୦

୨. ବିବାହ, ୧୯୩୭

୩. ବାଲବିଧବା ବିବାହ

୪. ଯାଏ ଜବାବ ଓ ପୁଅବିକ୍ରି, ନାରୀମଙ୍ଗଳ ସମିତି, କଟକ, ୧୯୩୭

୫. ଅନ୍ୟାୟ ବୈଧବ୍ୟ ଓ ବିଧବା ବିବାହ, ନାରୀମଙ୍ଗଳ ସମିତି, କଟକ

୬. ବିଧବା ବିବାହ

୭. ଭୟ କର ନାହିଁ

୮. ଅପ୍ରକୃତ ବିଧବାର ପ୍ରକୃତ ବିବାହ

୯. ବିବରା ବିବାହ

୧୦. ସୁଖାନ୍ୱେଷଣ

୧୧. ସତ୍ୟାନୁସନ୍ଧାନ, ଗଙ୍ଗାମନ୍ଦିର, ୧୯୩୦

୧୨. ଜାଗରଣ

୧୩. ଶ୍ରୀ ଗୁରୁଚରଣେ

୧୪. ଭଗବାନ ଓ ଭବିଷ୍ୟତ, ବିଶ୍ୱକଲ୍ୟାଣ ଆଶ୍ରମ, ଶେଖ୍‌ବଜାର, କଟକ

୧୫. ଆଦର୍ଶ ଉପବୀତ ଗ୍ରହଣ, ବିଶ୍ୱକଲ୍ୟାଣ ସମିତି, କଟକ

୧୬. ଫଳିତ ଜ୍ୟୋତିଷ ଓ ମିଥ୍ୟାପ୍ରଚାର, ବିଶ୍ୱକଲ୍ୟାଣ ସମିତି, କଟକ

୧୭. ବିଶ୍ୱକଲ୍ୟାଣ, ବିଶ୍ୱକଲ୍ୟାଣ ସମିତି, କଟକ

୧୮. ଗାୟତ୍ରୀ ତତ୍ତ୍ୱ, ବିଶ୍ୱକଲ୍ୟାଣ ସମିତି, କଟକ

୧୯. ପ୍ରତିଜ୍ଞାପତ୍ରର ବିଶ୍ଳେଷଣ, ବିଶ୍ୱକଲ୍ୟାଣ ସମିତି, କଟକ

୨୦. ଧର୍ମ, ନାରୀମଙ୍ଗଳ ସମିତି, କଟକ, ୧୯୩୮

୨୧. ସ୍ୱଧର୍ମ, ନାରୀମଙ୍ଗଳ ସମିତି, କଟକ

୨୨. ଅନ୍ଧ ଅନୁସରଣ ଓ ଉପନୟନ, ନାରୀମଙ୍ଗଳ ସମିତି, କଟକ

୨୩. ସଙ୍କରରୁ ବର୍ଣ୍ଣସଙ୍କର, ନାରୀମଙ୍ଗଳ ସମିତି, କଟକ

Digitized by srujanika@gmail.com

୨୪. ବ୍ୟକ୍ତି ଓ ସମାଜ, ବିଶ୍ୱକଲ୍ୟାଣ ସମିତି, କଟକ ୧୯୬୨
୨୫. ସ୍ୱଭାବନିୟତ ଜୀବନ ଯୁଦ୍ଧ, ପ୍ରଥମ ସଂସ୍କରଣ, ବିଶ୍ୱକଲ୍ୟାଣ ସମିତି, ସେକ୍ ବଜାର, କଟକ
୨୬. ଗୀତା (ଅକୃତ୍ରିମ ଅନୁବାଦ ଓ ଟିପ୍ପଣୀ ସହ)
୨୭. ଗୀତାର ସାରକଥା
୨୮. ଗୀତାର ନୂତନ ସତ୍ୟ
୨୯. ସିକ୍ରେଟ୍ସ୍ ଅଫ ଦି ଗୀତା (ଇଂରାଜୀ)
୩୦. ଗୀତା ବୁଝିବାର ଏକମାତ୍ର ପ୍ରଣାଳୀ
୩୧. ଗୀତା ଧର୍ମର ବିଶେଷତ୍ୱ
୩୨. ଗୀତାର ବ୍ରାହ୍ମୀସ୍ଥିତି
୩୩. ଗୀତାର ଅନୁଶୁଶ୍ରୁମ
୩୪. ଗୀତାର ପରିଚୟ
୩୫. ଗୀତାର ପ୍ରବେଶ

।। ଖ ।।

୧. ମାନସିଂହ ମାୟାଧର, "ବୈରାଗୀ ମିଶ୍ରେ," କଳିଙ୍ଗ ସମ୍ବାଦପତ୍ର, ୧୯ ଫେବୃଆରୀ, ୧୯୬୮ ।
୨. ମିଶ୍ର ବେଣୁଧର, "ସଂସ୍କାରକ ବୈରାଗୀଚରଣ," ସମାଜ ସମ୍ବାଦପତ୍ର), ୧୯ ଫେବୃଆରୀ, ୧୯୭୦, ପୃ -୪
୩. ସ୍ୱାଇଁ ଶୁଭ ନାରାୟଣ, "ସମାଜ ସଂସ୍କାରକ ବୈରାଗୀଚରଣ," ପ୍ରଜାତନ୍ତ୍ର (ସମ୍ବାଦପତ୍ର), ୧୯ ଫେବୃଆରୀ, ୧୯୭୦, ପୃ -୫
୪. ଦାଶ ଗଗନେନ୍ଦ୍ର ନାଥ "ସ୍ଥିତଧି", ସମାଜ ସଂସ୍କାରକ ବୈରାଗୀଚରଣ ମିଶ୍ରଙ୍କ ଆତ୍ମଜୀବନୀ (ସଂ, ଆଚାର୍ଯ୍ୟ ଭାବାନନ୍ଦ), ଭୁବନେଶ୍ୱର, ୧୯୯୯, ପୃ - ୧୪ - ୧୮
୫. ନାୟକ ବୀରେନ୍ଦ୍ର କୁମାର *"Orissa Vidyasagar and Widow Remarriage,"The Golden Book of Vidyasagar, Calcutta, 1993.*

Digitized by srujanika@gmail.com

୬. ନାୟକ ଗୌରାଙ୍ଗ ଚରଣ "Bairagi Mishra and His Gita, Essays on Religion, Bhubaneswar, 1989.
୭. ମିଶ୍ର ବୈରାଗୀ ଚରଣ, ଉଗୁଣା କେବେ ଉଠିବ ? ସହକାର, ୧୩/୪, ପୃ - ୩୫୧ - ୩୫୪
୮. ମିଶ୍ର ବୈରାଗୀ ଚରଣ, "ବିବାହ ଓ ଗର୍ଭାଧାନ," ସହକାର, ୧୪/୧୧, ପୃ - ୩୪୮ - ୩୫୨
୯. ମହାନ୍ତି ଗୋପୀନାଥ, "ସ୍ୱଧର୍ମ," ସହକାର, ୧୯୩୮, ୧୯/୨
୧୦. ସାହୁ ବୈଦ୍ୟନାଥ, "ସ୍ୱଧର୍ମ," ସହକାର, ୧୯/୩, ପୃ - ୨୦୯ - ୨୧୨,
୧୧. ବର୍ମା ବିକ୍ରମଦେବ, "ବିବରା ଶବ୍ଦ ଠିକ୍ ନୁହେଁ," ଆଶା ସମ୍ବାଦପତ୍ର, ବ୍ରହ୍ମପୁର, ୧୯୩୪, ଫେବୃଆରୀ ୫ ।
୧୨. କର କୃଷ୍ଣଚନ୍ଦ୍ର, "ବିବରା ଶବ୍ଦର ସାର୍ଥକତା," ଆଶା, ୧୯୩୪, ଫେବୃଆରୀ ୧୯ ।
୧୩. ବଡାଲ ହରିଶ୍ଚନ୍ଦ୍ର, "ବିବରା ଶବ୍ଦର ଶୁଦ୍ଧା ଶୁଦ୍ଧତା", ନବୀନ, ବ୍ରହ୍ମପୁର, ମାର୍ଚ୍ଚ ୩, ୧୯୩୪
୧୪. ମିଶ୍ର ବୈରାଗୀ ଚରଣ, "ମାତୃତ୍ୱର ପ୍ରତିଷ୍ଠା", ଆଶା, ୬ ଜୁଲାଇ, ୧୯୩୬
୧୫. ମହାପାତ୍ର ଚକ୍ରଧର, "ନାରୀମଙ୍ଗଳ", ସହକାର, ୧୧/୬, ପୃ - ୨୬୭ - ୨୬୮

***

Digitized by srujanika@gmail.com

ଲେଖକଙ୍କ ପ୍ରକାଶିତ ପୁସ୍ତକ

୧ – Legend, History and Culture of India, Calcutta, 1997

୨ - ଆଞ୍ଚଳିକ ଜନଶ୍ରୁତି ଓ ଇତିହାସ, ଭୁବନେଶ୍ୱର ୨୦୦୦

୩ - ନବଜାଗୃତିର ଅନନ୍ୟ ସାରଥି, କୃପାସିନ୍ଧୁ ନରେନ୍ଦ୍ର ଦେବ, ବ୍ରହ୍ମପୁର,୨୦୦୩

୪ - ଓଡ଼ିଶା ବାହାରେ ଓଡ଼ିଆ ଜାଗୃତି, ଭୁବନେଶ୍ୱର, ୨୦୦୩

୫ - ଅବିସ୍ମରଣୀୟ ସଂସ୍କାରକ, ଜୟମଙ୍ଗଳ ରଥ, ବ୍ରହ୍ମପୁର, ୨୦୦୫

Digitized by srujanika@gmail.com

ଲେଖକ ପରିଚୟ

ଡକ୍ଟର କୈଳାସ ଚନ୍ଦ୍ର ଦାଶ (ଜନ୍ମକାଳ ଅଗଷ୍ଟ ୫, ୧୯୫୪) ଓଡ଼ିଶାର ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ ଭାବେ କାର୍ଯ୍ୟ କରିଛନ୍ତି । ଓଡ଼ିଶା ଇତିହାସ, ସାହିତ୍ୟ ଓ ସମାଜ, ସଂସ୍କୃତି ସମ୍ପର୍କିତ ତାଙ୍କର ବହୁ ପ୍ରବନ୍ଧ ଦେଶ ଓ ବିଦେଶରେ ପତ୍ରପତ୍ରିକା ମାନଙ୍କରେ ପ୍ରକାଶ ପାଇଛି । ସେ ଗଙ୍ଗ ନରପତି ଚୋଡ଼ଗଙ୍ଗ ଦେବଙ୍କ ସମ୍ପର୍କରେ ଗବେଷଣା କରି ୧୯୮୭ ମସିହାରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପିଏଚ୍.ଡ଼ି ଉପାଧି ଲାଭ କରିଛନ୍ତି । ସେ ବର୍ତ୍ତମାନ ବ୍ରହ୍ମପୁର ବିନାୟକ ଆଚାର୍ଯ୍ୟ ମହା -ବିଦ୍ୟାଳୟର ଇତିହାସ ପ୍ରାଧ୍ୟାପକ ରୂପେ କାର୍ଯ୍ୟ କରୁଛନ୍ତି ।

Digitized by srujanika@gmail.com